R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତ୍ତମ ବର୍ଷ
ସଂଖ୍ୟା : ୦୩
ତିଥି : ପୂର୍ଣ୍ଣିମା
୦୭ ଅକ୍ଟୋବର ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA


ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

# କର୍ଫ୍ୟୁ ଆଉ ୨୪ ଘଣ୍ଟା, ଶାନ୍ତ ହେଉଛି କଟକ

କଟକ, ୬ ।୧୦ (ସବ୍ୟୁ) : ଧୀରେ ଧୀରେ କଟକ ହେଉଛି ଶାନ୍ତ। ଅଶାନ୍ତ ହୋଇଥିବା କଟକରେ ଉତ୍ତେଜନା କ୍ରମଶଃ ହ୍ରାସ ପାଉଥିଲାବେଳେ ପୋଲିସ୍‌ର ସୁରକ୍ଷା ଏବେବି ବଳବତ୍ତର। ଦୁର୍ଗାପୂଜା ଭସାଣି ଗୋଷ୍ଠୀ ସଂଘର୍ଷ ପ୍ରତିବାଦରେ କଟକ ବନ୍ଦ ଡାକରା ଦେଇଥିବା ବିଶ୍ୱହିନ୍ଦୁ ପରିଷଦର କର୍ମୀ ଓ ପୋଲିସ୍ ମଧ୍ୟରେ କାଲି ଯେଉଁ ଖଣ୍ଡଯୁଦ୍ଧ ହୋଇଥିଲା ତାହାର ଫଳ ସ୍ୱରୂପ କଟକ ଅଶାନ୍ତ ହୋଇ ପଡିଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ୩୬ଘଣ୍ଟିଆ କର୍ଫ୍ୟୁ ଘୋଷଣା କରାଯାଇଥିଲା। (୯ ପୃଷ୍ଠାରେ)



- ୬୦ ପ୍ଲାଟୁନ୍ ପୋଲିସ୍ ନଜରରେ କଟକ
- ଭାଇଚାରା ଭାଙ୍ଗିବାକୁ ହୋଇଛି ଷଡଯନ୍ତ୍ର : ଶାନ୍ତି କମିଟି
- ଇଣ୍ଟରନେଟ୍ ସେବା ଆହୁରି ୨୪ଘଣ୍ଟା ଅଚଳ
- ୩ଟି ମାମଲା ରୁଜୁ, ୮ ଗରିଫ
- ୧୩ ଥାନା ଅଞ୍ଚଳରୁ ୩ ଶହ ଅମାନିଆ ଅଟକ
- ସୋସିଆଲ୍ ମିଡିଆକୁ ବିଶ୍ୱାସ କରନ୍ତୁ ନାହିଁ
- ଯିଏ ହେଉ ନା କାହିଁକି ଆଇନ୍ ଉଲ୍ଲଙ୍ଘନ କଲେ କାର୍ଯ୍ୟାନୁଷ୍ଠାନ

## ନୂଆପଡାରେ ୧୧୦୦ କୋଟିର ପ୍ରକଳ୍ପ ଘୋଷଣା

ଭୁବନେଶ୍ୱର/ନୂଆପଡା ୬ ।୧୦ (ସବ୍ୟୁ): ନୂଆପଡା ବାସୀଙ୍କ ପାଇଁ ମୋ ଦୁଆର ସବୁବେଳେ ଖୋଲା। ସେମାନେ ଯେତେବେଳେ ଚାହିଁବେ, ମୋତେ ଭେଟିପାରିବେ। ସେମାନଙ୍କ କୌଣସି ସମସ୍ୟା ଯଦି ମୋ ନଜରକୁ ଆସେ, ତେବେ ସେ ସବୁକୁ ଗୁରୁତ୍ୱ ଦିଆଯାଇ ସମାଧାନ କରିବାକୁ ଉଦ୍ୟମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆପଡା ଗସ୍ତ କରି ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଏହା କହିଛନ୍ତି।

ନୂଆପଡା ଉପନିର୍ବାଚନ ଘୋଷଣା ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୂଆପଡା ଗସ୍ତ କରି ୧୧୦୦ରୁ ଅଧିକ କୋଟି



ପ୍ରକଳ୍ପର ଘୋଷଣା କରିବା ସହ ଖରିଆର ରୋଡ୍‌କୁ ମ୍ୟୁନିସିପାଲଟି ଓ କୋମନା ଏବଂ ସିନାପଲ୍ଲୀକୁ ନୂତନ ଏନ୍‌ଏସି ଭାବେ ଘୋଷଣା କରିଛନ୍ତି। (୯ ପୃଷ୍ଠାରେ)

## ନଭେମ୍ବର ୧୧ରେ ନୂଆପଡ଼ା ଉପନିର୍ବାଚନ

ଭୁବନେଶ୍ୱର, ୬ ।୧୦ (ସବ୍ୟୁ): ବହୁ ପ୍ରତୀକ୍ଷିତ ନୂଆପଡ଼ା ଉପନିର୍ବାଚନ ପାଇଁ ଆଜି ଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ଆସନ୍ତା ନଭେମ୍ବର ୧୧ ତାରିଖରେ ମତଦାନ ହେବ। ନଭେମ୍ବର ୧୪ ତାରିଖରେ ମତଦାନର ଗଣତି ହେବା ସହିତ ଫଳାଫଳ ପ୍ରକାଶ ପାଇବ । ଏଥିପାଇଁ ଚଳିତ ଅକ୍ଟୋବର ୧୩ ତାରିଖ ଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଅକ୍ଟୋବର ୨୦ ତାରିଖକୁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରଖାଯାଇଛି ।ଅକ୍ଟୋବର ୨୨ରେ ପ୍ରାର୍ଥୀପତ୍ର ଯାଞ୍ଚ ହେବ । ଅକ୍ଟୋବର ୨୪ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିବ। ନଭେମ୍ବର ୧୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରସନ୍ଥ ଗୋପାଳନ ( ୯ ପୃଷ୍ଠାରେ)

- ସମସ୍ତ ବୁଥରେ ହେବ ୱେବ୍ କାଷ୍ଟିଂ
- ଲାଗୁ ହେଲା ଆଦର୍ଶ ଆଚରଣ ବିଧି
- ୧୩ରୁ ନାମାଙ୍କନ, ୨୪ରେ ପ୍ରତ୍ୟାହାର
- ନଭେମ୍ବର ୧୪ରେ ଭୋଟ ଗଣତି

## ମେଡିସିନ୍‌ରେ ୩ ଜଣଙ୍କୁ ନୋବେଲ

ନୂଆଦିଲ୍ଲୀ, ୬ ।୧୦ ଭେଷଜ୍ (ମେଡିସିନ୍)ରେ ଏଥର ୩ ଡାକ୍ତରଙ୍କୁ ମିଳିତ ଭାବେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ପେରିଫେରଲ ଇମ୍ୟୁନିଟ୍ ସମ୍ପର୍କିତ ସହିତ ଗବେଷଣା ପାଇଁ ୨୦୨୫ରେ ମେଡିସିନ୍ କ୍ଷେତ୍ରରେ ଆମେରିକୀୟ ବୈଜ୍ଞାନିକ ମେରି ବ୍ରଙ୍କୋ ଫ୍ରେଡ୍ ରାମସଡେଲ୍ ଓ ଜାପାନର ସିମାନ ସାକାଗୁଚି ଏହି ପୁରସ୍କାର ପାଇବେ। ସ୍ୱିଡେନ୍‌ର କାରୋଲିନାସ୍କା ଇନଷ୍ଟିଚ୍ୟୁଟ୍ ନୋବେଲ ଆସେମ୍ବ୍ଲି ଏହି ପୁରସ୍କାର ଘୋଷଣା କରିଛନ୍ତି। ନୋବେଲ ବିଜେତାଙ୍କୁ ପରସ୍କାର ସ୍ୱରୂପ ୧.୨ ମିଲିୟନ ଡଲାର ଓ ସ୍ୱର୍ଣ୍ଣ ପଦକ ମିଳିବ।

କର୍କଟ ଓ ଅଟୋଇମ୍ୟୁନ୍ ରୋଗର ଚିକିତ୍ସା ପାଇଁ ନୂଆ ଉପାୟ ବାହାର କରାଯାଇଛି। ବୈଜ୍ଞାନିକମାନେ ସ୍ୱାଶ ପ୍ରତିରକ୍ଷା ସହନଶୀଳତା ଉପରେ ସେମାନଙ୍କ କ୍ରାନ୍ତିକାରୀ ଗବେଷଣା ଉପରେ ଏହି ପୁରସ୍କାର ପାଇଛନ୍ତି। ଏହି ପ୍ରକ୍ରିୟା ଦ୍ୱାରା ଆମ ପ୍ରତିରକ୍ଷା ପ୍ରଣାଳୀ ଶରୀରର ନିଜସ୍ୱ ଟିସୁ ଗୁଡିକ ଆକ୍ରମଣ କରେ ନାହିଁ। ବରଂ ସ୍ୱୟଂ ଭାବେ ଚିହ୍ନଟ କରିଥାଏ। ଅକ୍ଟୋବର ୬ ରୁ ଆରମ୍ଭ ହୋଇଥିବା ନୋବେଲ ପୁରସ୍କାର ଘୋଷଣା ଅକ୍ଟୋବର ୧୩ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଡସେମ୍ବର ୧୦ ସ୍ୱିଡେନ୍ ଓ ନରୱେ ରାଜ ପରିବାରଙ୍କ ଉପସ୍ଥିତିରେ ଏହି ପୁରସ୍କାର ସମାରୋହ ଅନୁଷ୍ଠିତ ହେବ।




### ଏସ୍‌ଆଇ ପରୀକ୍ଷା ଜାଲିଆତି

## ଆଉ ଜଣେ ଗିରଫ

ବାଲେଶ୍ୱର, ୬ ।୧୦ (ସବ୍ୟୁ): ବହୁଚର୍ଚ୍ଚିତ ପୋଲିସ ଏସଆଇ ପରୀକ୍ଷା ନିଯୁକ୍ତି ଜାଲିଆତି ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ତନାଘନା ଜାରି ରହିଛି । ତଦନ୍ତ ଯେତେ ଆଗକୁ ଯାଉଛି, ରହସ୍ୟ ସେତେ ପଦାକୁ ଆସୁଛି । ର୍ୟାକେଟର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଫେରାର ଥିବାବେଳେ ତାଙ୍କର ସବୁ ଲିଙ୍କ ଓ କେଳେଙ୍କାରୀର ପର୍ଦ୍ଦାଫାଶ କରିବାକୁ କ୍ରାଇମବ୍ରାଞ୍ଚ ଛାନଭିନ ଚଳାଇଛି ।

ଏସଆଇ ପରୀକ୍ଷା ଜାଲିଆତିରେ ବାଲେଶ୍ୱରରୁ ଆଉ ଜଣଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ । ଗିରଫ ଅଭିଯୁକ୍ତ ହେଲେ ସଦର ବ୍ଲକ ଚାନ୍ଦିପୁର ଥାନା ତପସ୍ୱୀ ଗ୍ରାମର ଯୁବକ ଚନ୍ଦନ ମଲ୍ଲିକ । ସେ ଜଣେ ଯୁବନେତା ଓ ସମାଜସେବୀ ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ରବିବାର ବିଳମ୍ବିତ ରାତିରେ ଚଢ଼ାଉ କରି କ୍ରାଇମବ୍ରାଞ୍ଚର ଏକ ଟିମ ତାଙ୍କୁ ଗିରଫ କରି ପଚରାଉଚରା ଜାରି ରଖିଛି । ଏହି ଘଟଣାରେ କ୍ରାଇମବ୍ରାଞ୍ଚ ରବିବାର ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ନାବରା ଗ୍ରାମର ଅରବିନ୍ଦ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅରବିନ୍ଦ ମାଷ୍ଟରମାଇଣ୍ଡ ଶଙ୍କରଙ୍କର ସହଯୋଗୀ ତଥା ପଞ୍ଚମ ମଧ୍ୟସ୍ଥ ବୋଲି କୁହାଯାଉଛି ।






## ସୋସିଆଲ କୋଟ୍ସ



"ଜୀବନରେ ଅନେକ କ୍ଷେତ୍ରରେ ବିଫଳତା ଦେଖିଛି । ପ୍ରେମ, କ୍ୟାରିୟର ସବୁଥିରେ ବିଫଳ ହୋଇଛି । ଅନେକ ଷ୍ଟ୍ରଗଲ ପରେ ଯାଇ ସଫଳତା ମିଳିଥିଲା ।

ମନୋଜ ବାଜପେୟୀ, ଅଭିନେତା



"ଭଉଣୀର ନିର୍ବନ୍ଧ ମୋ ପାଇଁ ଯେତିକି ଖୁସିର ମୁହୂର୍ତ୍ତ ଥିଲା ସେତିକି ଭାବପ୍ରବଣତାର ମଧ୍ୟ । ବର୍ତ୍ତମାନ ମା'ଙ୍କ ଅଭାବ ଆହୁରି ଅଧିକ ଜଣାପଡିବ ।

ଅର୍ଜୁନ କପୁର, ଅଭିନେତା



"ଯେତେବେଳେ ମୁଁ ଶୋ'ରୁ ବାହାରକୁ ଆସିଲି, ସେତେବେଳେ ମୋତେ ଧମକ ମିଳିଥିଲା । ବଳତ୍କାର ସହିତ ଜୀବନରୁ ମାରିଦେବ ଭଳି ଧମକ ମଧ୍ୟ ମିଳିଛି । ମୁଁ ଏନେଇ ମେକର୍ସଙ୍କୁ ସୂଚନା ଦେଇଛି ।

ଅହାନା କୁମରା, ଅଭିନେତ୍ରୀ

୧୫୮୬– ଚକ୍ ରାଜବଂଶର ଶାସକ ୟୁସୁଫ୍ ଶାହ ଚକ୍‌ଙ୍କ ଆତ୍ମସମର୍ପଣ ପରେ କାଶ୍ମୀର ଉପରେ ମୋଗଲଙ୍କ କବଜା ।

୧୭୦୮– ଛୁରି ଦ୍ୱାରା ଆକ୍ରମଣ କରାଯିବା ପରେ ଶିଖ୍ ଗୁରୁ ଗୋବିନ୍ଦ ସିଂହଙ୍କ ଦେହାନ୍ତ ।

୧୯୩୧– ଦକ୍ଷିଣ ଆଫ୍ରିକାରେ ରଙ୍ଗଭେଦ ବିରୋଧରେ ଅଭିଯାନ ଚଳାଇଥିବା ତଥା ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ ଦେସମଣ୍ଡ୍ ଟୁଟୁଙ୍କ ଜନ୍ମ ।

୧୯୫୦– ମଦର ଟେରେସାଙ୍କୁ ମିସିଓନାରୀଜ୍ ଅଫ୍ ଚାରିଟିର ସ୍ଥାପନା କରିବା ଲାଗି ଅନୁମତି ମିଳିଲା ଏବଂ ସେ କଲିକତାରୁ ଏହାର ଶୁଭାରମ୍ଭ କଲେ ।

୧୯୫୨– ଚଣ୍ଡିଗଡ଼ ପଞ୍ଜାବର ରାଜଧାନୀ ହେଲା ।

୧୯୯୬– ଆମେରିକାରେ କେବଲ ନ୍ୟୁଜ୍ ନେଟ୍‌ୱର୍କ ଫକ୍ସ ନ୍ୟୁଜ୍ ଚାନେଲ୍‌ର ଶୁଭାରମ୍ଭ ।

୨୦୦୦– ଭାରତକୁ ପ୍ରଥମ ରାଜୀବ ଗାନ୍ଧୀ ବନ୍ୟଜନ୍ତୁ ସଂରକ୍ଷଣ ପୁରସ୍କାର ପ୍ରାପ୍ତ ହେଲା ।

୨୦୦୦– ଜାପାନରେ ମାନବ କ୍ଲୋନିଙ୍ଗ୍ ଦଣ୍ଡନୀୟ ଅପରାଧ ଘୋଷିତ ହେଲା ।

## ଖାଦ୍ୟରେ ସାମିଲ କରନ୍ତୁ ମ୍ୟାଗ୍ନେସିଅମ

ଶରୀରକୁ ସୁସ୍ଥ ରଖିବାକୁ ହେଲେ ଆମକୁ ବିଭିନ୍ନ ପ୍ରକାରର ପୋଷକ ତତ୍ତ୍ୱର ଆବଶ୍ୟକତା ପଡିଥାଏ । ଏଥିରେ ବିଭିନ୍ନ ପ୍ରକାରର ଯେପରି ପ୍ରୋଟିନ୍,ଫ୍ୟାଟ୍, ମିନେରାଲ୍ସ ଆଦି ସାମିଲ ଅଛି । ତେବେ ଏଥିରେ ସବୁଠାରୁ ଆଗରେ ରହିବ ମ୍ୟାଗ୍ନେସିୟମ । ମ୍ୟାଗ୍ନେସିୟମ ଆମ ଶରୀରରେ ହେଉଥିବା ଅନେକ ବାୟୋକେମିକାଲ୍ ପ୍ରୋସେସ୍ ପାଇଁ ଜରୁରୀ ହୋଇଥାଏ । ଏଥିରେ ଆମ ଶରୀରର ବିଭିନ୍ନ କାର୍ଯ୍ୟକଳାପ ଯେପରି ମେଟାବଲିଜିମ୍, ହାଡ ସୁସ୍ଥ ହେବା, ଖାଦ୍ୟରୁ ପ୍ରୋଟିନ୍ ଶରୀରରେ ମିଶିବା ଆଦି ସାମିଲ ରହିଛି । କେବଳ ଏତିକି ନୁହେଁ ମ୍ୟାଗ୍ନେସିୟମର ପ୍ରଭାବ ଆମର ରୋଗପ୍ରତିରୋଧକ ଶକ୍ତି ଉପରେ ମଧ୍ୟ ରହିଛି । ତେଣୁ ଏହାର ଅଭାବରେ ଆମର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ହେଲେ ଏହାକୁ ଜାଣିବା କିଭଳି, ଏହା ଏକ ବଡ ପ୍ରଶ୍ନ । ଆସନ୍ତୁ ଜାଣିବା ଏଭଳି କିଛି ଲକ୍ଷଣ ବିଷୟରେ ଯାହାଦ୍ୱାରା ଆପଣ ଜାଣିପାରିବେ ଯେ ଆପଣଙ୍କ ଶରୀରରେ ମ୍ୟାଗ୍ନେସିୟମର ଅଭାବ ରହିଛି ।



■ ମ୍ୟାଗ୍ନେସିୟମ ଆମର ମାଂସପେଶୀ ପାଇଁ ବିଶେଷଭାବେ ଦରକାରୀ ହୋଇଥାଏ । ଏହାର ଅଭାବରେ ମାଂସପେଶୀକୁ କ୍ଷତି ପହଞ୍ଚିଥାଏ । ମ୍ୟାଗ୍ନେସିୟମ ଅଭାବର ଏକ ବଡ ଲକ୍ଷଣ ହେଲା ଶିର ଟାଣିହେବା । ଏହା ବିଶେଷ ଭାବେ ଗୋଡରେ ଅନୁଭବ ହୋଇଥାଏ । କେବଳ ଗୋଡ ନୁହେଁ ଏହା ଅନ୍ୟସ୍ଥାନରେ ମଧ୍ୟ ହୋଇଥାଏ, ଯାହା କଷ୍ଟଦେଇଥାଏ । ଏପରି ହେଲେ ଆପଣଙ୍କ ଶରୀରରେ ମ୍ୟାଗ୍ନେସିୟମର ଅଭାବ ହୋଇଛି ବୋଲି ଜାଣନ୍ତୁ ।

■ ମ୍ୟାଗ୍ନେସିୟମ ଅଭାବର ଅନ୍ୟ ଏକ ଲକ୍ଷଣ ହେଲା ଦୁର୍ବଳ ଲାଗିବା ଏବଂ ମୁଣ୍ଡ ବୁଲାଇବା । କାରଣ ନଥାଇ ମଧ୍ୟ ଅନେକ ସମୟରେ ମୁଣ୍ଡ ବୁଲାଇବା ସହିତ ଦୁର୍ବଳତା ଲାଗିଥାଏ । ଯେତେବେଳେ ଆମ ଶରୀରରେ ମ୍ୟାଗ୍ନେସିୟମର ଅଭାବ ଦେଖାଦେଇଥାଏ, ସେହିସମୟରେ ଶରୀରରେ ଏନର୍ଜି ମିଳିବା କମ ହୋଇଥାଏ । ତେଣୁ ଆପଣଙ୍କୁ ଦୁର୍ବଳ ଲାଗିଥାଏ ।

■ ଏହାର ଅନ୍ୟ ଏକ କାରଣ ନିଦ୍ରା ହିନତା । ମ୍ୟାଗ୍ନେସିୟମର ଅଭାବ ଆମ ନିଦ ଉପରେ ପ୍ରଭାବ ପକାଇଥାଏ । ଏହା ନିଦ୍ରା ହିନତାର ବି କାରଣ ସାଜିଥାଏ । ତେଣୁ ଆମକୁ ରାତିରେ ନିଦ ନହେବା ମଧ୍ୟ ମ୍ୟାଗ୍ନେସିୟମ ଅଭାବର ଲକ୍ଷଣ । ଯଦି ଅନେକ ଦିନ ଧରି ନିଦ୍ରା ହିନତା ଲକ୍ଷଣ ଆପଣଙ୍କ ନିକଟରେ ଦେଖିବାକୁ ମିଳୁଛି, ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

■ ଏହାର ଆଉ ଏକ ଲକ୍ଷଣ ହେଲା ଡିପ୍ରେସନ୍ । ମ୍ୟାଗ୍ନେସିୟମର ଅଭାବ ଆମର ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ରହିଛି । ଏହାର ଅଭାବରେ ଷ୍ଟ୍ରେସ୍ ଏବଂ ଡିପ୍ରେସନର ଲେବଲ୍ ବଢିଥାଏ ।

## ଭୂତକୁ ବିବାହ !

ସୋସିଆଲ ମିଡିଆରେ ଏଭଳି ଅନେକ ଘଟଣା ସାମନାକୁ ଆସିଥାଏ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ସେହିଭଳି ଏକ ଘଟଣା ବର୍ତ୍ତମାନ ଦେଖିବାକୁ ମିଳିଛି ବ୍ରିଟେନରେ । ସେଠାରେ ଜଣେ ମହିଳା ଭୂତକୁ ବିବାହ କରିଥିବାନେଇ ଦାବି କରିଛନ୍ତି । ସେ କିଛି ବର୍ଷ ପୂର୍ବରୁ ତାଙ୍କ ଘରେ ପ୍ରକଟ ହୋଇଥିବା ଏକ ଭୂତକୁ ବିବାହ କରିଥିବା କଥା ପ୍ରକାଶ କରିଛନ୍ତି । ଏହାକୁ ନେଇ ସୋସିଆଲ ମିଡିଆରେ ଅନେକ ଚର୍ଚ୍ଚା ହେଉଥିବା ନଜରକୁ ଆସିଛି । ଭୂତଟି ୧୯ଶହ ଶତାବ୍ଦୀରେ ଜଣେ ସୈନିକ ଥିବା ମହିଳା ଜଣଙ୍କ ପ୍ରକାଶ କରିଛନ୍ତି। କେବଳ ଏହି ଭୂତ ନୁହେଁ ସେ ଆହୁରି ଅନେକ ଆତ୍ମାକୁ ମଧ୍ୟ ବିବାହ କରିଥିଲେ, ଯେଉଁମାନଙ୍କ ଠାରୁ ସେ ଛାଡପତ୍ର ନେବା ପରେ ଏହି ଭୂତକୁ ବିବାହ କରିଥିବା ସୂଚନା ଦିଆଯାଇଛି । ତାଙ୍କ ଦାବି ଅନୁସାରେ ସେ ଏହି ଭୂତ ଓ ଆତ୍ମାଙ୍କ ସହିତ କଥା ହେବାସହିତ ଦୈନନ୍ଦିନ କାର୍ଯ୍ୟ ମଧ୍ୟ କରିଥାଆନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ୧୦୦ରୁ ଅଧିକ ଆତ୍ମାଙ୍କ ସହିତ ସମ୍ପର୍କ କରିଥିବା ସୂଚନା ଦେଇଛନ୍ତି । ଏନେଇ ସେ ନିଜ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ୟୁଜର୍ସଙ୍କ ସହିତ ସେୟାର କରିଛନ୍ତି । କିଛି ଲୋକ ଏହି ପୋଷ୍ଟର ମଜାକ ଉଡାଇ ତାଙ୍କୁ ଟ୍ରୋଲ କରୁଥିବା ଦେଖିବାକୁ ମିଳୁଛି ।



## ବିନା ଅଣ୍ଡାରେ ଅମ୍ଲେଟ୍



ସମାଗ୍ରୀ– ଏକ କପ ବେସନ, କଟା ହୋଇଥିବା ପିଆଜ ୧ଟା, ଚୁନଚୁନ କଟା ଟମାଟ ୧ଟା, ଗୋଲ ଗୋଲ କଟା ଟୋମାଟ ୧ଟା, କଟା କଞ୍ଚାଲଙ୍କା, ଧନିଆ ପତ୍ର, ଲଙ୍କା ଗୁଣ୍ଡ, ଅଳ୍ପ ଜୁଆଣି, ସ୍ୱାଦ ଅନୁସାରେ ଲୁଣ ।

ପ୍ରଣାଳୀ– ପ୍ରଥମେ ଏକ ବଡ ପାତ୍ରରେ ଗୋଲ ଗୋଲ କଟାହୋଇଥିବା ଟୋମାଟ ଛଡା ଅନ୍ୟ ସମସ୍ତ ସାମଗ୍ରୀକୁ ମିଶାନ୍ତୁ । ଏହାକୁ ପାଣି ଦେଇ ଏକ ଆଣ ପ୍ରସ୍ତୁତ କରନ୍ତୁ । ଏହାକୁ ଘୋଡାଇ ୧୦ ମିନିଟ୍ ରଖିଦିଅନ୍ତୁ । ତାପରେ ଏହାକୁ ଗରମ ପ୍ୟାନରେ ଘିଅ ଲଗାଇ ଅମଲେଟ୍ ଆକାରରେ ପକାନ୍ତୁ । ଉପରେ ଗୋଲ ଗୋଲ କଟା ଟମାଟକୁ ରଖନ୍ତୁ । ଏହାପରେ ଅଳ୍ପ ତେଲ କିମ୍ବା ଘିଅ ଦେଇ ଏହାକୁ ଘୋଡାନ୍ତୁ । ୩ରୁ ୪ ମିନିଟ୍ ପରେ ଏହି ଘୋଡଣୀକୁ କାଢି ଦିଅନ୍ତୁ । ଏହାପରେ ଏହାକୁ ଦୁଇ ସାଇଡରୁ ଭାଜନ୍ତୁ । ଭାଜିହେବା ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ବିନା ଅଣ୍ଡାରେ ଅମ୍ଲେଟ୍ । ଏହାକୁ ଗରମ ଗରମ ସସ୍ ସହ ଖାଆନ୍ତୁ, ବେଶ ସ୍ୱାଦିଷ୍ଟ ଲାଗିଥାଏ ।

## ଅପମାନ ଦେଇ ପରଷା ଯାଉଛି ଖାଦ୍ୟ




ସାଧାରଣ ଜୀବନରେ କାହାକୁ ଗାଳି ଦେବା ଏକ ଖରାପ କଥା ହୋଇଥାଏ । ଯଦି କେହି କାହାକୁ ଗାଳି ଦେଉଥାଏ ତେବେ ତାକୁ ଅନ୍ୟମାନେ ତାଗିଦ କରିଥାଆନ୍ତି ଏପରି ନ କରିବାକୁ । ହେଲେ ନିକଟରେ ଅଷ୍ଟ୍ରେଲିଆର ଏକ ରେଷ୍ଟୋରାଁ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ରେଷ୍ଟୋରାଁରେ ଗ୍ରାହକଙ୍କୁ ଗାଳି ଦେଇ ଖାଇବା ପରଷା ଯାଉଛି । ରେଷ୍ଟୋରାଁର ନାଁ ରହିଛି କରେନ ଡିନର । ଏଠାରେ ଗ୍ରାହକଙ୍କୁ ଅପମାନ ଦିଆଯାଇ ମେନ୍ୟୁକାର୍ଡ ତାଙ୍କ ମୁହଁକୁ ଫୋପଡା ଯାଇଥାଏ । ଏହାସହ ଏଠାରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ମଧ୍ୟ ଯେଉଁ ଟୋପି ପିନ୍ଧିଥାଆନ୍ତି ସେଥିରେ ଗାଳି ଲେଖା ଯାଇଥାଏ । ଏହାକୁ ସୋସିଆଲ ମିଡିଆରେ ମିଶ୍ର ପ୍ରତିକ୍ରିୟା ମିଳୁଥିବା ଦେଖିବାକୁ ମିଳୁଛି । କିଛି ଲୋକ ଏହାକୁ ପସନ୍ଦ କରୁଥିବାବେଳେ କିଛି ଲୋକ ନାପସନ୍ଦ କରୁଥିବା ଦେଖିବାକୁ ମିଳିଛି । କିନ୍ତୁ ଏଠାକୁ ଖାଇବାକୁ ଆସୁଥିବା ଗ୍ରାହକ କେବେ ଏହାକୁ ନେଇ କୌଣସି ଅଭିଯୋଗ କରିଥିବାର ସୂଚନା ନାହିଁ ।

## ଅଶନୁରଙ୍କୁ ଗାଳି



ରିଆଲିଟି ଶୋ' ବିଗ୍‌ବସକୁ ନେଇ ସବୁବେଳେ ଚର୍ଚ୍ଚା ଦେଖିବାକୁ ମିଳିଥାଏ । ଏଥିରେ ପ୍ରତି ସପ୍ତାହରେ ଦୁଇଟି ଏପିସୋଡ ସଲମାନ ଖାନ କରିଥାଆନ୍ତି, ଯାହାକୁ ଉଇକେଣ୍ଡ କା ବାର କୁହାଯାଇଥାଏ । ଏହି ଏପିସୋଡରେ ସଲମାନ ପୁରା ବିଗ୍‌ବସ ହାଉସରେ ଥିବା ପ୍ରତିଯୋଗୀଙ୍କର କ୍ଲାସ ନେଇଥାଆନ୍ତି । ସେହିଭଳି ଚଳିତ ସିଜିନରେ ନିକଟରେ ଏହି ଏପିସୋଡରେ ଅଭିନେତ୍ରୀ ଅଶନୁର କୋରଙ୍କର ସଲମାନ କ୍ଲାସ ନେଉଥିବା ଦେଖିବାକୁ ମିଳିଛି । ସଲମାନ ତାଙ୍କୁ ଏରୋଗାଣ୍ଟ କହୁଥିବା ଦେଖିବାକୁ ମିଳିଛି, ଯାହାପରେ ସୋସିଆଲ ମିଡିଆରେ କ୍ଲିପଟି ଭାଇରାଲ ହେଉଛି । ଭିଡିଓରେ ସଲମାନ ଅଶନୁରଙ୍କୁ ତାଗିଦ କରୁଥିବାର ଦେଖିବାକୁ ମିଳୁଛି । ସୂଚନା ଅନୁସାରେ ଅଶନୁର ଚଳିତ ବିଗ୍‌ବସରେ ଭାଗ ନେଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ଏହି ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ରହିଥିବାବେଳେ ସଲମାନଙ୍କର ଏହି ଗାଳି ତାଙ୍କ ଭୋଟ ବ୍ୟାଙ୍କ ଉପରେ ପ୍ରଭାବ ପକାଇବା ନେଇ ଫ୍ୟାନମାନେ ଆକଳନ କରୁଛନ୍ତି ।

## କୁକୁର ରଖିଲେ ଡବଲ ଟ୍ୟାକ୍ସ



ସାଧାରଣତଃ ଘରେ ପୋଷା କୁକୁର ରଖିବାକୁ ସମସ୍ତେ ଖୁବ ଭଲ ପାଇଥାଆନ୍ତି । ତେବେ ଏଥିପାଇଁ କେବେ ବି କୌଣସି କର ଦେବାକୁ ହୋଇନଥାଏ, ହେଲେ ଇଟଲିରେ ଏଭଳି ନୁହେଁ । ସୂଚନା ଅନୁସାରେ ଇଟଲିର ବୋଲ୍ଜାନୋ ସହରର ବାସୀଙ୍କ ପାଇଁ ନୂଆ ନିୟମ ଲାଗୁ କରାଯାଇଛି । ସେମାନେ ପୋଷା କୁକୁର ରଖିବାକୁ ହେଲେ ସରକାରଙ୍କୁ କର ଦେବାକୁ ହେବ ବୋଲି ନିୟମର ପ୍ରସ୍ତାବ ଦିଆଯାଇଛି । ଏଠିକାର ସ୍ଥାନୀୟ ପରିଷଦ ସହରରେ କୁକୁର ରଖୁଥିବା ଲୋକଙ୍କ ଉପରେ ଡବଲ ଟ୍ୟାକ୍ସ ଲଗାଇବାକୁ ପ୍ରସ୍ତାବ ଦେଇଛି । ଏଠାରେ ପୂର୍ବରୁ ଏକ ନିୟମ ରହିଛି ଯେଉଁଥିରେ କୁକୁରଙ୍କର ଡିଏନ୍‌ଏ ରେଜିଷ୍ଟ୍ରେସନ କରାଯାଇଥାଏ । ଯଦି କୌଣସି କୁକୁର ମାଲିକ ତାଙ୍କ ପୋଷା କୁକୁର ମଳ ସଫା ନକରନ୍ତି ତେବେ ଏହାକୁ ଡିଏନ୍‌ଏ ସାହାଯ୍ୟରେ ଚିହ୍ନଟ କରାଯାଇଥାଏ । ତେବେ ଏହାକୁ ଆହୁରି ଶକ୍ତ କରିବାକୁ ଏହି ପ୍ରସ୍ତାବ ଦିଆଯାଇଥିବା ଜଣା ପଡିଛି । ଏହି ନିୟମ ୨୦୨୬ରୁ ଲାଗୁ କରାଯାଇପାରେ ବୋଲି ଜଣା ପଡିଛି । ଏହି ନିୟମ ଲାଗୁ ହେବା ଫଳରେ ସହରବାସୀଙ୍କୁ ପ୍ରତିବର୍ଷ ପାଖାପାଖି ୮୫୦୦ ଟଙ୍କାର କର ଦେବାକୁ ପଡିବ । ସେହିଭଳି ଯେଉଁଦ୍ଧପର୍ଯ୍ୟଟକମାନେ ନିଜ କୁକୁରକୁ ଏହି ସହରକୁ ଆଣିବେ ସେମାନଙ୍କୁ ଦୈନିକ ୧୩୫ ଟଙ୍କା କର ଦେବାକୁ ହେବ । ସହରକୁ ସ୍ୱଚ୍ଛ ପରିମଳ କରିବା ପାଇଁ ଏଭଳି ନିୟମ ବାହାର କରାଯାଇଥିବା ପରିଷଦ ପକ୍ଷରୁ ମତ ଦିଆଯାଇଛି ।







ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ା ଠାରେ ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହିତ ଅଭିଯୋଗ ପତ୍ର ଗ୍ରହଣ କରୁଛନ୍ତି ।

### ବରୁଣେଇରେ ବାରହା ଆକ୍ରମଣ ଘଟଣା

# ଲାଗିଲା କଟକଣା, କ୍ଷତିପୂରଣ ଦାବି

ଖୋର୍ଦ୍ଧା, (ସବ୍ୟୁ): ବରୁଣେଇ ପାହାଡ ରେ ବାରହା ଆକ୍ରମଣର ଜନୈକ ପୋଲିସ କର୍ମଚାରୀ ପାଲଟା ଆକ୍ରମଣରେ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଅବସ୍ଥାରେ ଭୁବନେଶ୍ୱର କ୍ୟାପିଟାଲ ହସପିଟାଲ ପରେ କଟକ ବଡ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି। ମୃତ ପୋଲିସ କର୍ମଚାରୀଙ୍କ ନା ପ୍ରଦୀପ କୁମାର ପେରେଇ, ତାଙ୍କ ଘର ଯାଜପୁର ଜିଲା କୋରଇ ଥାନା ମାଧବପୁର ଗ୍ରାମ। ସେ ୬ଷ୍ଠ ବାଟାଲିୟନ( ଓଏସଏପି,କଟକ) କର୍ମଚାରୀ ହୋଇଥିବା ବେଳେ ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ବରୁଣେଇ ବିଟ୍ ହାଉସରେ କାର୍ଯ୍ୟରତ ଥିଲେ। ସୋମବାର ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଶିଳ୍ପାଂଚଳ ଥାନାରେ ଏକ ମାମଲା ରୁଜୁ ହୋଇଛି। ଓଏସଏପି ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଖବରପାଇ ବାଟାଲିୟନ ସଭାପତି ଅଶୋକ ବେହେରା ଏବଂ ଟିମ ଘଟଣା ସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରିଥିଲେ। ମୃତକଙ୍କ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବି କରିଛନ୍ତି। ଏଥିସହିତ ପରିବାରରୁ ଜଣକୁ ଚାକିରୀ ଦେବା ପାଇଁ ସରକାରଙ୍କ ନିକଟରେ ନିବେଦନ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ବରୁଣେଇ ପାହାଡ ଉପରେ ବାରହା ଆକ୍ରମଣ ଘଟଣାରେ ଜଣେ ମୃତ୍ୟୁବରଣ କରିବା ଘଟଣାକୁ ବନ ବିଭାଗ ଗୁରୁତର ସହ ଗ୍ରହଣ କରିଛି। ବର୍ତମାନ ପାହାଡ ଉପରେ ଏକାଧିକ ବିଭିନ୍ନ ପ୍ରଜାତିର ବନ୍ୟଜନ୍ତୁ ରହିଛନ୍ତି। କୌଣସି ଅଘଟଣ ଆଶଙ୍କାରେ ବରୁଣେଇ ପାହାଡ ଉପରକୁ ଚଢିବାକୁ ବାରଣ କରାଯାଇଛି। ଏହା ଉପରେ ବନବିଭାଗ ପକ୍ଷରୁ ସାମୁହିକ ଭାବେ କଟକଣା ଜାରି କରାଯିବ ବୋଲି ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ ସୂଚନା ଦେଇଛନ୍ତି। ଅନ୍ୟପଟେ ବରୁଣେଇରେ ଅଧିକ ପୋଲିସ ମୁତୟନ କରାଯିବ। ବରୁଣେଇ ପାହାଡ ଉପରକୁ ନଚଢିବା ପାଇଁ ପର୍ଯ୍ୟଟକଙ୍କୁ ସଚେତନ କରାଯିବ, ଏହା ସହିତ ସନ୍ଧ୍ୟାପରେ ବରୁଣେଇରେ ବୁଲାବୁଲି ଉପରେ କଟକଣା କରାଯିବ ବୋଲି ଏସପି ବିବେକାନନ୍ଦ ଶର୍ମା କହିଛନ୍ତି।

## ଗୁଳିମାଡରେ ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ମୃତ୍ୟୁ

ଭୁବନେଶ୍ୱର (ସବ୍ୟୁ): ବ୍ରହ୍ମପୁରର ବରିଷ୍ଠ ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡାଙ୍କର ଗୁଳିମାଡରେ ମୃତ୍ୟୁ ଘଟିଛି। ସେ ବ୍ରହ୍ମପୁର ବ୍ରହ୍ମାନଗର ସ୍ଥିତ ତାଙ୍କ ବାସଭବନ ନିକଟ ଛକରେ ଥିଲାବେଳେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ଉପରକୁ ଅଚାନକ ଗୁଳିମାଡ କରି ଫେରାର ହୋଇଯାଇଥିବା କୁହାଯାଉଛି । ଗୁଳିମାଡ ଯୋଗୁ ରକ୍ତାକ୍ତ ଅବସ୍ଥାରେ ଶ୍ରୀ ପଣ୍ଡା ସେଠାରେ ଟଳିପଡିବା ପରେ ସ୍ଥାନୀୟ ଲୋକ ଓ ପରିବାର ସଦସ୍ୟମାନେ ତାଙ୍କୁ ତୁରନ୍ତ ଏମ୍‌କେସିଜି ମେଡିକାଲ୍‌କୁ ନେଇଥିଲେ ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । କେଉଁମାନେ କାହିଁକି ଏଭଳି ଗୁଳିମାଡ କଲେ ସେ ସଂପର୍କରେ କୌଣସି ତଥ୍ୟ ମିଳିନାହିଁ। ସ୍ୱର୍ଗତଃ ପଣ୍ଡା ଜଣେ ଜଣାଶୁଣା ଆଇନଜୀବୀ ଭାବେ ବ୍ରହ୍ମପୁରରେ ଖ୍ୟାତି ଅର୍ଜନ କରିଥିଲେ। ସେ ରାଜ୍ୟ ଆଇନଜୀବୀ ପରିଷଦର ମଧ୍ୟ ସଦସ୍ୟ ଥିଲେ।

## ମା ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ

ଦଶପଲ୍ଲା,(ସବ୍ୟୁ): ସ୍ଥାନୀୟ ଲକ୍ଷ୍ମୀ ବଜାର ବଣିକ ସଂଘ ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ପାଳିତ ହୋଇ ଯାଇଛି । ପୂଜା ଉତ୍ସବରେ ମା'ଗଜ ଲକ୍ଷ୍ମୀ ଙ୍କ ଅଧିବାସ,ଜଳାଯାତ୍ରା,ହୋମଜଞ୍ଜ ସହ ପୂଜାର୍ଚ୍ଚନା କରାଯାଇଛି । ଦଶହରାରେ ମା ଦୁର୍ଗା ଙ୍କ ଦର୍ଶନ ପରେ' ଗଜଲକ୍ଷ୍ମୀ ଙ୍କ ଦର୍ଶନ ପାଇଁ ବହୁ ଭକ୍ତ ଙ୍କ ଭିଡ଼ ଜମିଥିବା ବେଳେ ସଂଘ ର ସଭାପତି ଅଲେଖ ସାହୁ ସମ୍ପାଦକ ଶିଶିର କୁମାର ବାରିକଙ୍କ ସହ ସମସ୍ତ କର୍ମକର୍ତା ଓ ବଣିକ ମାନେ ଉପସ୍ଥିତ ଥିଲେ। ଏ ଅବସରରେ ଦଶପଲ୍ଲା ମହାବୀର ବଣିକ ମହାସଂଘ ଓ ୧୩ ଗୋଟି ବଣିକ ସଂଘ କର୍ମକର୍ତାଙ୍କୁ ନେଇ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିବା ବେଳେ ବାଦୀ ମହିଳା ସଂକୀର୍ତ୍ତନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଚାଷଜମି ଉଜାଡ଼ି ଦେଲେ ହାତୀ

ବାରଙ୍ଗ , (ସବ୍ୟୁ): ଚନ୍ଦକାଜଙ୍ଗଲରୁ ହାତୀମାନେ ଆସି ଦାରୁଠେଙ୍ଗ ନୂଆଗଡ ପୋଖରୀ ପାଖ ଧାନ ବିଲରେ ପଶି ପ୍ରାୟ ଏକ ଏକରରୁ ଉର୍ଦ୍ଧ୍ୱ ଧାନଫସଲ ନଷ୍ଟ କରିଛନ୍ତି । ହାତୀମାନଙ୍କ ଦୌରାତ୍ମ୍ୟ ରେ ଚାଷୀ ଙ୍କ ମନରେ ଭାଳେଣି ପଡିଯାଇଛି । ନୂଆଗଡ ପୋଖରୀ ପାଖରେ ଚାଷ କରିଥିବା ମକରା ପାତ୍ର ଓ ଟୁଳିଆ ପରିଡ଼ା ମିଶି ଏକ ଏକରରୁଉର୍ଦ୍ଧ୍ୱ ଚାଷଜମିରେ ବିଭିନ୍ନ କିସମର ଧାନ ଫସଲ କରିଛନ୍ତି ।କିଛି ଚାଷୀ ଧାର ଉଧାର କରି ଚାଷ ମଧ୍ୟ କରିଛନ୍ତି ।ଏବେ ଧାନର ଡେମ୍ଫ ବାହାରୁ ଥିବାବେଳେ ରବିବାର ବିଳମ୍ବିତ ରାତିରେ ୧୦ଟିକିଆ ହାତୀପଲ ଆସି ଚାଷ ଜମିରେ ପଶି ଦଳିମକଚି ଧାନ ଫସଲକୁ ନଷ୍ଟ କରିଦେଇଛନ୍ତି । ବଡ଼ିଭୋର୍ ସମୟରେ ଚାଷୀମାନେ ବିଲକୁ ଯିବାପରେ ହାତୀପଲ୍ଲ ବିଲ ମଧ୍ୟରୁ ଫେରୁଥିବାର ଦେଖିବାକୁ ପାଇଥିଲେ । ପରେ ବନ ବିଭାଗ କୁ ଖବର ଦେଇଥିଲେ । ସକାଳୁ ବନ ବିଭାଗ ଘଟଣା ସ୍ଥଳରେ ପହଂଚି ହାତୀକୁ ନିରୀକ୍ଷଣ କରି ଜଗି ରହିଛନ୍ତି । ହାତୀ ୧୦ ଟି ମଧ୍ୟରୁ ଗୋଟିଏ ହାତୀ ଭୂଆସୁଣୀ ଦେଇ ଘିଡ଼ିଘିଡ଼ି ଶଙ୍ଖ ପାର ହୋଇ ନୂଆଗାଁ ପଟକୁ ସୋମବାର ସନ୍ଧ୍ୟାରେ ପଶିଛି । ଆଉ ନଟି ହାତୀ ନନ୍ଦନକାନନ ପାଚେରୀ ଓ ଜଳି କଡରେ ଲୁଚି ରହିଥିବା ସୂଚନା ମିଳିଛି । ଯାହା ଚାଷ କରିଥିବା ଜମି ଠାରୁ ପାଞ୍ଚ ସହ ମିଟର ଦୂରତ୍ୱ ସେଠାରେ ଅନ୍ୟ ଚାଷୀ ମାନେ ପବିତ୍ର ମୋହନ ବଳିୟାରସିଂହ, ଅଲିଆ ପାଇକରାୟ, ନାରାୟଣ ବାଘସିଂହ, ଭାସ୍କର ପ୍ରଧାନ, ଅଜୟ ପାଇକରାୟ ଚାଷୀ ମାନେ ଭୟଭୀତରେ ରହିଛନ୍ତି ।ଅନ୍ୟ ପଟେ ଆଉ ଯାହାକିଛି ଅଛି ଧାନ ପାଚିଲେ ହାତୀପଲ୍ଲ ପୁନର୍ବାର ଆସିବାର ସମ୍ଭାବନା ଥିବାରୁ ଚାଷୀମାନଙ୍କ ଆଶଙ୍କା ବଢ଼ିଯାଇଛି ।ବର୍ଷକର ଆୟ ହାତୀ ନଷ୍ଟ କରିଦେଇଥିବାରୁ ଚାଷୀମାନଙ୍କ ର ଭାଳେଣି ପଡ଼ିଯାଇଛି । ବନ ବିଭାଗ ଉକ୍ତ ଚାଷୀଙ୍କୁ କ୍ଷତି ପୂରଣ ଦେବା ସହ ହାତୀଙ୍କୁ ଘଉଡ଼େଇ ଜଙ୍ଗଲ ମଧ୍ୟକୁ ଛାଡ଼ିବାକୁ ଦାବି କରିଛନ୍ତି ।

# କଫ୍‌ସିରପ୍, କାର୍ ଜବତ : ୨ଗିରଫ



ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଅବକାରୀ ମୋବାଇଲ ସ୍କ୍ୱାର୍ଡ ୧୬ନଂ ଜାତୀୟ ରାଜପଥ ର ପଣ୍ଡିତଢାବା ପଛପଟେ ଥିବା ଘରେ ଚଢଉ କରି ୨ଟି ଜରିବସ୍ତାରେ ୯୦୦ବୋତଲ କଫ୍‌ସିରପ୍ କୁ ଜବତ କରିଛି। ଏହି ଘଟଣାରେ ପଲ୍ଲା ବରୁଣେଇସାହି ର ବିଶ୍ୱରଞ୍ଜନ ଖୁଁଟିଆ (୪୫) ଓ ଦଳେଇପୁଟ ର ଦେବରଞ୍ଜନ ଦାସ (୪୭) ଙ୍କୁ ଗିରଫ କରିଛି ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଅବକାରୀ ସୁପରିଟେଣ୍ଡେଂଟ ସୁମତି ତ୍ରୀପାଠୀ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ପଣ୍ଡିତ ଢାବା ପଛପଟ ଘରୁ ବେଆଇନ୍ କଫ୍‌ସିରପ୍ ଗଛିତ ରଖି ସେଠାରୁ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିଲା। ଏପରିକି ପଲ୍ଲା ବାଇପାସ ହନୁମାନମନ୍ଦିର ନିକଟରେ ଏକ ଦୋକାନରେ ବିଶ୍ୱରଞ୍ଜନ ବେପାର କରୁଥିବା ବିଶ୍ୱସ୍ତ ସୂତ୍ରରୁ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଖବର ପାଇଥିଲା। ବିଶ୍ୱରଞ୍ଜନ କୁ ଅବକାରୀ ଟିମ୍ ଢାବା ନିକଟରୁ କାର ବୋଝେଇ କଫସିରପ ସହ ଧରିଥିଲା। ପରେ ତାର ବୟାନ ମୁତାବକ ଢାବା ମାଲିକ ଦେବରଞ୍ଜନ କୁ ଗିରଫ କରିବାକୁ ଆଜି ମୋବାଇଲ ସ୍କ୍ୱାର୍ଡ ଓ ସଦର ପୁଲିସ ମିଳିତଭାବେ ଢାବା ଠାରେ ଚଢଉ କରିଥିଲେ। ସେଠାରୁ ତାକୁ ଗିରଫ କରିଛନ୍ତି। ସେମାନଙ୍କ ଠାରୁ ୯୦୦ ବୋତଲ କଫସିରପ ସମେତ ଓଡି୩୩ଏଆର-୭୫୧୩ ନଂ ବିଶିଷ୍ଟ ଏକ କାର୍, ମୋବାଇଲ ଫୋନ୍ କୁ ଅବକାରୀ ଟିମ୍ ଜବତ କରିଛି। ବେଆଇନ କଫ୍‌ସିରପ୍ ବିକ୍ରୀ ଅଭିଯୋଗରେ ୨ଜଣଙ୍କୁ ୨୫୬/୨୫ନଂ ମାମଲାରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଦରଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ଅବକାରୀ ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ମୋବାଇଲ ସ୍କ୍ୱାର୍ଡ ଇନ୍ସପେକ୍ଟର ତପସ୍ୱିନୀ ବରାଳ ପ୍ରମୁଖ ଉପସ୍ଥିତଥିଲେ।

## ବାଲି ବୋଝେଇ ହାଇୱା ଜବତ : ଡ୍ରାଇଭର ଗିରଫ

ବାଙ୍କୀ ,(ସବ୍ୟୁ): ରବିବାର ବିଳମ୍ବିତ ରାତିରେ ନୟାଗଡ଼ ଜିଲ୍ଲା କଣ୍ଟିଲୋ ନିକଟସ୍ଥ ସିଧାମୂଳା ବାଲିଘାଟରୁ ଚୋରାରେ ବାଲି ନେଇ ପୁରୀ ଯାଉଥିବା ବେଳେ ବାଙ୍କୀ ବ୍ଲକ କଳାପଥର ଛକ ଠାରେ ନାକା ବନ୍ଦି ସମୟରେ ତନଖି କରିବା ପରେ ବାଲି ଚାଲାଣ କାଗଜ ପତ୍ର ନ ଥିବାରୁ ହାଇଓ୍ୱା ନମ୍ୱର୍ ଓ, ଡି,୦୨- ଡି ୯୩୭୩ କୁ ବୈଦେଶ୍ୱର୍ ପୋଲିସ ଜବତ କରି ଥାନାରେ ରଖିଥିବା ବେଳେ ହାଇଓ୍ୱା ଡ୍ରାଇଭର ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅନ୍ତର୍ଗତ ସୁମନ ଶାସନ ଗ୍ରାମର ବାଇଧର ବେହେରାଙ୍କ ପୁଅ କାର୍ତ୍ତିକ ବେହେରାଙ୍କୁ ଗିରଫ କରିଛି । କେଶ ନଂ ୧୮୫/୦୬.୧୦.୨୦୨୫ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଅଦାଲତ ଚାଲାଣ କରା ଯାଇ ଥିବା ସୂଚନା ଦେଇଛନ୍ତି ବୈଦେଶ୍ୱର୍ ଥାନା ଆଇ ଆଇ ସି ସଞ୍ଜୟ କୁମାର ଜେନା ।

### କଟକ ସଦର ଆସନ ସଂରକ୍ଷଣ ବଦଳିବା ନେଇ ଚର୍ଚ୍ଚା

# ଦୁର୍ଗାପୂଜା ମଣ୍ଡପ ବୁଲିଲେ ୩ ପ୍ରମୁଖ ଆଶାୟୀ

କଟକ, ( ସମୀର କର ) : ଏଥର ବଦଳିବ କଟକ ସଦର ନିର୍ବାଚନ ମଣ୍ଡଳୀର ଚିତ୍ର । ୨୦୨୯ ବିଧାନସଭା ନିର୍ବାଚନରେ ହଟିଯିବ ସଂରକ୍ଷଣ । ଏଠାରୁ ଅଣ ସଂରକ୍ଷଣ ବର୍ଗର ପ୍ରାର୍ଥୀ କିମ୍ବା ସାଧାରଣ ବର୍ଗର ମହିଳା ପ୍ରାର୍ଥୀ ମାନେ ନିର୍ବାଚନ ଲଢିବେ । ଏପରି ଚର୍ଚ୍ଚା ତମାମ ନିର୍ବାଚନ ମଣ୍ଡଳୀରେ ଲାଗି ରହିଛି । ଏହି ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଇଛି ନିକଟରେ ସରିଥିବା ଦୁର୍ଗାପୂଜାରେ ମାଳମାଳ ଅଣ ସଂରକ୍ଷିତ ବର୍ଗର ନେତୃମଣ୍ଡଳୀଙ୍କ ପୂଜା ମଣ୍ଡପ ପରଦର୍ଶନ କରିବା । ବିଭିନ୍ନ ପୂଜା ମଣ୍ଡପ ବୁଲି ମା'ଙ୍କ ଆଶିଷ ଭିକ୍ଷା କରିବା ସହିତ ଲୋକସମ୍ପର୍କ ସ୍ଥାପନ କରିଛନ୍ତି ୩ ପ୍ରମୁଖ ଆଶାୟୀ । ଏହି ନେତୃମଣ୍ଡଳୀଙ୍କ ମଧ୍ୟରେ ଅଛନ୍ତି ଆରତ ରଞ୍ଜନ ବିଶ୍ୱାଳ, କଟକ ସଦର ବ୍ଲକ୍ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଓ୍ୱୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ ନାୟକ (ଟୁଟନ) ।

ଗତବର୍ଷ କେବଳ ସଂରକ୍ଷିତ ବର୍ଗର ନେତୃମଣ୍ଡଳୀ ଯଥା ପୂର୍ବତନ ବିଧାୟକ ଚନ୍ଦ୍ର ସାରଥୀ ବେହେରା, ବର୍ତ୍ତମାନର ବିଧାୟକ ଇଂ ପ୍ରକାଶ ସେଠୀ, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ମୀନତୀ ବେହେରା, ରାମଚନ୍ଦ୍ର ଗୋଛାୟତ ପୂଜା ମଣ୍ଡପ ବୁଲି ଲୋକ ସମ୍ପର୍କ ରକ୍ଷା କରୁଥିବାବେଳେ ଏଥର ଚିତ୍ର ବଦଳି ଯାଇଛି । ଏଥର ଅଣ ସଂରକ୍ଷିତ ବର୍ଗର ଆରତ, ଭାଗ୍ୟଲକ୍ଷ୍ମୀ ଓ ମନୋଜଙ୍କ ପୂଜା ମଣ୍ଡପ ପରିଦର୍ଶନ ରାଜନୈତିକ ମଇଦାନକୁ ଉଷ୍ମ କରିଛି । କଟକ ସଦର ନିର୍ବାଚନ ମଣ୍ଡଳୀରେ ଆରତ ରଞ୍ଜନ ବିଶ୍ୱାଳଙ୍କ ବଡଭାଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ସ୍ୱାଧୀନଭାବେ ଲଢି ନିର୍ବାଚନ ଜିଣି ବିଧାୟକ ହୋଇଥିଲେ । ଯେଉଁଥିରେ ଆରତଙ୍କ ଭୂମୀକା ସର୍ବାଗ୍ରେ ରହିଥିଲା । ତେଣୁ ତାଙ୍କର ଅଞ୍ଚଳବାସୀଙ୍କ ସହିତ ସମ୍ପର୍କ ଏବେବି ଅତୁଟ ରହିଛି । ତେଣୁ ସେ ପୂର୍ବ ସମ୍ପର୍କକୁ ଆୟୁଧ କରି ଜନ ସମ୍ପର୍କ ରକ୍ଷା କରୁଥିବା ବେଳେ ସଦର ବ୍ଲକ୍ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ବର୍ତ୍ତମାନ ସଦର ବ୍ଲକ୍ ଅଧ୍ୟକ୍ଷା ରହି ଲୋକ ସମ୍ପର୍କକୁ ଅଧିକ ମଜଭୁତ କରିବା ଲକ୍ଷ୍ୟରେ ପୂଜା ମଣ୍ଡପ ବୁଲିବା ସହିତ ବିଭିନ୍ନ ସ୍ଥାନରେ ତାଙ୍କର ଦୁର୍ଗାପୂଜାର ଶୁଭେଚ୍ଛା ବ୍ୟାନର ଲାଗିଛି । ଅନ୍ୟପଟେ୍ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ ନାୟକ ମଧ୍ୟ ଚଳିତବର୍ଷ ବିଭିନ୍ନ ପୂଜା ମଣ୍ଡପ ବୁଲି ଲୋକ ସମ୍ପର୍କ ରକ୍ଷା କରୁଥିବା ଦେଖିବାକୁ ମିଳିଛି । ସେ ମଧ୍ୟ ବିଭିନ୍ନ ସ୍ଥାନରେ ବୁଲି ଜନ ସମ୍ପର୍କ ରକ୍ଷା କରୁଥିବା ଦେଖିବାକୁ ମିଳିଛି । ଏଥି ମଧ୍ୟରେ ସୀମା ନିର୍ଦ୍ଧାରଣ ଅବଧି ୨୦୨୯ ନିର୍ବାଚନକୁ ୨୦ ବର୍ଷ ପୁରୁଥିବାବେଳେ ସଂରକ୍ଷଣ ବଦଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଯାହାକୁ ଲକ୍ଷ୍ୟ ରଖି ଏହି ୩ ପ୍ରମୁଖ ଆଶାୟୀ ଜନ ସମ୍ପର୍କ ରକ୍ଷା ଦିଗରେ ପୂଜା ମଣ୍ଡପ ବୁଲୁଥିବା ଚର୍ଚ୍ଚା ଜୋର ଧରିଛି । ୨୦୨୯ ନିର୍ବାଚନରେ ସଂରକ୍ଷଣ ହଟୁଛି ନା ପୂର୍ବପରି ରହୁଛି ତାହା ଦେଖିବାକୁ ବାକି ରହିଲା ।

BCET GROUP OF INSTITUTIONS
1) BALASORE COLLEGE OF ENGINEERING & TECHNOLOGY (BCET)
(Approved by AICTE, New Delhi and Affiliated to BPUT, Odisha)
SERGARH, BALASORE - 756060, ODISHA
MOB-9437961413, 9937976424 Website : www.bcetodisha.ac.in, Mail Id : principal@bcetodisha.ac.in, bcetbalasore@yahoo.com
B.Tech.Programme in : ET, CS, ME, EE, & Civil / PG Programme (M.Tech.) in HPTE
2) NITYANANDA COLLEGE OF PHARMACY (NCP)
(Approved by AICTE and PCI New Delhi and Affiliated to BPUT, Rourkela, OSBP, BBSR)
Sergarh, Balasore, Odisha, Pin - 756060, Email : ncpbalasore@gmail.com,
Web : www.ncpbalasore.org, Ph -06782-236605/606, Mob-9439901187, 9178489665
Course offered : B.Pharm, D.Pharm, M.Pharm
3) CENTRE FOR BUSINESS & INFORMATION SCIENCE (CBIS)
SERGARH, BALASORE-756060., Phone No. : 06782-236045, 9437961413, 9937976424 (M)
Course offered : MBA & MCA
4) BHADRAK ENGINEERING SCHOOL & TECHNOLOGY (BEST)
(Approved by AICTE, New Delhi and Affilated to SCTE&VT, Odisha)
AT/PO-ASURALI, DIST-BHADRAK-756137, Odisha
Phone No. : 06784-266108, 266100, 9439900105, 9040924647, 8917587168
Email : bestbhadrak@gmail.com, Website : www.bestbhadrak.org.
Diploma Programme in : EE, ME, ET, Civil & CS
5) BCET HIGHER SECONDARY SCHOOL (BHSS)
A Day- Cum - Residential +2 Science College
Sergarh, Balasore, Odisha, Pin - 756060,
Email : bhssbalasore@gmail.com, Mob - 8763312005, 9938303731
6) BCET_INDUSTRIAL TRAINING INSTITUTE (BCET_ITI)
TS-2/1, INDUSTRIAL ESTATE, ANGARGADIA, BALASORE - 756001 Mob , 9437727360
Course offered : FITTER & ELECTRICIAN
7) SUBRATA INDUSTRIAL TRAINING INSTITUTE (SITI)
Mangalpur, Dist:Jajpur, Pin: 755011, Phone No. : 9437303436
Course offered : FITTER, ELECTRICIAN & COPA
8) NITYANANDA INDUSTRIAL TRAINING INSTITUTE (NITI)
DHAMNAGAR, BHADRAK-756117, Phone No. : 9437976420
Course offered : FITTER & ELECTRICIAN
9) ST. XAVIER'S HIGH SCHOOL
(A CBSE Pattern, English Medium School)
Krushnakanta Vihar, Mangalpur, Jajpur-755011,
Course offered : Mont-I to Std-VIII, Phone No. : 9437303436, 9658036785, 9439922982,7789054763.
Email- stxaviersmangalpur@gmail.com, stxaviersmangalpurjajpur@rediffmail.com.
10) NITYANANDA INSTITUTE OF MEDICAL SCIENCE (* Proposed)
(Under Fakir Mohan Educational & Charitable Trust)
Sergarh, Balasore-756060, Odisha
Email : nimsbalasore@gmail.com, Mob - 9078559569
Course offered : B.Sc Nursing & GNM
Mr. M.K. Biswal
Chairman

### ଜିଲ୍ଲା ସ୍ତରୀୟ ଜନଶୁଣାଣି ଶିବିର

## ପଲ୍ଲୀରେ ପ୍ରଶାସନ କାର୍ଯ୍ୟକାରୀ ହେବା ଦ୍ୱାରା ହିତାଧିକାରୀଙ୍କୁ ବହୁବିଧ ସୁବିଧା ଉପଲବ୍ଧ ହେଉଛି : ଜିଲ୍ଲାପାଳ

ଖୋର୍ଦ୍ଧା, (ସବ୍ୟୁ) : ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଶ୍ରୀ ଋତୁରାଜ କହିଲେ ଯେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳ ହିତାଧିକାରୀ ମାନଙ୍କୁ ବହୁମାତ୍ରାରେ ଉପଲବ୍ଧ ହେଉଛି । ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଏକ ମହତ କାର୍ଯ୍ୟକ୍ରମ ଏବଂ ଏହାକୁ ତ୍ୱରାନ୍ୱିତ କରିବା ଦିଗରେ ସମସ୍ତ ଅଧିକାରୀ ଓ କର୍ମଚାରୀ ନିରନ୍ତର ନିଷ୍ଠାପର ସେବା ପ୍ରଦାନ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ବ୍ଲକ୍ ଓ ପଂଚାୟତ ମାନଙ୍କରେ ଜନଶୁଣାଣି ଶିବିରରେ ପ୍ରତ୍ୟେକ ଯୋଜନାର ହିତାଧିକାରୀ ମାନଙ୍କୁ ଯଥା ସୁକନ୍ୟା ସମୃଦ୍ଧି ଯୋଜନା ଠାରୁ ନେଇ, ସ୍ୱାସ୍ଥ୍ୟ, ପଶୁ ସମ୍ପଦ, କୃଷି ଓ ଆନୁସଙ୍ଗିକ କୃଷି



, ଓଡ଼ିଶା ଜୀବିକା ମିଶନ୍,ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା,ଅଟଳ ପେନସନ ଯୋଜନା, ବସୁନ୍ଧରା, ରାଜସ୍ୱ ବିଭାଗ ଅଧୀନ ବିଭିନ୍ନ ସାର୍ଟିଫିକେଟ, ପ୍ରତ୍ୟେକ ପଂଚାୟତ ଓ ଗ୍ରାମ୍ୟ ସ୍ତରୀୟ କାର୍ଯ୍ୟାଳୟ ଗୃହ ନିର୍ମାଣ ଜମି ସମସ୍ୟା, ଦକ୍ଷତା ବିକାଶ, ମତ୍ସ୍ୟ ଚାଷ, ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପ ଉଦ୍ୟୋଗ, ସୁଷମ ବଂଟନ, ଶିଶୁ ଓ ମାତୃ ଯତ୍ନ ,ଭି ଏଚ୍ ଏନ୍ ଡି ଯୋଜନା ,ପି ଏମ ସୂର୍ଯ୍ୟ ଘର, ମାଟି ସ୍ୱାସ୍ଥ୍ୟ କାର୍ଡ,ପି ଏମ କିଶାନ ଓ ସି ଏମ କିଶାନ୍ ଯୋଜନା, ପ୍ରଧାନ ମନ୍ତ୍ରୀ ମୁଦ୍ରା ଓ ପ୍ରଧାନ ମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଆଦି ଅଗ୍ରଣୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସିଧା ପଲ୍ଲୀ ବାସିନ୍ଦାର ପ୍ରକୃତ ହିତାଧିକାରୀ ମାନଙ୍କୁ ଯୋଗାଇ ଦିଆଯାଉଅଛି ।

ଅଭିଯୋଗ ଶୁଣାଣିରେ ମୋଟ ୯୧ ଗୋଟି ଅଭିଯୋଗ ଆସିଥିବା ବେଳେ ବ୍ୟକ୍ତି ଗତ ୮୩ ଗୋଟି ଓ ଗ୍ରାମୀଣ ସମସ୍ୟା ଜନିତ ୦୮ ଗୋଟି ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୦୬ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଜିଲ୍ଲାପାଳ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ପାଠପଢା ନିମନ୍ତେ ଟାଙ୍ଗୀ ତହସିଲ ଅଧୀନ ରୁପାଞ୍ଜଳି ବେହେରା, ବଡ଼ିସାହି ର ରାମଚନ୍ଦ୍ରପୁର ଙ୍କୁ ୧୦ ହଜାର ଟଙ୍କା ଏବଂ ବେଗୁନିଆ ତହସିଲ ଅଧୀନ ଠାକୁର ପ୍ରସାଦ ସାହୁ, ମସାଣିଆ, କୁଞ୍ଜୁରିଙ୍କୁ ପାଠପଢା ନିମନ୍ତେ ୦୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

### ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ରେ

## ରାଡିଏଲ୍ ଇବିୟୁଏସ୍-ଗାଇଡେଡ୍ କ୍ରାୟୋବାୟୋପ୍ସି ପ୍ରକ୍ରିୟାରେ ଚିକିତ୍ସା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଉ ଏକ ପର୍ଦ୍ଦ ଯୋଡ଼ିଛି ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ -୨, ଫୁଲନଖରା । ରାଜ୍ୟରେ ପ୍ରଥମ ଥର ପାଇଁ ସମ ହସ୍ପିଟାଲ-୨ରେ ଏଣ୍ଡୋବ୍ରୋଙ୍କିଆଲ୍ ଅଲଟ୍ରାସାଉଣ୍ଡ (ଇବିୟୁଏସ)-ଗାଇଡେଡ କ୍ରାୟୋବାୟୋପ୍ସି ପ୍ରକ୍ରିୟାରେ ଫୁସ୍ଫୁସ୍‌ରେ ସୃଷ୍ଟି ହୋଇଥିବା କ୍ଷତ ସ୍ଥାନର ମାଂସ ପରୀକ୍ଷା ପାଇଁ କଢ଼ାଯାଇଛି । ଜଣେ ୭୫ ବର୍ଷୀୟା ବୃଦ୍ଧା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ସହ କଫ ଏବଂ ହେମୋପଟାଇସିସ ଭଳି ସମସ୍ୟାରେ ୨ ମାସ ହେବ ପୀଡ଼ିତ ଥିଲେ । ଛାତିରେ ସିଟି ସ୍କାନ୍ ଦ୍ୱାରା ବାମ ପଟ ଫୁସଫୁସରେ ଏକ କ୍ଷତ ଥିବା ଜଣାପଡ଼ିଥିଲା । ଚିରାଚରିତ ବାୟୋପ୍ସି ପ୍ରକ୍ରିୟାରେ ଚିକିତ୍ସାରେ ସମସ୍ୟା ଉପୁଜୁଥିବା ବେଳେ ଏହି ଅତ୍ୟାଧୁନିକ ରାଡିଏଲ୍ ଇବିୟୁଏସ



ଏବଂ କ୍ରାୟୋବାୟୋପ୍ସି ଦ୍ୱାରା ଡାକ୍ତରୀ ଟିମ ଉଚ୍ଚମାନର ଟିସ୍ୟୁ ନମୂନା ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ ।

ପରବର୍ତ୍ତୀ ସମୟରେ ହିଷ୍ଟୋପାଥୋଲଜି ଦ୍ୱାରା ଏହି କ୍ଷତ ଟ୍ୟୁବରକ୍ୟୁଲାର ଥିବାର ଜଣାପଡ଼ିବା ସହ ଉପଯୁକ୍ତ ଚିକିତ୍ସାର ରାସ୍ତା ବାହାରିପାରିଥିଲା । ଏହି ପ୍ରକ୍ରିୟାରେ ପଲମୋନାରୀ ମେଡିସିନ ବିଭାଗର ଆସୋସିଏଟ ପ୍ରଫେସର ଡାକ୍ତର ସ୍ୱଦେଶ କୁମାର ମହାନ୍ତି ନେତୃତ୍ୱ ନେଇଥିବା ବେଳେ ତାଙ୍କୁ ଡାକ୍ତର ରଚିତା ମହାନ୍ତି ଏବଂ ଡାକ୍ତର ସୂର୍ଯ୍ୟ ଶଙ୍କର ମେହେର ଓ ଆନେସ୍ଥେସିଆ ବିଭାଗ ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିଲା ।

ଏହା କେବଳ ଏକ ଡାକ୍ତରୀ ସଫଳତା ନୁହେଁ ବରଂ ଆନ୍ତର୍ଜାତିକ ପଲମୋନାରୀ ମେଡିସିନ କ୍ଷେତ୍ରରେ ଓଡ଼ିଶା ପାଇଁ ଏକ ବଡ଼ ପଦକ୍ଷେପ ବୋଲି ଡାକ୍ତର ମହାନ୍ତି କହିଛନ୍ତି । ଏହି ପଦ୍ଧତି ଦ୍ୱାରା ଫୁସଫୁସର ଗଭୀରତମ ସ୍ଥାନରେ ଥିବା କ୍ଷତ ନିକଟରେ ପହଂଚିପାରିବା ସହ ଏହାର ନମୂନା ସଂଗ୍ରହ କରିବାରେ ମଧ୍ୟ ସମ୍ଭବ ହୋଇପାରୁଥିବା ଡାକ୍ତର ମହାନ୍ତି କହିଛନ୍ତି । ଏହି ସଫଳତା ଦ୍ୱାରା ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ ଫୁସଫୁସ ସମସ୍ୟାର ଚିକିତ୍ସା ନିମନ୍ତେ ଏଭଳି ଉନ୍ନତ ଅତ୍ୟାଧୁନିକ ଚିକିତ୍ସା ଓ ପରୀକ୍ଷଣ ପ୍ରକ୍ରିୟା ଆପଣେଇବାରେ ଭାରତର ହାତଗଣତି କେନ୍ଦ୍ରଗୁଡ଼ିକ ସହ ଯୋଡ଼ି ହୋଇପାରିଥିବା ଡାକ୍ତର ମହାନ୍ତି କହିଛନ୍ତି ।

### ଗାଁ ଗାଁ ଯାଇ ଭୋଟ ଭିକ୍ଷା କରିବି : ଭକ୍ତ

## କଂଗ୍ରେସ ସମସ୍ତ ଭୂମିହୀନ ଦଳିତ ଓ ଆଦିବାସୀଙ୍କୁ ଜମି ପଟ୍ଟା ପ୍ରଦାନ କରିବ

ନୂଆପଡ଼ା/ ଭୁବନେଶ୍ୱର,(ସବ୍ୟୁ): ପିସିସି ସଭାପତି ଭକ୍ତ ଚରଣ ଦାସ ବହୁ ପ୍ରତିକ୍ଷୀତ ନ୍ୟାୟ ଯାତ୍ରା ଏବଂ ସମାବେଶ ଖରିଆରରୁ ନୂଆପଡା ଅଭିମୁଖେ ଆରମ୍ଭ କରିଛନ୍ତି । ଉତ୍କେଳା ବିମାନ ବନ୍ଦରରୁ ଖରିଆର ପହଞ୍ଚିବା ପରେ କଂଗ୍ରେସର ନେତୃବୃନ୍ଦ ଏବଂ ହଜାର ହଜାର କର୍ମକର୍ତ୍ତା ଶ୍ରୀ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଏକ ବିଶାଳ ବାଇକ ରାଲି ଯୋଗେ ଖରିଆର ରୋଡ଼ର ନ୍ୟାୟ ସମାବେଶ ସଭା ସ୍ଥଳକୁ ପହଞ୍ଚିଥିଲେ । ନୂଆପଡା ବିଧାୟକ ପ୍ରାର୍ଥୀ ତଥା କଂଗ୍ରେସ ଜିଲ୍ଲା ସଭାପତି ଘାସିରାମ ମାଝୀ ଶ୍ରୀ ଦାସଙ୍କୁ ସ୍ୱାଗତ କରିଥିଲେ । ବିହାରରେ ରାହୁଲ ଗାନ୍ଧୀଙ୍କ ଯାତ୍ରାରେ ମୁଁ ଅଂଶଗ୍ରହଣ କରିଥିଲି ଏବଂ ଏହା ମତେ ଆଗକୁ ସଂଘର୍ଷ କରିବା ପାଇଁ ଅନେକ ଉତ୍ସାହିତ କରିଛି । ନୂଆପଡାର ଉଦୀୟମାନ କଂଗ୍ରେସ ନେତା ଘାସିରାମ ମାଝିଙ୍କ ବଳିଷ୍ଠ ନେତୃତ୍ୱରେ ଆମେ ଶ୍ରମିକ, ବଞ୍ଚିତ, ଦଳିତ ଏବଂ ଆଦିବାସୀଙ୍କ ନ୍ୟାୟର ଲଢେଇ କରିବୁ । ଆମେ ଗାଁ ଗାଁ ଯାଇ ଭୋଟ ଭିକ୍ଷା କରିବୁ ଲୋକଙ୍କ ସହିତ ମିଶିବୁ । କଂଗ୍ରେସ ଜିଲ୍ଲା ସଭାପତି ଶ୍ରୀ ମାଝୀ ଜଣେ ଅତ୍ୟନ୍ତ ପରୋପକାରୀ ଏବଂ ସାମାଜିକ ନ୍ୟାୟ ପାଇଁ ସଂଘର୍ଷଶୀଳ ନେତା । ଆମେ ସମସ୍ତେ ମିଶି ଲଢେଇ କରି ଜନସାଧାରଣଙ୍କ ପ୍ରିୟ ଭାଜନ ହୋଇ କଂଗ୍ରେସକୁ ଜୟଯୁକ୍ତ କରିବା ବୋଲି ପିସିସି ସଭାପତି ତାଙ୍କ ବ୍ୟକ୍ତବ୍ୟ ରଖିଥିଲେ ।

ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ନ୍ୟାୟ ସମାବେଶରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । କଂଗେସ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପିସିସି ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱକୁ ଆସ୍ଥା ପ୍ରକଟ କରି ନୂଆପଡ଼ା ଜିଲ୍ଲାର ବହୁ ଯୁବ କର୍ମୀ ଓ ନେତା ବିଜେପି ଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ଯୋଗ ଦେଇଥିଲେ । ପିସିସି ସଭାପତି ଶ୍ରୀ ଦାସ ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ । ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ଉପ ସଭାପତି ସନ୍ତୋଷ ସିଂହ ସାଲୁଜା, କଂଗ୍ରେସ ନେତା ଭାରତ ଭୁଷଣ ବେମାଲ , ପୂର୍ବତନ ବିଧାୟକ କୃଷ୍ଣ ଚନ୍ଦ୍ର ସାଗରିଆ ପ୍ରମୁଖ ବହୁ ନେତୃବୃନ୍ଦ, ଜିଲ୍ଲା ଏବଂ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଓ ହଜାର ହଜାର ସଂଖ୍ୟାରେ ମହିଳା,ଯୁବ, ଛାତ୍ର ଯୋଗଦେଇଥିଲେ ।

### ବାଣ ଭିଡୁଥିବା ବେଳେ ଭୟଙ୍କର ବିସ୍ଫୋରଣ

## ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲେ ଅନିଲ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡ଼ା ଗ୍ରାମରେ ରବିବାର ବାଣ ଭିଡୁ ଥିବା ବେଳେ ଭୟଙ୍କର ବାଣ ବିସ୍ଫୋରଣରେ ଅବସ୍ଥା ସଂକଟାପନ୍ନ ଥିବା ଯୁବକ ଅନିଲ ଦାସ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ସହ ଲଢ଼ିବାପରେ ସୋମବାର ଆଖି ବୁଜିଛନ୍ତି । ମୃତ ଅନୀଲଙ୍କ ମା, ସାନଭାଇ, ସ୍ତ୍ରୀ ଏବେ ବି ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଥିବାର ଜଣାଯାଇଛି । ପ୍ରାପ୍ତ ସୂଚନା ମୁତାବକ ବେଆଇନ ବାଣ ତିଆରି କାରଖାନାରେ ବାଣ ପ୍ରସ୍ତୁତି ସମୟରେ ଫଳରେ ୪ ଜଣ ଗୁରୁତର ଆହତ ହୋଇଥିବା ବେଳେ ସେଥି ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିଲା । ବୈଶିଙ୍ଗା ଥାନା ପୁରୁଣିଆ ପଞ୍ଚାୟତ ଅଧୀନ ବାଛୁରପଡା ଗ୍ରାମର ସନ୍ତୋଷ ଦାସ ଙ୍କ ବଡ଼ ପୁଅ ଅନିଲ କୁମାର ଦାସ ଛପର ଘରର ଭିତରେ ପଟରେ ରହି ବାଣ ଭିଡୁଥିବା ବେଳେ ଭୟାବହ ବିସ୍ଫୋରଣରେ ଘରର ଛପର ଉଡ଼ି ଯାଇଥିବା ବେଳେ କଂକ୍ରିଟ କାନ୍ଥ ଭୁଶୁଡି ଯାଇଥିଲା । ଅନିଲଙ୍କ ମାଆ ଶାନ୍ତିଲତା ଦାସ, ସ୍ତ୍ରୀ କ୍ରିଷ୍ଣା ଦାସ, ସାନ ଭାଇ ସୁନୀଲ ଦାସ ଉକ୍ତ ଘରର ବାହାର ପାଖରେ ରହି ବାଣ ଭିଡୁଥିଲେ । ଏହି ସମୟରେ କୌଣସି କାରଣ ବଶତଃ ପୂର୍ବାହ୍ନ ପାଖାପାଖି ୧୧ଟା ବେଳକୁ ଭୟଙ୍କର ବିସ୍ଫୋରଣ ହୋଇଥିଲା । ଫଳରେ ଘରର ପକ୍କା କାନ୍ଥ , ଛପର ଭାଙ୍ଗି ମାଟିରେ ମିଶିଯାଇଥିଲା । ଏହି ବିସ୍ଫୋରଣରେ ଅନିଲ ର ସ୍ୱାସ୍ଥ୍ୟବସ୍ଥା ସଂକଷ୍ଟାପନ୍ନ ଥିବା ବେଳେ ମା , ସ୍ତ୍ରୀ ଏବଂ ସାନ ଭାଇ ଗୁରୁତର ଆହତ ହୋଇଥିଲେ । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକ ଅବସ୍ଥା ସଙ୍କଟାପନ୍ନ ଥିବା ଅନିଲଙ୍କୁ ପ୍ରଥମେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ନିଆଯାଇଥିବାବେଳେ ପରେ କଟକ ସ୍ଥାନାନ୍ତର କରାଯାଇଥିଲା । ସେହିପରି ଗୁରୁତର ଆହତ ଅନିଲଙ୍କ ମାଆ ଶାନ୍ତିଲତା, ସ୍ତ୍ରୀ କ୍ରିଷ୍ଣା , ସାନ ଭାଇ ସୁନୀଲ ମଧ୍ୟ ସ୍ଥାନୀୟ ଡ଼ାକ୍ତରଖାନା ରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ସୋମବାର ଶେଷରେ ଜୀବନ ସହିତ ସଂଗ୍ରାମ କରି କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଅନୀଲ ଆଖିବୁଜି ଥଲେ । ତାଙ୍କର ମୃତ୍ୟୁ ଖବର ଶୁଣି ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ମେଳାପୀ , ପରୋପକାରୀ , ହୃଦୟବାନ ଯୁବକ ଥିଲେ । ତାଙ୍କର ମୃତ୍ୟୁରେ ବିଭିନ୍ନ ସଂଗଠନ , ସ୍ଥାନୀୟ ନେତୃବୃନ୍ଦ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏନେଇ ବୈଶିଙ୍ଗା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ପ୍ରଶାସନର ନାକ ତଳେ ଜୀବନକୁ ବାଜି ଲଗାଇ ଏହି ଗ୍ରାମର ଲୋକମାନେ କୋଟି କୋଟି ଟଙ୍କାର ବାଣ ପ୍ରସ୍ତୁତି କରୁଥିବା ବେଳେ ଅନେକ ସମୟରେ ବିସ୍ଫୋରଣରେ ଜୀବନ ମଧ୍ୟ ଚାଲିଯାଉଥିବାର ଅନେକ ନଜିର ରହିଥିବା ବେଳେ ପ୍ରଶାସନ ଚୁପ ରହିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ପାଣିରେ ବୁଡ଼ି ଯୁବତୀ ମୃତ୍ୟୁ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ଏକରୁଖୀ ଗ୍ରାମର ତ୍ରିନାଥ ନାୟକଙ୍କ ଝିଅ ଯଶୋଦା ନାୟକ (୩୨) ଗ୍ରାମ ନିକଟ ନଦୀରେ ଗାଧାଉ ଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ ।ଘରକୁ ଫେରିବା ଡେରି ହେବାରୁ ପରିବାର ଲୋକେ ନଦୀରେ ଯାଇ ଖୋଜା ଖୋଜି କରିବା ପରେ ଝିଅ ପାଣିରେ ବୁଡି ଯାଇଥିବା ଦେଖିବାକୁ ପାଇଥିଲେ ।ସଙ୍ଗେ ସଙ୍ଗେ ପରିବାର ଲୋକେ ଝିଅକୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ।ଡାକ୍ତର ଦେଖିବା ପରେ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ । ଖବର ପାଇ କଣାସ ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ ସବ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ ।ଏନେଇ କଣାସ ଥାନାରେ ୧୧/୩୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ଅଖିଳ ଭାରତୀୟ ବ୍ୟାଙ୍କ ଅଧିକାରୀ ସଂଘ ଓଡିଶା ଶାଖାର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର (ସବ୍ୟୁ): ଅଖିଳ ଭାରତୀୟ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇବିଓସି) ଓଡିଶା ଶାଖା ପକ୍ଷରୁ ଏହାର ୪୧ତମ ପ୍ରତିଷ୍ଠା ଦିବସ ଉତ୍ସାହ, ଏକତା ଓ ସାମାଜିକ ଦାୟିତ୍ୱର ନବୀନ ପ୍ରତିଶ୍ରୁତି ସହ ପାଳିତ ହେଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ପିଏନବି ଜୋନାଲ୍ ଅଫିସ୍, ଖରବେଳ ନଗର, ଭୁବନେଶ୍ୱର ପ୍ରାଙ୍ଗଣରେ ହେଲା ଓ ସମଗ୍ର ରାଜ୍ୟର ଅଫିସର୍ସ ମୁଦାୟ ପାଇଁ ଏକ ଗର୍ବ ଓ ଅନୁଭବର ଦିନ ହେଲା । ଏହି ଅବସରରେ ରାଜ୍ୟ ସଭାପତି ବୈଲୋଚନ ସାହୁ, ସଚିବ ଅମିତାଭ ଦାସ, ୟୁନିୟନ ବ୍ୟାଙ୍କର ସାଧାରଣ ସଚିବ ଗୌରୀଶଙ୍କର ଚୌଧୁରୀ, ସ୍ନେହାଶିଶ ଘଡେଇ, ସୁକାନ୍ତ ଛାଟୋଇ , ସୌମେନ୍ଦ୍ର ସାହୁ ଓ ବିଭିନ୍ନ ବ୍ୟାଙ୍କର ନେତା, ପଦାଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ । ରାଜ୍ୟ ସଚିବ ତାଙ୍କ ଉଦ୍‌ବୋଧନରେ ଏଆଇବିଓସିର ସ୍ଥାପକ ନେତାମାନଙ୍କୁ ସ୍ମରଣ କରି ବର୍ତ୍ତମାନର ଅର୍ଥନୈତିକ ପରିବର୍ତ୍ତନ, ବ୍ୟାଙ୍କର ଘରୋଇକରଣ, ଆଉଟସୋର୍ସିଂ ଓ ଡିଜିଟାଲ ରୂପାନ୍ତରଣ ଭଳି ଚ୍ୟାଲେଞ୍ଜ ମଧ୍ୟରେ ଅଫିସରମାନଙ୍କ




ଅଧିକାର ଓ ସମ୍ମାନ ରକ୍ଷା ପାଇଁ ଏକତା ଓ ସଚେତନତା ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ । ଏହି ଅବସରରେ ଏଆଇବିଓସି ଓଡିଶା ରାଜ୍ୟ ୟୁନିଟ ଘୋଷଣା କଲେ ଯେ, ଆସନ୍ତା ଦିନରେ ରଚନା ଓ ବିତର୍କ ପ୍ରତିଯୋଗିତା ସହିତ ଏକ ୱାକାଥନ୍ ଆୟୋଜିତ ହେବ । ବିଭିନ୍ନ ପ୍ରତିଯୋଗିତାର ବିଷୟ ହେବ — "ରାଷ୍ଟ୍ର ଗଠନରେ ବ୍ୟାଙ୍କ ଅଫିସରମାନଙ୍କ ଭୂମିକା," "ଆଧୁନିକ ବ୍ୟାଙ୍କିଂରେ ନୈତିକତା," ଓ "ସ୍ଥାୟୀ ଅର୍ଥନୀତି ଓ ସାମାଜିକ ଦାୟିତ୍ୱ ।"ୱାକାଥନ୍ ମାଧ୍ୟମରେ ସୁସ୍ଥ ଜୀବନ, ଏକତା ଓ ବ୍ୟାଙ୍କ ଅଫିସରମାନଙ୍କ ଦେଶ ଗଠନରେ ଭୂମିକା ବିଷୟରେ ସଚେତନତା ସୃଷ୍ଟି ହେବ ।

## ସୋଆ ଆଇବିସିଏସ୍ ଏବଂ ଏନ୍ଏସ୍ଏସ୍ ଶାଖା ପକ୍ଷରୁ 'ସ୍ୱଚ୍ଛତା ଅଭିଯାନ' କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ସାଇନସେସ୍ (ଆଇବିସିଏସ୍) ଏବଂ ବିଶ୍ୱବିଦ୍ୟାଳୟର ଏନ୍ଏସଏସ୍ ଶାଖା ପକ୍ଷରୁ ସେପ୍ଟେମ୍ବର ମାସ ୨୭ ତାରିଖ ଦିନ 'ସ୍ୱଚ୍ଛ ଭାରତ ଅଭିଯାନ' ପରିପ୍ରେକ୍ଷୀରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସ୍ୱଚ୍ଛତା, ପରିଚ୍ଛନ୍ନତା ଏବଂ ପରିବେଶ ପ୍ରଦୂଷଣକୁ ରୋକିବା ଦିଗରେ ସଚେତନତା ନେଇ ଆଇବିସିଏସ୍ କ୍ୟାମ୍ପସ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଇବିସିଏସ୍‌ର ଡିନ ପ୍ରଫେସର ଅୟସ କାନ୍ତ ମହାନ୍ତି, ଆସୋସିଏଟ ଡିନ୍ ପ୍ରଫେସର ମନୋରଞ୍ଜନ ଦାଶ ଏବଂ ଛାତ୍ର ମଙ୍ଗଳ ଡିନ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଯୋଗ ଦେଇ ସ୍ୱଚ୍ଛତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏନ୍ଏସ୍ଏସ୍ ର ପ୍ରୋଗ୍ରାମ ଅଫିସର ଶ୍ରୀ ଅନନ୍ତ ପ୍ରସାଦ ନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ 'କ୍ଲିନ୍ କ୍ୟାମ୍ପସ, ଗ୍ରୀନ୍ କ୍ୟାମ୍ପସ' ଏବଂ 'ଏ କ୍ଲିନ୍ ଏନ୍ଭାଇରନ୍ମେଂଟ ଇଜ ଏ ହେଲ୍‌ଦି ଏନ୍ଭାଇରନ୍ମେଂଟ' ସ୍ଲୋଗାନ୍ ଦେଇ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## 'ପ୍ରୟାସ' ଦାଣ୍ଡିଆ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ 'ପ୍ରୟାସ' ଆନୁକୁଲ୍ୟରେ ଆୟୋଜିତ ଦ୍ୱାଦଶ ଦାଣ୍ଡିଆ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ୭ଦିନ ଧରି ଆୟୋଜିତ ହେଉଥିବା ଏହି ମହୋତ୍ସବର ଅନ୍ତିମ ସନ୍ଧ୍ୟାକୁ ବରିଷ୍ଠ ସାମ୍ବାଦିକ ତଥା 'ପ୍ରୟାସ'ର ଟ୍ରଷ୍ଟି କୌସ୍ତୁଭ ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଗତ ସେପ୍ଟେମ୍ବର ୨୬ତାରିଖରୁ ଏହି ଦାଣ୍ଡିଆ ମହୋତ୍ସବ ଆରମ୍ଭ ହୋଇ ଅକ୍ଟୋବର ୨ତାରିଖ ଦଶହରା ଦିନ ଶେଷ ହୋଇଥିଲା । ଚଳିତବର୍ଷ ଦାଣ୍ଡିଆରେ ପ୍ରାୟ ୨୫ହଜାର ଲୋକ ସାମିଲ ହୋଇ ଗୁଜୁରାଟର ଏହି ମହାନ ପରମ୍ପରାକୁ ଓଡ଼ିଆ ଓ ହିନ୍ଦି ସଙ୍ଗୀତର ତାଳେ ତାଳେ ନୃତ୍ୟ କରି ଉପଭୋଗ କରିଥିଲେ । ସେହିପରି 'ପ୍ରୟାସ' ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ ଭଲ ନୃତ୍ୟ ଏବଂ ପୋଷାକ ପରିଧାନ କରିଥିବା ଯୁବକଯୁବତୀ ଓ ଛୋଟ ପିଲାଙ୍କୁ ବେଷ୍ଟ ଡ୍ୟାନ୍ସର, ବେଷ୍ଟ କଷ୍ଟ୍ୟୁମ୍, ବେଷ୍ଟ କିଡ୍ ଡ୍ୟାନସର ଓ ବେଷ୍ଟ କପଲ ଆଦି ଚୟନ କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ମହୋତ୍ସବରେ ପଡ଼ିଥିବା



ଷ୍ଟଲ୍‌ରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ମଜା ମଧ୍ୟ ଲୋକ ନେଇଥିଲେ । ଲଗାତାର 'ପ୍ରୟାସ' ପକ୍ଷରୁ ୧୨ବର୍ଷ ବ୍ୟାପୀ ଏଭଳି ଏକ ଆୟୋଜନକୁ ଜନସାଧାରଣ ବେଶ୍ ପ୍ରଶଂସା କରିଥିଲେ । ମହୋତ୍ସବକୁ ସମ୍ପୂର୍ଣ୍ଣ ରୂପେ ମଦ୍ୟପାନ ନିଷେଧ, ଧୂମପାନ ନିଷେଧ ଓ ଆମିଷ ନିଷେଧ କରାଯାଇଥିଲା । ଲୋକମାନେ ପରିବାର ସହ ଆସି ଏଠାରେ ପାର୍ବଣରେ ମନଭରି ଉପଭୋଗ କରିଥିଲେ । ଚଳିତବର୍ଷର ମହୋତ୍ସବ ସଫଳ ହୋଇଥିବାରୁ 'ପ୍ରୟାସ'ର ଅଧ୍ୟକ୍ଷ ତଥା ଆଇନଜୀବୀ ବନ ମହାନ୍ତି ଅନୁଷ୍ଠାନ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ 'ପ୍ରୟାସ'ର ସଦସ୍ୟ କମଳ ମହାନ୍ତି, କୌଶିକ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡିତରା, ସୋନାଲି ପ୍ରିୟଦର୍ଶିନୀ, ଜସ୍ମିନ ମହାନ୍ତି, ମମତା ମହାନ୍ତି, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ପ୍ରଶାନ୍ତ ଦାସ, ରାଜଦୀପ ଦାସ, ସୁରେଶ ପତ୍ରୀ, ଉମାକାନ୍ତ ତାଣ୍ଡି, ଡିଏନ୍ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ଓଡିଶା ଲେଖିକା ସଂସଦର ମାସିକ ବୈଠକ

ଭୁବନେଶ୍ୱର (ସବ୍ୟୁ): ରବିବାର ରାଜଧାନୀ କଳାସଂସଦର ସଭାଗୃହରେ ଓଡ଼ିଶା ଲେଖିକା ସଂସଦର ମାସିକ ବୈଠକ



ସଭାପତି ଡ. ଶକୁନ୍ତଳା ବଳିୟାର ସିଂହ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ମିନତି ମିଶ୍ର ସ୍ୱରଚିତ ଜଗନ୍ନାଥ ଜଣାଣ ଗାନ କରିଥିଲେ । ସଭା ଆରମ୍ଭରେ ଏହାର ଦିବଂଗତ ସଦସ୍ୟା ମନିକା ମହାପାତ୍ର ଙ୍କ ବିୟୋଗରେ ସମସ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିବା ସହିତ ତାର ସ୍ମୃତିଚାରଣ କରିଥିଲେ । ଏହି ସଭାରେ ସଂସଦର ଉପସଭାପତି ଗୋଲାପ ମଞ୍ଜରି କର, କୋଷାଧ୍ୟକ୍ଷ ସୁଜାତା ମହାପାତ୍ର, ଯୁଗ୍ମ ସଂପାଦିକା କାନନବାଳା ପଟ୍ଟନାୟକ, ହରିପ୍ରିୟା ପଟ୍ଟନାୟକ,ଗୀତାଞ୍ଜଳି ପାଣି ପ୍ରଭୃତି ପ୍ରାୟ କୋଡିଏ ଜଣ କବି ସ୍ୱରଚିତ କବିତାମାନ ପାଠ କରିଥିଲେ । ସଂସଦର ଆସନ୍ତା ମାସିକ ବୈଠକ ବୁଦ୍ଧମନ୍ଦିର ପରିସରରେ ବୟୋଜ୍ୟେଷ୍ଠ ଲେଖିକା ଡ. ସାଗରିକା ଦାସ ସନ୍ଧ୍ୟା ଭାବରେ ପାଳିତ ହେବ ବୋଲି ସ୍ଥିର ହେଲା । ଲେଖିକା ସଂସଦର ବାର୍ଷିକ ଉତ୍ସବ ଆସନ୍ତା ୨୦୨୬ ମସିହା ଫେବୃୟାରୀ ବା ମାର୍ଚ୍ଚ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ଅବସରରେ ସଂସଦର ସ୍ମରଣିକାରେ ମା, ମାଟି ଓ ମାତୃଭାଷା ଆଧାରିତ ବିଷୟମାନ ସ୍ଥାନିତ ହେବ ବୋଲି ସଭାପତି ଘୋଷଣା କରିଥିଲେ । ପରିଶେଷରେ ସଂସଦର ଯୁଗ୍ମ ସଂପାଦିକା କାନନବାଳା ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନାଲସା ପକ୍ଷରୁ ମଧ୍ୟସ୍ଥତା "ରାଷ୍ଟ୍ର ପାଇଁ" ଅଭିଯାନ

କଟକ,(ସବ୍ୟୁ) ଓଡ଼ିଶା ହାଇକୋର୍ଟ , ବିଭିନ୍ନ ଜିଲ୍ଲା ଓ ତାଲୁକ ସ୍ତରୀୟ ଅଦାଲତଗୁଡ଼ିକରେ ପଡ଼ି ରହିଥିବା ମାମଲାଗୁଡ଼ିକର ଫଇସଲା ପାଇଁ ଏକ ସ୍ୱତନ୍ତ୍ର ୯୦ ଦିନିଆ ମଧ୍ୟସ୍ଥତା ପଦକ୍ଷେପ ସ୍ୱରୂପ ମଧ୍ୟସ୍ଥତା "ରାଷ୍ଟ୍ର ପାଇଁ" ଅଭିଯାନ ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ସୁପ୍ରିମକୋର୍ଟଙ୍କ ମଧ୍ୟସ୍ଥତା ଏବଂ ସମାଧାନ ପ୍ରକଳ୍ପ କମିଟି (ଗଉଚଉ)ଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନ ୧ ଜୁଲାଇ, ୨୦୨୫ ରୁ ୩୦ ସେପ୍ଟେମ୍ବର, ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହି ଅଭିଯାନ କାଳରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଏବଂ ତାଲୁକ କୋର୍ଟ ଦ୍ୱାରା ପନ୍ଦରଟି ବିଭିନ୍ନ ବର୍ଗରେ ମୋଟ ୧୩, ୫୨୭ଟି ବୈବାହିକ, ଦୁର୍ଘଟଣା ଜନିତ ଦାବି, ଘରୋଇ ହିଂସା, ଚେକ୍ ବାଉନ୍ସ,, ବାଣିଜ୍ୟିକ ବିବାଦ, ଚାକିରି ସମ୍ବନ୍ଧୀୟ ମାମଲା, ଫୌଜଦାରୀ ମାମଲା, ଉପଭୋକ୍ତା ବିବାଦ, ଋଣ ଆଦାୟ, ବିଭାଜନ, ଉଚ୍ଛେଦ, ଜମି ଅଧିଗ୍ରହଣ, ଅନ୍ୟାନ୍ୟ ଉପଯୁକ୍ତ ଦେୱାନୀ ମାମଲା, ମଧ୍ୟସ୍ଥତା ମାଧ୍ୟମରେ ସାଲିସ, ବିଦ୍ୟୁତ୍ ଏବଂ ଶ୍ରମ ଆଦି ବିଚାରଧୀନ ମାମଲାଗୁଡିକୁ ଯଥାକ୍ରମେ ଓଡ଼ିଶା ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ର ଏବଂ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରକୁ ମଧ୍ୟସ୍ଥତା ନିମନ୍ତେ ପଠାଯାଇଥିଲା । ଉପରୋକ୍ତ ମାମଲାଗୁଡିକ ମଧ୍ୟରୁ ସେପ୍ଟେମ୍ବର ୩୦ସୁଦ୍ଧା ୮ ୯୦ ମାମଲାର ସଫଳ ଭାବରେ ଫଇସଲା କରାଯାଇଛି । ଏହି ସମୟ ମଧ୍ୟରେ ୭ ୯୪୨ଟି ମାମଲା ଅସଫଳ/ନନ୍ ଷ୍ଟାର୍ଟର ରହିଥିବାବେଳେ ୪୬ ୯ ୫ଟି ମାମଲା ମଧ୍ୟସ୍ଥତା ପାଇଁ ବିଚାରାଧୀନ ରହିଛି ।



ପବିତ୍ର କୁମାର ପୂର୍ଣ୍ଣମୀ ଅବସରରେ କୁମାରୀମାନଙ୍କର ଚାନ୍ଦ ପୂଜା

## ସାଇବର ଅପରାଧ ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ
### ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପାଠ୍ୟପୁସ୍ତକରେ ଏକ ବିଷୟ ସ୍ଥାନିତ କରାଯାଉ

ବ୍ରହ୍ମପୁର, (ସବ୍ୟୁ): କୋଭିଡ -୧୯ କରୋନା ପରେ ପରେ ଅନ ଲାଇନ କ୍ଲାସ ଓ କୋଚିଙ୍ଗ ନେବା ନିମନ୍ତେ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ହାତରେ ସ୍ମାର୍ଟ ଫୋନ ଧରେଇବାରେ ପିତାମାତା ମାନେ ବାଧ୍ୟ ହୋଇଥିଲେ । ବର୍ତ୍ତମାନ ଦେଖିବାକୁ ମିଳୁଛି ସମସ୍ତ ଛାତ୍ରଛାତ୍ରୀ ଅଷ୍ଟମ ଶ୍ରେଣୀରୁ ସ୍ମାର୍ଟ ଫୋନ ଧରିବା ଆରମ୍ଭ କରିଦେଲେଣି । ଅନ-ଲାଇନରେ କିଣାକିଣି ଓ ଖେଳାଖେଳି କରି ଅଜାଣତରେ ସାଇବର ଅପରାଧରେ ଫସି ଠକେଇର ଶିକାର ହେଉଛନ୍ତି । ବର୍ତ୍ତମାନ ଅଭିଭାବକ ଓ ମାତାପିତାଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଖାସକରି ନାବାଳିକା ଛାତ୍ରୀମାନେ ଏଥିରେ ଅଧିକରୁ ଅଧିକ ଶିକାର ହେଉଛନ୍ତି । ତାଙ୍କ ପୁରୁଷ ବନ୍ଧୁ ମାନେ ଅତି ଚତୁରତା ସହିତ ସେମାନଙ୍କ ନଗ୍ନ ଚିତ୍ର ଉତ୍ତୋଳନ କରି ବ୍ଲାକମେଲ କରୁଛନ୍ତି । ନଶୁଣିଲେ ଫେସବୁକରେ ଭାଇରଲ କରିଦେବାର ଧମକ ଦେଉଛନ୍ତି । ଫଳରେ ଅନେକ ନାବାଳିକା ଛାତ୍ରୀଙ୍କୁ ସାଇବର ଅପରାଧରୁ ମୁକୁଳିବା ପାଇଁ ଏକ ଅଧ୍ୟାୟ ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପାଠ୍ୟପୁସ୍ତକରେ ସ୍ଥାନିତ କରି ପ୍ରତି ମାସରେ ଆଲୋଚନା କରାଯାଉ । ଫଳରେ ଛାତ୍ରଛାତ୍ରୀ ବହୁମାତ୍ରାରେ ସାଇବର ଅପରାଧ ଉପରେ ଜ୍ଞାନ ହାସଲ କରି ଏଥିରୁ ମୁକୁଳି ପାରିବେ ବୋଲି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ଏକ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣାଇଛନ୍ତି ।

## ଜମି ନଥାଇ ଚାଷୀ ପଞ୍ଜିକରଣ ଏବଂ ସୁଭଦ୍ରା ଯୋଜନାରୁ ବାଦ

# ଜିଲ୍ଲାପାଳଙ୍କୁ ଭେଟିଲେ ମହିଳା, ଘଟଣାର ତଦନ୍ତ କରାଯିବ : ଜିଲ୍ଲାପାଳ



ଛତ୍ରପୁର, (ସବ୍ୟୁ): ପୁରୁଷୋତମପୁର ବ୍ଲକ ସୁନାଥର ଗ୍ରାମ ପଚାଂୟତରେ ଶ୍ରୀରାମ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଓ ମା' ସରସ୍ୱତ୍ରୀ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କ ବିରୁଦ୍ଧରେ ଜିଲାପାଳଙ୍କ ନିକଟରେ ଫେରାଦ ହେଲେ ମହିଳାମାନେ । ଏହି ଦୁଇ ସଂଘ ନକଲି ଚାଷୀ ଓ ନକଲି ଜମି ପଟାରେ ନକଲି ଚାଷୀ ପଞ୍ଜିକରଣ କରାଇ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଛି । ଯାହାଫଳରେ ଗ୍ରାମର କିଛି ମହିଳା ସୁଭଦ୍ରା ଯୋଜନାରେ ଯୋଗ୍ୟ ଥାଇବି ସେମାନେ ସୁଭାଦ୍ରା ଯୋଜାନରୁ ବାଦ ପଡିଯାଇଛନ୍ତି । ଏପରିକି ସେମାନଙ୍କୁ ଧମକ ଦିଆଯାଉଥିବା ନେଇ ମହିଳାମାନେ ଜିଲାପାଳ ଭି.କିର୍ତି ଭାସନଙ୍କୁ ଭେଟି ବିଭିନ୍ନ ବିଷୟରେ ଅବଗତ କରାଇଛନ୍ତି । କାହାର ଜମି ନଥାଇ ମଧ ଚାଷୀ ପଞ୍ଜିକରଣ କରାଯାଇଛି କାହାର କମ ଜମି ଥାଇକି ଅଧିକ ଜମି ରହିଥିବା ଦର୍ଶାଯାଇଛି । ସୁନାଥର ଗ୍ରାମର ରିନା ନାହାକ କୌଣସି ଜମି ନଥିବା ବେଳେ ମା ସରସ୍ୱତୀ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ମଣ୍ଡିରେ ଜମି ରହିଥିବା ଦର୍ଶାଇଥିଲେ । ଏପରିକି ତାଙ୍କ ଆଧାରକାର୍ଡ ନେଇ ଜମି ପଞ୍ଜିକରଣ ସମୟରେ କରିଦେଇଥିଲେ । ଏପରିକି ରିନାଙ୍କ ଖାତାକୁ ସରକାରଙ୍କ ଧାନ ବିକ୍ରି ସମୟରେ ବୋନସ ଆକାରରେ ୨ ଲକ୍ଷ ଟଙ୍କା ଖାତାକୁ ଆସିଥିଲା । ପରବର୍ତୀ ସମୟରେ ଉକ୍ତ ଟଙ୍କାକୁ ମଧ ସଂଘ ମାଗି ନେଇଯାଇଥିଲେ । ସେ ଜଣେ ସୁଭଦ୍ରା ଯୋଜନାରେ ପାଇବାକୁ ଯୋଗ୍ୟ ରହିଥିବା ବେଳେ ଅଧିକ ଜମି ରହିଥିବା ଦର୍ଶାଯାଇ ତାଙ୍କରି ସୁଭଦ୍ରା ଯୋଜନାରୁ ବାଦ ପଡିଛନ୍ତି ବୋଲି ଜିଲ୍ଲାପାଳଙ୍କୁ କହିଥିଲେ । ସେହିପରି ସୁନାଥର ଗ୍ରାମର ଅନୀତା ନାହାକ ଓ ତାଙ୍କରି ୪ଝିଅ ମଧ ସୁଭଦ୍ରା ଯୋଜନା ପାଇବାକୁ ଯୋଗ୍ୟ ରହିଥିଲେ ବି ତାଙ୍କରି ମଧ ଅଧିକ ଜମି ରହିଥିବା ଦର୍ଶାଇ ବାଦ ପଡିଛନ୍ତି । ତାଙ୍କର ମାତ୍ର ୧୦ ଭରଣ ଜମି ରହିଥିବା ବେଳେ ଶ୍ରୀରାମ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ମଣ୍ଡି ପଞ୍ଜିକରଣ ସମୟରେ ଅଧିକ ଜମି ଦର୍ଶାଇଥିଲେ । ଏପରିକି ବୋନସ ଆକାରରେ ୩ ଲକ୍ଷ ଟଙ୍କା ଆସିଥିଲା ଏବଂ ଏହି ସଂଘ ସେମାନଙ୍କ ଠାରୁ ନେଇଯାଇଥିଲା । ଦୁଇ ସଂଘ ପାଇଁ ସୁନାଥର ଗ୍ରାମର ୫୦ ରୁ ଉର୍ଦ୍ଧ୍ୱର୍ ମହିଳାମାନେ ସୁଭାଦ୍ରା ଯୋଜନାରୁ ବାଦ ପଡିବା ସହ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଦୁଇ ସଂଘ ହାତେଇଥିବା ଜିଲାପାଳଙ୍କୁ କହିଥିଲେ । ଯଦି ତଦନ୍ତ କରାଯିବ ହେଲେ ଆହୁରି ବହୁ ତଥ୍ୟ ଆଗକୁ ଆସିବ ବୋଲି କହିଥିଲେ । ଜିଲାପାଳ ଏହି ଘଟଣାକୁ ନେଇ ଜିଲା ଯୋଗାଣ ଅଧିକାରୀ ଓ ମିଶନ ଶକ୍ତି ଡିପିସିଙ୍କୁ ତଦନ୍ତ କରି ଏହାର ରିର୍ପୋଟ ପ୍ରଦାନ କରିବାକୁ କହିଛନ୍ତି । ରିର୍ପୋଟ ଆସିଲେ ପରବର୍ତ୍ତି ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ନିଶା ନିବାରଣ କେନ୍ଦ୍ର ଅନ୍ତେବାସୀଙ୍କ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଲାଠି ରାସ୍ତାରେ ଥିବା "କର୍ତ୍ତବ୍ୟ" ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀ ଭାବେ ରହୁଥିବା ଖାରବେଳନଗରର ଅଶୋକ କୁମାର ପାଣିଗ୍ରାହୀ(୩୦)ଙ୍କ ମୃତ୍ୟୁର କାରଣ ବାର୍ତ୍ତମାନ ସୁଧା ଜଣାପଡି ନାହିଁ ସେ ଛାତରୁ ଡେଇଁବା ଯୋଗୁ ତାଙ୍କର ମୃତ୍ୟୁ ହୋଇ ନାଁ କର୍ମଚାରୀଙ୍କ ମାଡରେ ମୃତ୍ୟୁ ହୋଇଛି ତାହା ସନ୍ଦେହ ଘେରରେ ରହିଛି। ତେବେ ମୁଣ୍ଡରେ ଗଭୀର ଆଘାତ ଲାଗିବା କାରଣରୁ ଅଶୋକଙ୍କ ମୃତ୍ୟୁ ହୋଇଥିବା ଏମକେସିଜିର ଡାକ୍ତରମାନେ କହିଛନ୍ତି। ତାଙ୍କ ମୁଣ୍ଡରେ ଆଘାତ କିପରି ଲାଗିଲା ତାହା ପୁଲିସ ତଦନ୍ତରୁ ହିଁ ଜଣାପଡିଛି। ଘଟଣାପରେ ସଦର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାକୁ ୨୪ ଘଣ୍ଟାରୁ ଅଧିକ ସମୟ ବିତି ସାରିଥିଲେ ମଧ ଘଟଣାସ୍ଥଳକୁ ପୁଲିସର ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରି ନାହାନ୍ତି। ଅଶୋକଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ସନ୍ଦେହ କରିବା ସହ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ପୁଲିସ ପକ୍ଷରୁ ସେଭଳି ଆଖିଦୃଷ୍ଟିଆ ତଦନ୍ତ କରାଯାଉନଥିବା ଅଭିଯୋଗ ହୋଇଛି। ସୂଚନାଥାଉକି, ଏହି ନିଶା ନିବାରଣ କେନ୍ଦ୍ରରେ ଆଜକୁ ୩ ମାସ ହେବ ଅଶୋକ ରହୁଥିଲେ। ହେଲେ ଶନିବାର ବିଳମ୍ବିତ ରାତିରେ ଅଶୋକଙ୍କ ସମେତ ଅନ୍ୟ ୩ ଜଣ ଅନ୍ତେବାସୀ ମିଶି ଫେରାର ହୋଇଯିବା ଉଦ୍ଦେଶ୍ୟରେ ଏହି କେନ୍ଦ୍ରର ୨ ମହଲା ବିଶିଷ୍ଟ ଛାତ ଉପରକୁ ତଳକୁ ଡେଇଁ ପଡିଥିବା କେନ୍ଦ୍ର ପକ୍ଷରୁ ଅଶୋକଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। କେନ୍ଦ୍ରର କର୍ମଚାରୀମାନେ ଅଶୋକଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଛତ୍ରପୁର ସହରରେ ମାଙ୍କଡଙ୍କ ଉତ୍ପାତ

ଛତ୍ରପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ସହରରେ ଦିନକୁ ଦିନ ମାଙ୍ଗଡ ଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି । ଯାହା ଦ୍ୱାରା ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକଙ୍କ ସମେତ ସାଧାରଣ ନାଗରିକ ମାନେ ମଧ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସହରରେ ଅଧିକ ମାତ୍ରାରେ ମାଙ୍କଡ ମାନେ ଘୁରି ବୁଲୁଥିବା ବେଳେ ବିନା କାରଣରେ ଲୋକଙ୍କ ଉପରେ ଆକ୍ରମଣ କରି ଚାଲିଛନ୍ତି । ଏପରିକି ବଜାରରୁ ପରିବା ଓ ରାସନ ସାମଗ୍ରୀ କିଣି ଘରକୁ ନେବା ବେଳେ ମଧ ମାଙ୍କଡ ମାନେ ଆକ୍ରମଣ କରି ସାମଗ୍ରୀ ଗୁଡିକ ଛଡାଇ ନେଉଛନ୍ତି । ଏଣୁ ଏହାର ପ୍ରତିକାର ଲାଗି ସହର ବାସିନ୍ଦା ମାନଙ୍କ ପକ୍ଷରୁ ଛତ୍ରପୁର ସ୍ଥିତ ଜଉଗଡ ସମ୍ମିଳନୀ କକ୍ଷରେ ଚାଲିଥିବା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରିଛନ୍ତି ଛତ୍ରପୁର ସହର ବାସିନ୍ଦା ମାନେ । ଏହି ଅଭିଯୋଗ ପ୍ରଦାନ ବେଳେ ଆଇନଜୀବୀ ଡ଼ଃ ରାଜେନ୍ଦ୍ର କୁମାର ଦାଶ, ଗଙ୍ଗାଧର ପଣ୍ଡା, ମନୋଜ କୁମାର ବେହେରାଙ୍କ ସମେତ ବହୁ ସହର ବାସିନ୍ଦା ମାନେ ଉପସ୍ଥିତ ଥିଲେ ।

## କୁଆଁରୀ କନ୍ୟାଙ୍କ ଜହ୍ନିଓଷା ପୂଜା ଉଦ୍‌ଯାପିତ



ବୁଗୁଡ଼ା, (ସବ୍ୟୁ): ଆଧୁନିକ ଯୁଗରେ ଗ୍ରାମ୍ୟ ପରମ୍ପରାର ନିଦର୍ଶନ ସୃଷ୍ଟି କରିଥିବା କେତେକ ପର୍ବ ଲୋପ ପାଇବାକୁ ବସିଥିଲେ ହେଁ ବୁଗୁଡ଼ା ଅଞ୍ଚଳର ଗାଁ ଗହଳରେ ଏବେ ବି କେବଳ କୁଆଁରୀ କନ୍ୟାଙ୍କ ଦ୍ୱାରା ପାଳନ ହୋଇ ଆସୁଥିବା ନିଆରା ଜହ୍ନିଓଷା ପର୍ବ ଆଜି କୁମାର ପୂର୍ଣ୍ଣିମାରେ କ୍ରୀଡା କୌତୁକ ଓ ନୃତ୍ୟ ଗୀତ ସହ ଉଦଯାପିତ ହୋଇଯାଇଛି । ବୁଗୁଡା ସହର ଓ ବିଭିନ୍ନ ଗାଁରେ ଆଶ୍ୱିନ ମାସରେ କୁମାରୀ ଝିଅମାନେ ଏହି ଓଷା ପାଳନ କରିଆସୁଥିଲେ । ବୁଗୁଡା ଏନ୍‌ଏସିର ଯାଦବ ସାହି, ଖଡାଳ ସାହି ଆଦିର କୁମାରୀମାନେ ଏକତ୍ରିତ ଏହି ବ୍ରତ ପାଳନ କରି ପାର୍ବଣ ପରିବେଶକୁ ଅଧିକ ସରସ କରିଥିଲେ । ଓଷା ପାଳନ ପାଇଁ ଗ୍ରାମବାସୀ ତଥା ସାହି ବାସିନ୍ଦାଙ୍କ ମଧ ସହାୟତା ମିଳୁଥିଲା । ଏ ବର୍ଷ ସ୍କୁଲପିଲାଙ୍କଠାରୁ ମହାବିଦ୍ୟାଳୟରେ ପାଠ ପଢୁଥିବା ଏବଂ ପାଠ ଛାଡିଥିବା ଝିଅମାନେ ଏହି ଓଷା କରିଥିଲେ । ଦଳ ଦଳ ହୋଇ ଗାଁରେ ଥିବା ତୁଳସୀ ଚଉରା ମୂଳେ କୁମାରୀମାନେ ପୂଜା ଜାରି ରଖିଥିଲେ । ମାସ ତମାମ ନିଷ୍ଠା ସହକାରେ ଆମିଷ ଓ ଜହ୍ନି ପରିବାକୁ ସେମାନେ ଖାଇବା ତ ଦୂରର କଥା ସ୍ପର୍ଶ ବି କରିନଥିଲେ । ନିୟମିତ ସକାଳୁ ଫୁଲ ସଂଗ୍ରହ କରିବା ପରେ ସ୍ନାନ କରି ତୁଳସୀ ଚଉରା ମୂଳକୁ ଲିପାପୋଛା କରି ଧୂପଦୀପ ଦେଇ ଭୋଗଲାଗି କରୁଥିଲେ । ସେହିପରି ସନ୍ଧ୍ୟାସମୟରେ ପୁଣି ଚଉରା ନିକଟରେ ଜହ୍ନିଓଷା ପୁସ୍ତକ ପାଠ କରୁଥିଲେ । ଏହି ସମୟରେ ଗ୍ରାମରେ ବିଭିନ୍ନ ସ୍ଥାନର ପୂଜା କୁମାରୀଙ୍କ ସମ୍ମିଳିତ ସଙ୍ଗୀତ ଗାନ ପରିବେଶକୁ ଉତ୍ସବ ମୁଖରିତ କରୁଥିଲା । ପୂର୍ଣ୍ଣିମା ଦିନ ଉପବାସ ରହି ପୂଜା ଶେଷ ପରେ ଗଜା ଚାଙ୍ଗୁଡ଼ିକୁ ପୋଖରୀରେ ବିସର୍ଜନ କରି ବ୍ରତ ପାଳନ ଶେଷ କରିଥିଲେ । ଆଧୁନିକ ବିଜ୍ଞାନ ଯୁଗରେ ବିଭିନ୍ନ ପରମ୍ପରା ଲୋପ ହେବାକୁ ବସିଥିବା ବେଳେ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମରେ କୁଆଁରୀ ଝିଅମାନେ ଏହି ବ୍ରତ ପାଳନ କରିଆରେ ନିଜର ମନ ସ୍କାମନା ପୂର୍ଣ୍ଣ ସହ ପରିବାର ଓ ସମାଜର ମଙ୍ଗଳ କାମନା କରିଥିଲେ ।

## ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ କୁମାର ପୂର୍ଣ୍ଣମୀ ଅବସରରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ବୁଗୁଡା ସହରର ବଡଦାଣ୍ଡ , ହାଇସ୍କୁଲ ଛକ ଓ ବ୍ଲକ କଲୋନୀ ସମେତ ଜଗତ ପାଟଣା, ଗୋଲିଆ, ଚଢିଆପଲ୍ଲୀ, ଭାମଶ୍ୟାଳି, ଭଗବାନପୁର, ବି.କରଡ଼ାବାଡ଼ି, ଖୋଲଖାଲି, ମୋଟାବାଡ଼ି, ମାଣିତରା ଆଦି ବିଭିନ୍ନ ଗ୍ରାମରେ ଗଜଲକ୍ଷ୍ମୀଙ୍କ ପୂଜା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି । ପୁରୋହିତମାନଙ୍କ ଦ୍ୱାରା ବିଭିନ୍ନ ପୂଜାମଣ୍ଡପରେ ବିରାଜିତ ଗଜଲକ୍ଷ୍ମୀଙ୍କର ହୋମ ଯଜ୍ଞ ସହ ପୂଜା ମନ୍ତ୍ର ପାଠ ଆଦି କାର୍ଯ୍ୟକ୍ରମ ହୋଇଥିଲା । ସ୍ଥାନୀୟ ବ୍ଲକ୍ କଲୋନୀ ପୂଜା ମଣ୍ଡପରେ ଦେବୀ ଗଜଲକ୍ଷ୍ମୀଙ୍କ ପୂଜା କାର୍ଯ୍ୟ ପୁରୋହିତ ଚିତ୍ତ ରଞ୍ଜନ ଦାଶ ଓ ଶଷ୍ଠି ପ୍ରସାଦ ହୋତା ଦ୍ୱାରା ସମ୍ପାଦିତ ହୋଇଥିଲା ବେଳେ କର୍ତ୍ତା ଭାବେ ନିଳାଞ୍ଚଳ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ । ସେହିପରି ହାଇସ୍କୁଲ ଛକ ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜାକାର୍ଯ୍ୟରେ ପୁରୋହିତ ଭାବେ ଦିଲ୍ଲୀପ କୁମାର ଦାଶ ଏବଂ କର୍ତ୍ତା ଭାବେ ମନୋଜ ସାହୁ ଯୋଗ ଦେଇଥିଲାବେଳେ ବଡଦାଣ୍ଡ ପୂଜା ମଣ୍ଡପରେ ପୁରୋହିତ ଦୀପକ କୁମାର ଦାଶ ପୂଜା କାର୍ଯ୍ୟ ସମ୍ପାଦନ ଏବଂ ବାବୁଲା ପ୍ରଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଦେବୀ ଗଜଲକ୍ଷ୍ମୀଙ୍କ ଦର୍ଶନାର୍ଥେ ବିଭିନ୍ନ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।



## ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣି
### ମୋଟ ୧୪୬ଗୋଟି ଅଭିଯୋଗର ହେଲା ଶୁଣାଣି



ବାରିପଦା, (ସବ୍ୟୁ) : ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଯାଇଛି। ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଆଇଏଏସ ପ୍ରୋବେଶନର କାଶିଷ ବକ୍ସି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଏଡିଏମଓ ଡାଃ ବିଜୟ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ୍ ୧୪୬ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା । ଉକ୍ତ ୧୪୬ଗୋଟି ଅଭିଯୋଗ ମଧ୍ୟରୁ ୧୩୨ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୧୪ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ୧୦ଟି ଆପତ୍ତିର ତକାଳ ସମାଧାନ ହୋଇଥିଲା । ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୫ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫,୦୦୦/- ଟଙ୍କା ଏବଂ ଜଣଙ୍କୁ ରେଡ କ୍ରସ ପାଣ୍ଠିରୁ ୧୦,୦୦୦/-ଟଙ୍କା ମଞ୍ଜୁର କରିଛନ୍ତି । ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ହରିଡାଖଣ୍ଡିକୁ ମଦ ଦୋକାନ ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧ

ବ୍ରହ୍ମପୁର, (ସବ୍ୟୁ): ଟାଉନ ଥାନା ଅନ୍ତର୍ଗତ ଏସଏନଟି ରୋଡରୁ ହରିଡାଖଣ୍ଡିକୁ ଠିପି ଖୋଲା ମଦ ଦୋକାନ ସ୍ଥାନାନ୍ତର ପ୍ରସ୍ତାବକୁ ଅଞ୍ଚଳବାସୀ ପକ୍ଷରୁ ବିରୋଧ କରାଯାଇଛି । ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ହରିଡାଖଣ୍ଡି ଅଞ୍ଚଳରେ ଏହି ମଦ ଦୋକାନ ତଥା ବାର ନଖୋଲିବାକୁ ଗଞ୍ଜାମ ଜିଲାପାଳ ଓ ଅବକାରୀ ଅଧିକାରୀଙ୍କ ନିକଟରେ ଏକ ଆପତ୍ତି ଦାଖଲ କରାଯାଇଛି । ସୂଚନାଥାଉକି, ଏସଏନଟି ରୋଡରେ ଥିବା ଏମଏସ ଫ୍ରେଣ୍ଡସ ରେଷ୍ଟୁରାଣ୍ଟ ଓ ବାର ନାମକ ଏହି ଠିପି ଖୋଲା ମଦ ଦୋକାନକୁ ବ୍ରହ୍ମପୁର ମହାନଗର ନିଗମ ୪ ନଂ ଓ୍ୱାର୍ଡ ଅନ୍ତର୍ଗତ ହରିଡାଖଣ୍ଡି ଅଞ୍ଚଳକୁ ସ୍ଥାନାନ୍ତର ପାଇଁ ବିଭାଗ ନିକଟରେ ଆବେଦନ ହୋଇଛି । ଅବକାରୀ ନିୟମ ୨୬(୧) ଅନୁଯାୟୀ, କୌଣସି ମଦ ଦୋକାନ ଶିକ୍ଷାନୁଷ୍ଠାନ, ଧାର୍ମିକ ଅନୁଷ୍ଠାନ ଯଥା ମନ୍ଦିର, ମସଜିଦ ଓ ଚର୍ଚ୍ଚ, ଡାକ୍ତରଖାନା, ଜାତୀୟ ଓ ରାଜ୍ୟ ରାଜପଥ ଏବଂ ପେଟ୍ରୋଲ ପମ୍ପ ନିକଟରେ ରହି ପାରିବ ନାହିଁ । ହେଲେ ଏହି ମଦ ଦୋକାନ ଯେଉଁ ସ୍ଥାନକୁ ସ୍ଥାନାନ୍ତର ହେବାକୁ ଯାଉଛି ତାହାର ନିକଟବର୍ତ୍ତୀ ଅଞ୍ଚଳରେ ବିଦ୍ୟାଳୟ ଓ ମନ୍ଦିର ରହିଛି । ସେହିପରି ଏକ ପେଟ୍ରୋଲ ପମ୍ପ ୧୦୦ ମିଟର ମଧ୍ୟରେ ରହିଛି । ବିଦ୍ୟାଳୟ ଓ ମନ୍ଦିରର ଅତି ନିକଟତର ହେତୁ ଏହା ସାଧାରଣ ଭାବନାକୁ ଆଘାତ ଦେବ ଓ ଅଞ୍ଚଳର ପବିତ୍ରତା ନଷ୍ଟ କରିବ ଏବଂ ପେଟ୍ରୋଲ ପମ୍ପ ନିକଟରେ ମଦ ଦୋକାନ ହେଲେ ଅଗ୍ନି ଓ ବିସ୍ଫୋରଣ ଭଳି ବିପଦ ସୃଷ୍ଟି ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି । ସେହିପରି ନିୟମ ଅନୁଯାୟୀ ସାର୍ବଜନୀନ ନୋଟିସ କିମ୍ବା ଗ୍ରାମ ପଞ୍ଚାୟତ/ସହରାଞ୍ଚଳ ସଂସ୍ଥାର ସମ୍ମତି ଠିକ୍ ଭାବରେ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି । ତେଣୁ ଏହି ସ୍ଥାନାନ୍ତର ପ୍ରସ୍ତାବକୁ ଖରାଜ କରିବାକୁ ଅଞ୍ଚଳବାସୀ ରାଜକୁମାର ନାୟକ, ଦୀପକ ଦୋରା, ଶୁଭମ ସାହୁ, ବାପିନା ସାହୁ, ଜି. ସୀମାଞ୍ଚଳ, ଶଙ୍କର ପାଣିଗ୍ରାହୀ, ରାମକୃଷ୍ଣ ସାହୁ ସମେତ ସେହି ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷ ପୃଥକ ଭାବେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି ।

## କେବେ ପୂରଣ ହେବ ପୁର୍ନବାସ ସହାୟତା ଯୋଜନା, ଚିନ୍ତାରେ ହିତାଧିକାରୀ



ବାରିପଦା, (ସବ୍ୟୁ) : ଯନ୍ତ୍ରଣା ଦେଉଛି ସରକାରଙ୍କ ପୁର୍ନବାସ ସହାୟତା ଯୋଜନା, କେବେ ମିଳିବ ନିଯୁକ୍ତି, ଚିନ୍ତାରେ ହିତାଧିକାରୀ । ଦୀର୍ଘ ୧୫ବର୍ଷ ହେଲା ଦଉଡ଼ି ଦଉଡି ନୟାନ୍ତ ହେଲେଣି ମୟୂରଭଞ୍ଜ ଜିଲ୍ଲାର ଶତାଧିକ ଯୋଗ୍ୟ ରିହାବିଲିଟେସନ୍ ହିତାଧିକାରୀ । ତେଣୁ ଆଜି ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳଙ୍କ "ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ପ୍ରତାରିତ ହୋଇଆସୁଥିବା ଏକାଧିକ ଯୋଗ୍ୟ ହିତାଧିକାରୀ । ଅଭିଯୋଗ ମୁତାବକ ପୁର୍ନରବାସ ସହାୟତା ଯୋଜନାରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗ ଅଧୀନରେ ୨ଶହରୁ ଅଧିକ ଆବେଦନକାରୀ ରହିଛନ୍ତି । ହେଲେ ବିଭାଗୀୟ ଅଧିକାରୀଙ୍କ ଅସହଯୋଗ ପାଇଁ ଆଜିକୁ ୧୫ବର୍ଷ ଧରି କୌଣସି ଫଳ ପାଇପାରୁନଥିବା ଅଭିଯୋଗ କରିଛନ୍ତି ଆବେଦନକାରୀ । ଅନ୍ୟପଟେ ଏମାନଙ୍କ ମଧ୍ୟରୁ ୧୬୮ଜଣ ହିତାଧିକାରୀଙ୍କର ସରକାରୀ ନିୟମ ଅନୁସାରେ ଯାଞ୍ଚ ପ୍ରକ୍ରିୟା ମଧ୍ୟ ସରିଛି, ହେଲେ ଆଜି ଯାଏଁ ସେମାନଙ୍କୁ ନିଯୁକ୍ତି ପତ୍ର ମିଳିପାରୁନାହିଁ । ଏନେଇ ସେମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟି ନିଯୁକ୍ତି ପତ୍ର ପାଇଁ ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ କୌଣସି ଫଳ ନମିଳିବାରୁ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଦ୍ୱାରସ୍ଥ ହୋଇଥିବା କହିଛନ୍ତି ହିତାଧିକାରୀ । ଅନ୍ୟପଟେ ଆଗାମୀ ୭ଦିନ ମଧ୍ୟରେ ଏହାର ସମାଧାନ କରାଯିବା ନେଇ ଜିଲ୍ଲାପାଳଙ୍କ ଠାରୁ ପ୍ରତିଶ୍ରୁତି ପାଇ ଏବେ ଆଶା ଓ ଭରସାରେ ହିତାଧିକାରୀ ।

## ଗଞ୍ଜାମ ଜିଲ୍ଲାର ସାମଗ୍ରୀକ ବିକାଶ ଉପରେ ମନ୍ତ୍ରୀ ବିଭୂତି ଜେନାଙ୍କ ବୈଠକ

ବ୍ରହ୍ମପୁର, (ସବ୍ୟୁ): ପୂର୍ବୋଦ୍ୟୋୟ ବିକାଶର ଅଗ୍ରଣୀଶାଳ ହେବ ଗଞ୍ଜାମ ଜିଲ୍ଲା । ଗଞ୍ଜାମ ଜିଲ୍ଲାର ସାମଗ୍ରିକ ବିକାଶ ନକ୍ସା ପ୍ରସ୍ତୁତ ପାଇଁ ଖଣି ଓ ଇସ୍ପାତ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧକ୍ଷତାରେ ବୁଦ୍ଧିଜୀବୀଙ୍କ ବୈଠକ ଶନିବାର ଗୋଳନ୍ଥରା ସ୍ଥିତ ବନ୍ଦେ ମାତରମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମନ୍ତ୍ରୀ ଜେନା ବିଭିନ୍ନ ବର୍ଗରେ ପାରଦର୍ଶିତା ଅର୍ଜନ କରିଥିବା ବୁଦ୍ଧିଜୀବୀଙ୍କ ପରାମର୍ଶ ଗ୍ରହଣ କରି ଗଞ୍ଜାମ ଜିଲ୍ଲାର ବିକାଶ ନକ୍ସା ପ୍ରସ୍ତୁତ କରାଯିବ ବୋଲି କହିଥିଲେ । ଜିଲ୍ଲାର କୃଷି, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଶିଳ୍ପ, ପର୍ଯ୍ୟଟନ ଓ ସଂସ୍କୃତି ବିକାଶକୁ ଗୁରୁତ୍ୱ ଦେବା ସହିତ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପ୍ରାଧାନ୍ୟ ଦେଇଥିଲେ । ହୁମା ଠାରେ ୧୯୦୦ ଏକର ପରିମିତ ଜମିରେ ଗ୍ରୀନ୍ ଫିଲ୍ଡ ସାଟେଲାଇଟ୍ ଏୟାର ପୋର୍ଟ ସହିତ ଏସ୍‌ଇଜେଡ ନିର୍ମାଣ ଏବଂ ଗଞ୍ଜୁ ତମ୍ପରା ଠାରେ ବର୍ଜ୍ୟ ଜଳ ପ୍ରକ୍ରିୟାକରଣ ପ୍ଲାଣ୍ଟ ପ୍ରତିଷ୍ଠା ପ୍ରସ୍ତାବକୁ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିବା ସୂଚନା ଦେଇଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଏନ୍ତୁଡିଶାଳ ରମ୍ଭା ପ୍ୟାଲେସ ସଂରକ୍ଷଣ ସହିତ ଚିଲିକା ଉପକୂଳ କେଶପୁର ସାନ ଘାଟି ପ୍ରାକୃତିକ ପରିବେଶ ମଧ୍ୟରେ ଗ୍ଲୋବାଲ ଏକାଡେମିକ୍ୟୁନିଭର୍ସିଟି ଫର ରିସର୍ଚ୍ଚ ଇନ୍ ଏନ୍ସିଏନଟି ଭେଦିକ ନଲେଜ ଆଣ୍ଡ ଇଟରନାଲ୍ ଲର୍ଣ୍ଣିଙ୍ଗ (ଗୌରବ) ପ୍ରତିଷ୍ଠା ହେବ । ଏହି ବିଶ୍ୱବିଦ୍ୟାଳୟ ଶିକ୍ଷାର ନୂଆ ଇତିହାସ ରଚି ବିକଶିତ ଭାରତର ପୂର୍ବୋଦ୍ୟୋୟ ହେବ । ଅତୀତର ଅନୁଭୂତି ବର୍ତ୍ତମାନର ଶିକ୍ଷା ଓ ଭବିଷ୍ୟତର ସ୍ୱପ୍ନ ଏକାଠି ହେବ । ୫୦୦୦ ଏକର ପରିମିତ ଜମିରେ ଏହି ବିଶ୍ୱବିଦ୍ୟାଳୟ ଜ୍ଞାନ ବୃଦ୍ଧିର ସେତୁ ପାଲଟିବ । ଜଳ, ଜଙ୍ଗଲ ଓ ପରମ୍ପରା ଶିକ୍ଷା ଓ ଉତ୍ସବ ଏକାଠି ହେବ । ପ୍ରତିବର୍ଷ ୧୦ ହଜାର ଛାତ୍ରଛାତ୍ରୀ, ୫୦୦୦ କର୍ମଚାରୀ, ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଭାରତୀୟ ଓ ୫୦ ହଜାର ବିଦେଶୀ ପର୍ଯ୍ୟଟକଙ୍କ ଚିତ୍ତ ବିନୋଦନ କରିବ ଏହି ବିଶ୍ୱବିଦ୍ୟାଳୟ । ଓଡ଼ିଶୀ ନୃତ୍ୟରୁ ଯୋଗ, ସଂସ୍କୃତିରୁ ପ୍ରଯୁକ୍ତି ବିଦ୍ୟା, ଲୋକାଲ୍‌ରୁ ଗ୍ଲୋବାଲ ପର୍ଯ୍ୟନ୍ତ ଶିକ୍ଷାର ନୂଆ ନୂଆ ଦିଗକୁ ଆଲୋକିତ କରିବ ଏହି ବିଶ୍ୱବିଦ୍ୟାଳୟ । ଏଠାରେ ବିଭିନ୍ନ ଭାଷାରେ ବିଦ୍ୟାଳୟ, ଦର୍ଶନ, ଆଇନ୍, ଆଦିମ ଜନଜାତି ଶିକ୍ଷା, ଯୋଗ, ସାଂସ୍କୃତିକ ପରିଚାଳନା, ଉଦ୍ଭାବନ କେନ୍ଦ୍ର ଓ ହସ୍ତ ଲିଖିତ ଗ୍ରନ୍ଥର ଡିଜିଟାଲ କେନ୍ଦ୍ର, ମେରି ଟାଇମ୍ ମ୍ୟୁଜିୟମ୍, ମୂର୍ତ୍ତୀ କଳା ଉଦ୍ୟାନ, ଗ୍ରନ୍ଥାଗାର, ପାଠାଗାର, ଆୟୁର୍ବେଦିକ, ନେଚରପାଥି ଓ୍ୱାଲ୍ ନେସ୍ ସେଣ୍ଟର, ବିଭିନ୍ନ ରୁଚିର ରେଷ୍ଟୁରାଣ୍ଟ, କ୍ରୀଡ଼ା ସମୁଦାୟ ସହିତ ଛାତ୍ର ଜୀବନକୁ ଜୀବନ୍ତ କରିବ ଏହି ସ୍ଥାନ । ଏଠାରେ ନିର୍ମାଣ ହେବ ଆଧ୍ୟାତ୍ମିକ କେନ୍ଦ୍ର ଧ୍ୟାନ ମଞ୍ଚ, ପଞ୍ଚକର୍ମୟୁନିଟ୍, ସବୁ ଧର୍ମର ପ୍ରାର୍ଥନା ସ୍ଥଳ ଏବଂ ଏକ ଜ୍ଞାନ ମନ୍ଦିର । ଏଠାରେ ହେବ ଅନନ୍ୟ ସାଂସ୍କୃତିକ ଆନନ୍ଦ ଉଦ୍ୟାନ । ୫ ଟି ପାହାଡ଼ ଉପରେ ୮ ହଜାର ଫୁଟ୍ ଉଚ୍ଚତା ବିଶିଷ୍ଟ ସମ୍ରାଟ ଖାରବେଳ, ଗୌତମ ବୁଦ୍ଧ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କଳକି ଅବତାର ସହ କପିଳେନ୍ଦ୍ର ଦେବ ଓ ପୁରୁଷୋତ୍ତମ ଦେବଙ୍କ ଭବ୍ୟ ମୂର୍ତ୍ତୀ, ନ୍ୟୁୟର୍କ ଷ୍ଟାଚ୍ୟୁ ଅଫ୍ ହେଲିକପଟର ଭଳି ଏଠି ମଧ୍ୟ ପର୍ଯ୍ୟଟକ ହେଲିକପଟର ଟୁର୍ ମାଧ୍ୟମରେ ଅନୁଭବ କରିପାରିବେ ଆକାଶ ଛୁଆଁ ମୂର୍ତ୍ତିର ବିଶାଳତା । ଏଠାରେ ନିର୍ମାଣ ହେବ ଏକ ପଞ୍ଚତାରକା ରିସୋର୍ଟ ଓ ୪୦୦ କୋଠାରି ବିଶିଷ୍ଟ ଇକୋ ରିସୋର୍ଟ ଏବଂ ୧୦ ଏକର ଜମିରେ ଔଷଧୀୟ ବନ । ଏହିସବୁ ପ୍ରକଳ୍ପ ସ୍ଥାନୀୟ ୩୫ ରୁ ୪୦ ହଜାର ଲୋକଙ୍କୁ ରୋଜଗାର ଯୋଗାଇବ । ଫଳରେ ସ୍ଥାନୀୟ କୃଷକ, ଏସଏଚଜି ଓ ଜନସାଧାରଣ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିବେ । ୫୦ ଏକର ଜମିରେ କ୍ରାଫଟ ଭିଲେଜ ନିର୍ମାଣ କରାଯାଇ ସେଠାରେ କୁମ୍ଭକାର, ବୁଣାକାର ଓ ପଟ୍ଟଚିତ୍ର ଶିଳ୍ପୀମାନେ ଆତ୍ମନିର୍ଭରଶୀଳ ହୋଇପାରିବେ । ଏହାସହ ହୋମ ଷ୍ଟେ', ଜଳକ୍ରୀଡା, ଟ୍ରାକିଂ ଓ ଦୁଃସାହସିକ ପ୍ରଦର୍ଶନ ସୁବିଧା ରହିବ । ପ୍ରତ୍ୟେକ ପାହାଡ଼ ରୋପ ୱେ ସହିତ ସଂଯୋଗ କରାଯିବ । କ୍ରୁଜ ମାଧ୍ୟମରେ ଅନ୍ତଃ ରାଜ୍ୟ ସଂଯୋଗୀକରଣ ହେବ । ସମୁଦ୍ରରେ କ୍ରୁଜ ଯାତ୍ରା ପାଇଁ ପର୍ଯ୍ୟଟକ ବିଦେଶ ଯିବାକୁ ପଡ଼ିବନି । ଭିଏତନାମର ହେଁବେଗ କ୍ରୁଜ ଟୁର୍ ପରି ପର୍ଯ୍ୟଟକ ମାନେ କାଳିଜାଇ, ନଳବଣ ଓ ସାତପଡ଼ା ଯାତ୍ରା ସମୟରେ ଚିଲିକାର ନୀଳ ଜଳରାଶି, ଇତିହାସ ଓ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ । ରାଜପଥ ଠାରୁ ବିଭିନ୍ନ ସ୍ଥାନକୁ ଇଲେକଟ୍ରି ଯାନ ଓ ହାଇଡ୍ରୋଜେନ ବସ ଚଳାଚଳ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦ୍ୟୋୟ ସ୍ୱପ୍ନ ସାକାର କରିବା ପାଇଁ ଏହା ହେବ ପୂର୍ବ ଭାରତର ଏକ ପର୍ଯ୍ୟଟନ ହଟ୍ ସ୍ପଟ । ଓଡ଼ିଆ ଅସ୍ମିତା ଗର୍ବର ସହ ମୁଣ୍ଡ ଉଠାଇ ଛିଡ଼ା ହେବ । ଏହି ବୈଠକରେ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସମେତ ପୂର୍ବତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ପ୍ରଫେସର ଭାଗବତ ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ବିନୋଦ ପାତ୍ର, ପୂର୍ବତନ ସିଡିଏମଓ ବିଜୟ ପଣ୍ଡା, ଇଞ୍ଜିନିୟର ସ୍ୱାଧୀନ ପାଣିଗ୍ରାହୀ, ଅନନ୍ତରାମ କର, ଇଞ୍ଜିନିୟର ରାମକୃଷ୍ଣ ମହାରଣା, ପ୍ରମୋଦ ପଣ୍ଡା, ପୁରୁଷୋତ୍ତମ ସାହୁ, ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ବିଜେପି ନେତା ପୀତବାସ ପଣ୍ଡା, ବିଜେପି ନେତା ଗଙ୍ଗାଧର ସତପଥୀ, ବରିଷ୍ଠ ସାମ୍ବାଦିକ ତଥା ଆଇନଜୀବୀ ଅଜିତ କୁମାର ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା:୧୮ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ
# ଅପରାହ୍ନ ୪ଟାରୁ ରାତି ୧୨ଟା ଗାଡି ଚଳାଚଳ କଟକଣା

ଢେଙ୍କାନାଳ ,(ସବ୍ୟୁ) :ଆଜିଠାରୁ ଢେଙ୍କାନାଳରେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଆରମ୍ଭ । ଏଥିନିମନ୍ତେ ଆଇନ୍ ଶୃଙ୍ଖଳାକୁ ନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର ସ୍ଥାନୀୟ ରିଜର୍ଭ ପଡିଆଠାରେ ପୋଲିସମାନଙ୍କୁ ମାର୍ଗଦର୍ଶତା ପ୍ରଦାନ କରିଥିଲେ । ଜିଲ୍ଲା ଆରକ୍ଷୀ ଅଧ କ୍ଷକଙ୍କ ନେତୃତ୍ୱରେ ଗଜଲକ୍ଷ୍ମୀ ପୂଜାକୁ କିଭଳି ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବ ସେ ଉପରେ ସମସ୍ତ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ପୂଜାରେ କୌଣସି ପୁଲିସ ଅଧିକାରୀ ମୋବାଇଲ୍ ଫୋନ ବ୍ୟବହାର ନକରିବାକୁ ତାଗିଦ୍ କରାଯାଇଛି । ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାରେ ଆଇନ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ସହରରେ ୧୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ଅସ୍ଥାୟୀ ଫାଣ୍ଡି ନିର୍ମାଣ କରାଯାଇଛି । ସହରକୁ ୫ଟି ସେକ୍ଟରରେ ବିଭକ୍ତ କରାଯାଇ ଥିବାର ପୋଲିସ ପ୍ରଶାସନ ସୂତ୍ରରୁ ଜଣାଯାଇଛି । ଏଥିରେ ଡିଏସ୍‌ପି ୬ ଜଣଙ୍କ ଦାୟିତ୍ୱରେ ସେକ୍ଟର ରହିବ, କଲେଜ ବାଇପାସ୍ ରୁ କଦମ ଛକ ପର୍ଯ୍ୟନ୍ତ ଗୋଟିଏ ସେକ୍ଟର, ସେହିଭଳି ବଳରାମ ମନ୍ଦିର ଠାରୁ ମହାବିର ବଜାର ପର୍ଯ୍ୟନ୍ତ ଆଉଗୋଟିଏ ସେକ୍ଟର, ଜବାହର ଛକ ଠାରୁ ଶିମିଳିଆ ପର୍ଯ୍ୟନ୍ତ ଆଉ ଏକ ସେକ୍ଟର, ଟାଉନ୍‌ପ୍ଲାନିଂ ରୁ ତାରିଣୀ ଛକ ପର୍ଯ୍ୟନ୍ତ ଆଉ ଏକ ସେକ୍ଟର, ଟାଉନ୍ ପ୍ଲାନିଂ ଠାରୁ ତାରିଣୀ ଛକ ପର୍ଯ୍ୟନ୍ତ ଆଉ ଏକ ସେକ୍ଟର, ପଲ୍ଲିଶ୍ରୀ ମେଳା ପାଇଁ ସ୍ୱତନ୍ତ୍ର ଭାବେ ଗୋଟିଏ ସେକ୍ଟର ରହିବ, ପୂଜାରେ ମଦ୍ୟପ, ଚୋରଙ୍କୁ ଧରାଯିବାପାଇଁ ସାଧା ପୋଷାକରେ ପୁଲିସ ନିୟୋଜିତ ରହିବେ, ଜିଲ୍ଲାର ଗଣପର୍ବ ଲକ୍ଷ୍ମୀ ପୂଜାକୁ ସୁଚାରୁ ରୂପେ ପାଳନ କରିବାପାଇଁ ୨ଜଣ ଅତିରିକ୍ତ ଏସ୍‌ପି, ୧୦ଜଣ ଡିଏସ୍‌ପି, ୨୨ଜଣ ଇନ୍‌ସପେକ୍ଟର ଓ ଏଏସଆଇ, ହାବିଲଦାର, କନେଷ୍ଟବଳ, ଗୃହରକ୍ଷୀଙ୍କୁ ମୁତୟନ କରାଯାଇଛି । ପୂଜା ଅବକାଶରେ ଅସାମାଜିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ପୋଲିସ ସ୍କ୍ୱାର୍ଡ ମୁତୟନ ସହିତ ବୋମା ନିଷ୍କ୍ରୀୟକାରୀ ଦଳ ଏବଂ ଅନୁସନ୍ଧାନୀ କୁକୁର, ମଦ୍ୟପ ଧରପଗଡ ଓ ପକେଟମାର ବ୍ୟକ୍ତି କାର୍ଯ୍ୟକଳାପ ଉପରେ ସ୍ୱତନ୍ତ୍ର ପୋଲିସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଜିଲ୍ଲାର ବିଭିନ୍ନ ଥାନାର ପୋଲିସ ଅଧିକାରୀଙ୍କ ସହ ସହରରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଅପରାହ୍ନ ୪ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ସହରର ମୁଖ୍ୟ ରାସ୍ତାରେ ୪ଚକିଆ ଓ ୨ଚକିଆ ଯାନକୁ ବନ୍ଦ ରଖାଯିବା ପାଇଁ କଟକଣା ଜାରି କରାଯାଇଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଐତିହ୍ୟ, ସଂସ୍କୃତି ଓ ଭାଇଚାରାକୁ ପାଥେୟ କରି ସହରବାସୀ ମା'ଙ୍କ ପାଦପଦ୍ମରେ ଗୋଟିଏ ମନ ଓ ଗୋଟିଏ ପ୍ରାଣରେ ସମର୍ପିତ ହୋଇଯାଆନ୍ତି । ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ ପାଇଁ ପ୍ରତ୍ୟେକ ପୂଜା ମଣ୍ଡପଗୁଡିକ ନିଜ ସାଧନ ମତେ ମା' ମହାଲକ୍ଷ୍ମୀଙ୍କୁ ସୁବର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ସଜାଇଥିବାବେଳେ ପୂଜା ମଣ୍ଡପ ଗୁଡିକୁ ମଧ ଆକର୍ଷଣିୟ କରାଯାଇଛି । ସହରର ପ୍ରବେଶ ପଥରୁ ପ୍ରସ୍ଥାନ ପଥ ପର୍ଯ୍ୟନ୍ତ ଦୀର୍ଘ ୭କି.ମି. ବ୍ୟାପି ରାସ୍ତା ପାର୍ଶ୍ୱରେ ଚଳିତ ବର୍ଷ ୩୮ଟି ପୂଜା ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଅଛି । କୌଣସି ଅଘଟଣ ଘଟିଲେ ଅଗ୍ନିଶମ ବାହିନୀ ପାଇଁ ରାସ୍ତା ତିଆରି କରିବେ ବୋଲି ଏସ୍.ପି ଅଭିନବ ସୋନକର ସୂଚନା ଦେଇଛନ୍ତି । ପୂଜାରେ ସମସ୍ତଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳାର ସହିତ ପୂଜା ସମ୍ପନ୍ନ ହେବ ବୋଲି ଏସ୍‌ପି ଅଭିନବ ସୋନକର ସମସ୍ତଙ୍କୁ ସହଯୋଗ କାମନା କରିଛନ୍ତି ।

## ଚୋରି ଟଙ୍କା ଜବତ ଅଭିଯୁକ୍ତ ଅଦାଲତ ଚାଲାଣ

କଣିହାଁ ,(ସବ୍ୟୁ): କଣିହାଁ ବ୍ଲକ ଏନଟିପିସି ଟାଉନ ଥାନ ଅଧିନସ୍ଥ ପଥରମୁଣ୍ଡା ପାଣିଟାଙ୍କି ନିକଟ ଓସିସସି କଲୋନୀ ଅଞ୍ଚଳରେ ଚୋରି ଅଭିଯୋଗରେ ଜଣେ ଯୁବକକୁ ପୁଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ଖମାର ଥାନା କରଡ଼ାଖମଣ ଗ୍ରାମର ପପୁ ବିଶ୍ୱାଳ (୩୮) । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଡେରଙ୍ଗ ପଞ୍ଚାୟତ ମୋହନପାଳ ଗ୍ରାମର ଫକୀର ମୋହନ ପ୍ରଧାନ ଏନଟିପିସି ଥାନା ଅନ୍ତର୍ଗତ ପଥରମୁଣ୍ଡା ପାଣି ଟାଙ୍କି ନିକଟ ଓସିସ କଲୋନୀ ପାଖରେ ଅସ୍ଥାୟୀ ଘର କରି ରହୁଛନ୍ତି । କିଛି ଦିନ ହେବ ଫକିର ଘରୋଇ କାମରେ ନିଜ ଗ୍ରାମକୁ ଯାଇଥିଲା । ଫକିର ରବିବାର ଓସିସି କଲୋନୀ ନିକଟସ୍ଥ ଘରକୁ ଫେରିବାରେ ତାଙ୍କ ଘରର କବାଟ ଭାଙ୍ଗି ପଶି କେହି ଦୃବୁର୍ତ୍ତ ଘରେ ରଖି ଥିବା ୫୧୬୦ ଟଙ୍କା ସହ ଆନ୍ୟାନ୍ୟ ଜିନିଷ ଚୋରି ହୋଇଥିବା ଜାଣିବାକୁ ପାଇ ଏନଟିପିସି ଥାନାରେ ଲିଖିତ ଅଭିଯୋଗ କରିଥିଲା । ଏନଟିପିସି ପୁଲିସ ଉକ୍ତ ଚୋରିରେ ସଂପୃକ୍ତ ପପୁ କୁ ଗିରଫ କରିବା ସହ ତାଠାରୁ ଚୋରି ହୋଇଥିବା ୫୧୬୦ ଟଙ୍କା ଜବତ କରିଥିଲା ।

# ବନ୍ଦ କୋଠରୀରୁ ୩ଜଣଙ୍କୁ ଉଦ୍ଧାର କଲେ ଗ୍ରାମବାସୀ
# ସ୍ୱାମୀ ମୃତ, ସ୍ତ୍ରୀ ଓ ଝିଅ ଗୁରୁତର



ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ଥାନା ବାଟଗାଁ ପଞ୍ଚାୟତ ଅନ୍ତର୍ଗତ ଝାଞ୍ଜିରିବେରେଣା ଗାଁରେ ବନ୍ଦ କୋଠରୀ ଭିତରୁ ୩ ଜଣଙ୍କୁ ଉଦ୍ଧାର କରିଛନ୍ତି ଗ୍ରାମବାସୀ । ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ରହିଛନ୍ତି । ମୃତକ ଜଣଙ୍କ ଝାଞ୍ଜିରିବେରେଣା ଗାଁର ଲକ୍ଷ୍ମଣ ମୁର୍ମୁ । ସ୍ତ୍ରୀ ଫୁଲ ମୁର୍ମୁ ଏବଂ ଝିଅ ସୁଲୋଚନା ମୁର୍ମୁ ସଂକଟାପନ୍ନ ଅବସ୍ଥାଆରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି । ତେବେ ବିଷାକ୍ତ ଖାଦ୍ୟ କାରଣରୁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ସେପଟେ କାମାକ୍ଷାନଗର ମେଡିକାଲରେ ଜୀବନ ମରଣ ସହିତ ଲଢେଇ କରୁଛନ୍ତି ମା ଓ ଝିଅ । ସୂଚନା ଅୁଯାୟୀ ସମସ୍ତେ ରାତିରେ ଖାଇ ପିଇ ଶୋଇବାକୁ ଯାଇଥିଲେ । ତେବେ ସକାଳୁ ଘର କବାଟ ବନ୍ଦ ଥିବା ନେଇ ସ୍ଥାନୀୟ ଲୋକଙ୍କ ସନ୍ଦେହ ଜାତ ହୋଇଥିଲା । ତେବେ ଗ୍ରାମବାସୀଙ୍କ ସହଯୋଗରେ ବହୁ କଷ୍ଟରେ ୩ଜଣଙ୍କୁ ବନ୍ଦ କୋଠରୀ ଭିତରୁ ଉଦ୍ଧାର କରାଯାଇଥିଲା । ତେବେ କାମାକ୍ଷାନଗର ମେଡିକାଲରେ ଲକ୍ଷ୍ମଣଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର । ସେପଟେ ଶ୍ୱାସରୁଦ୍ଧ କାରଣରୁ ମୃତ୍ୟୁ ହୋଇଥିବା ନେଇ ଗ୍ରାମବାସୀ ସନ୍ଦେହ କରୁଥିଲେ । ତେବେ ବିଷାକ୍ତ ଖାଦ୍ୟ କାରଣରୁ ମୃତ୍ୟୁ ହୋଇଥିବା ନେଇ ଏସ୍‌ଡିଏମ୍‌ଓ ଡା. ଦିଗାମ୍ବର ସାହୁ ପ୍ରକାଶ କରିଛନ୍ତି ।

# ଶିଶୁମନ୍ଦିରରେ ପୂର୍ବଛାତ୍ର ଏକତ୍ରୀକରଣ



ତାଳଚେର ,(ସବ୍ୟୁ) :ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପୁରାତନ ଛାତ୍ର ଛାତ୍ରୀମାନଙ୍କର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ପରିଚାଳନା ସମିତିର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବରିଷ୍ଠ ଆଚାର୍ଯ୍ୟ ଚତୁର୍ଭୂଜ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଅତିଥିମାନେ ପୂର୍ବ ଛାତ୍ର, ଛାତ୍ରୀମାନେ ନିଜ ବିଦ୍ୟାଳୟ ପ୍ରତି ସଦାସର୍ବଦା ଆନୁଗତ୍ୟ ଭାବ ପ୍ରକାଶ କରିବା ସହ ବିଦ୍ୟାଳୟର ବିବିଧ ବିକାଶନ୍ମୁଖୀ କାର୍ଯ୍ୟରେ ନିଜକୁ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହାସହିତ ଉପସ୍ଥିତ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ସେମାନଙ୍କର ଅଧ୍ୟୟନ କରୁଥିବାର ସ୍ମୃତିଚାରଣ କରିବା ସହ ଚଳିତ ବର୍ଷ ବିଦ୍ୟାଳୟର ରୌପ୍ୟ ଜୟନ୍ତୀରେ ସେମାନେ ସାମିଲ ହେବାକୁ ସଂକଳ୍ପ ନେଇଥିଲେ । ୩୬ ଜଣ ପୂର୍ବ ଛାତ୍ର ଓ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ପୂର୍ବ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ପୂର୍ବ ଛାତ୍ର ପରିଚାଳନା ସମିତି ଗଠନ କରାଯାଇଥିଲେ । ପରବର୍ତୀ ବୈଠକରେ ରୌପ୍ୟ ଜୟନ୍ତୀ ପାଳନ ଅବସରରେ ବିଭିନ୍ନ ଦାୟିତ୍ୱ ବଂଟନ କରାଯିବ ବୋଲି ନିଷ୍ପତି ହୋଇଥିଲା । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠା ଆଚାର୍ଯ୍ୟା ଦମୟନ୍ତୀ ନନ୍ଦ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ ମଳୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଆଚାର୍ଯ୍ୟ କୁମୁଦ ବେହେରା, ବୈଦେହୀ ସାହୁ, ସଂଜୟ ସାଲିମା, ରୀତା ଭୂତିଆ, ଅର୍ଚ୍ଚନା ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କୋଇଲା ଖଣିରେ ଦୁର୍ଘଟଣା: ଅଳ୍ପକେ ବର୍ତ୍ତିଲେ ଚାଳକ

ତାଳଚେର ,(ସବ୍ୟୁ) :ଆଜି ସକାଳେ ତାଳଚେର ଲିଙ୍ଗରାଜ କୋଇଲା ଖଣି ପରିସର ମଧ୍ୟରେ ସଂଘରନ୍ ସୋସାଇଟ୍ ଅଧିନରେ ଠିକାଚାଳକ ଭାବେ କାର୍ଯ୍ୟ କରୁଥିବା ଢେ଼ଙ୍କାନାଳ ଜିଲ୍ଲା ଢ଼ଙ୍ଗରବେଢ଼ା ଗ୍ରାମର ବଳରାମ ସାହୁ (୫୫) ଦୁର୍ଘଟଣାରୁ ଅଳ୍ପକେ ବର୍ତି ଯାଇଥିବା ଘଟଣା ଖଣିକର୍ମଚାରୀଙ୍କ ମହଲରେ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଛି। ସେ ସକାଳୁ ଏକ ହାଇୱା ଯୋଗେ କୋଇଲା ଖଣିଭିତରୁ ପଦାକୁ ଆଣୁଥିବା ବେଳେ ହଠାତ୍ ହାଇୱାଟି କୌଣସି କାରଣ ବସତଃ ଖଣି ଭିତରକୁ ପଡ଼ିଯାଇଥିଲା ଓ ଚାଳକ ଅତି ଚତୁରତା ସହ ଗାଡ଼ି ଭିତରୁ ଡ଼େଇଁ ପଡ଼ିଥିଲେ। ଫଳରେ ତାଙ୍କର ଅଂଟାରେ ଆଘାତ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ତେବେଏହାର ତଦନ୍ତ କରାଯିବ ବୋଲି ଖଣି କର୍ତ୍ତୁପକ୍ଷଙ୍କ ସୂତ୍ରରୁ ଜଣାପଡ଼ିଛି ।

## ୨ ବଖରା ଜଳିଗଲା

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ହତାଶିମିଳି ଗ୍ରାମରେ ସୋମବାର ଦିନ ଅଗ୍ନିକାଣ୍ଡ ଘଟି ବବୃ ସାହୁଙ୍କର ୨ ବଖରା ଚାଳଘର ପୋଡି ଯାଇଛି । ରୋଷେଇ କରୁଥିବା ବେଳେ ରୋଷେଇ ଚୁଲି ରୁ ନିଆଁ ଲାଗି ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତି ଜଳି ଯାଇଥିବା ବେଳେ ଆଠମଲ୍ଲିକ ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ କରିଥିଲେ । ତୁରନ୍ତ ସରକାରୀ ସାହାଜ୍ୟ ଯୋଗାଇ ଦେବା ପାଇଁ ଦାବି ହୋଇଛି ।

# ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ଅନାସ୍ଥା ଭୋଟିଂ ୧୪ରେ

ହିନ୍ଦୋଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଆଗତ ହୋଇଥିବା ଅନାସ୍ଥାପାଇଁ ଆସନ୍ତା ୧୪/୧୦/୨୫ରେ ଭୋଟିଂ ପାଇଁ ନିର୍ବାଚନ କମିଶନ ସ୍ଥିର କରିଛନ୍ତି । ଅଧ୍ୟକ୍ଷା ସସ୍ମିତାରାଣୀ ନାଏକଙ୍କ ବିରୋଧରେ ୬୧ଜଣ ସରପଞ୍ଚ ସମିତିସଭ୍ୟ ଅନାସ୍ଥା ପ୍ରସ୍ତାବ ଆଣିଥିଲେ ହେଁ ବର୍ତମାନ ରାଜନୈତିକ ପାଣିପାଗ ଉଷ୍ମତା ରହିଛି । ଖବରରୁ ପ୍ରକାଶ ପଂଚାୟତ ନିୟମାନୁଯାୟୀ ଉପଜିଲ୍ଲାପାଳଙ୍କ ପତ୍ରସଂଖ୍ୟା ୬୧୦୨, ୩/୮/ ୨୫ଅନୁଯାଇ ଆସନ୍ତା ୧୪/୧୦/୨୫ରେ ବ୍ଲକ ସଭାଗୃହରେ ତହସିଲଦାର ଦିଲୀପ ସେଠିଙ୍କ ତତ୍ତ୍ୱାବଧାନରେ ଭୋଟିଂ ହେବାକୁ ପ୍ରଶାସନ ପକ୍ଷରୁ ସ୍ଥିରୀକୃତ ହୋଇଛି । ସସ୍ମିତା ବିଜେଡ଼ି ସମର୍ଥନରେ ଅଧ୍ୟକ୍ଷା ହୋଇଥିଲେ ମଧ ବ୍ଲକ ଉପାଧ୍ୟକ୍ଷଙ୍କ କଥାରେ ପରିଚାଳିତ ନହେବା, ଠିକାଦାରୀକୁ ପ୍ରଶୟ ନଦେଇ ଏକଛାତ୍ରବାଦ ଶାସନ ଚଳାଇବା ସହ ଗତ ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କ ପାଇଁ କାମ କରିଥିବା ସହ ବିଜେଡ଼ି ସହିତ କୌଣସି ସମ୍ପର୍କ ନରଖି ଶାସକଦଳପାଇଁ ଅନୁଗତ୍ୟ ଇତ୍ୟାଦିପାଇଁ ସଂଖ୍ୟାଧିକ ସଭ୍ୟ ଅସନ୍ତୁଷ୍ଟ ଥିଲେ । ତେବେ ଏହି ଆଳରେ ଜୈନିକ ବରିଷ୍ଠ ସମିତିସଭ୍ୟ ଅନାସ୍ଥାରେ ବିଶେଷ ଲାଭାନ୍ୱିତ୍ୱ ହେବାକୁଥିବା ପ୍ରଭାବଶାଳୀ ନେତାଙ୍କଠାରୁ ମୋଟା ଅଙ୍କର ଅର୍ଥଆଣି ସମିତିସଭ୍ୟ ସରପଞ୍ଚ ମାନଙ୍କୁ ପ୍ରଲୋଭୀତ କରି ଅନାସ୍ଥା ସପକ୍ଷରେ ବୁଝାଇ ଅନାସ୍ଥା ଆଗତ କରାଇଥିଲେ ହେଁ ଆସିଥିବା ମୋଟାଅଙ୍କର ଅର୍ଥ ସେମାନଙ୍କୁ ଦିଆ ନଗଲେ ଫଳ ଓଲଟା ହୋଇପାରେ ବୋଲି ନାମ ଗୋପନ ରଖି କିଛି ସଭ୍ୟ କହିଛନ୍ତି । ତେବେ ପ୍ରଶ୍ନ ଉଠେ ହିନ୍ଦୋଳ ଏନଏସି ରେ ଦୁଇଟି ଅନାସ୍ଥା ସହ ଏହି ବ୍ଲକ ଅନାସ୍ଥାରେ ମୁଖ୍ୟ କାରପର୍ଟରଦାର ଅନାସ୍ଥାରୁ ବିପୁଳ ଅର୍ଥ ଆମଦାନୀ କରୁଥିବା ଜାଣିବାପରେ ସଭ୍ୟସଭ୍ୟାମାନେ ସେମାନଙ୍କ ପ୍ରାପ୍ୟ ନପାଇଲେ କିଛି ବି ହୋଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି ଏବଂ ଅନାସ୍ଥା ବିପକ୍ଷରେ ଅଧ୍ୟକ୍ଷା ସର୍ବୋଚ୍ଚ ଅଦାଲତଙ୍କର ଦ୍ୱାରସ୍ଥ ହୋଇପାରନ୍ତି ବୋଲି ଶୁଣାଯାଉଛି । ତେବେ ବିଜେଡ଼ି ଟିକେଟରେ ବିଜୟୀ ହୋଇ କିଛି ନିର୍ବାଚିତ ପ୍ରତିନିଧି ବିଜେପିର ଗୋଡାଣିଆ ହେଉଥିଲେ ବି ବ୍ଲକ ପରେ ହିନ୍ଦୋଳ ଏନଏସିରେ ବଡ଼ଧରଣର ପରିବର୍ତନ ପାଇଁ ଶାସକଦଳ ମାଷ୍ଟରପ୍ଲାନ କରିସାରିଥିବା ବିଶେଷ ସୂତ୍ରରୁ ଜଣାପଡିଛି । ଦଳପାଇଁ ସୁବିଧାଜନକ ସ୍ଥିତି ପାଇଁ କ୍ଷମତା ହାସଲ କରିବାକୁ ଏହାପରେ ହିନ୍ଦୋଳ ଏନଏସି ପାଳି ପଡିବ ବୋଲି ସର୍ବସାଧାରଣରେ ଚର୍ଚ୍ଚା ଜୋର ଧରିଥିବାବେଳେ ହିନ୍ଦୋଳ ରାଜନୈତିକ ପାଣିପାଗର ଉଷ୍ମତା ବଢିଯାଇଛି । ହିନ୍ଦୋଳ ବ୍ଲକର ଜନସାଧାରଣ ଏକ ସ୍ଥିର ସ୍ୱଚ୍ଛ ଶାସନ ପାଇଁ ମତ ମନ୍ତବ୍ୟ ଦେଇ ଥିବାବେଳେ ବାରମ୍ବାର ଅନାସ୍ଥା ଭଳି କଳଙ୍କିତ ରାଜନୀତି ପାଇଁ ତୀବ୍ର ନିନ୍ଦା କରିଛନ୍ତି ।

## ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଆଲୋଚନାଚକ୍ର

ତାଳଚେର,(ସବ୍ୟୁ) : ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ଜିଲ୍ଲା ବିଚାରଧାର ବିଭାଗ ପକ୍ଷରୁ ୬୨ତମ ଆଭାସୀ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ସଂସଦର ଅନୁଗୋଳ ଶାଖା ସଭାପତି ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପାଠ୍ୟଚକ୍ରରେ ଆଲୋଚକ ଭାବରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ ଯୋଗ ଦେଇ 'ଖଲିଲ୍ ଜିବ୍ରାନଙ୍କ ଜୀବନ ଓ ଦର୍ଶନ' ଶୀର୍ଷକ ଆଭାସୀ ଆଲୋଚନାଚକ୍ରରେ ଯୋଗ ଦେଇଥିଲେ । ଏହି ଅବସରରେ ସେ ବିଶିଷ୍ଟ ଆମେରିକୀୟ ଲେଖକ ଖଲିଲ୍ ଜିବ୍ରାନଙ୍କ ଜୀବନୀ ଓ ତାଙ୍କ ରଚନାସମୂହରେ ଥିବା ବିଭିନ୍ନ ଦାର୍ଶନିକ ଚିନ୍ତାଧାରା ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲୋକ ସଂସଦର ଅନୁଗୋଳ ଜିଲ୍ଲା ଶାଖା ସଂପାଦକ କୃଷ୍ଣଚନ୍ଦ୍ର ସାହୁ ବିବେକାନନ୍ଦଙ୍କ ଦିବ୍ୟବାଣୀ ପାଠ କରିଥିବା ବେଳେ ଭବାନୀ ଶଙ୍କର ମିଶ୍ର ଓଁକାର ବନ୍ଦନା କରିଥିଲେ । ସଂସଦର ମଧ୍ୟସମ୍ଭାଗ ସଂପର୍କ ସେତୁ ବିଭାଗର ସଂଯୋଜକ ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥଲେ । ଶେଷରେ ଅଧ୍ୟାପକ ନରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପାଠ୍ୟଚକ୍ରରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ସଙ୍ଗଠନ ସଂପାଦକ ଡ.ଚିତଞ୍ଜନ ନାୟକ, ଅନୁଗୋଳ ଶାଖା ଉପସଭାପତି ଶିକ୍ଷାବିତ୍ ପ୍ରତାପ କୁମାର ତ୍ରିପାଠୀ, ଡ.ବିଶ୍ୱଜିତ୍ ଖମାରୀ, ଘନଶ୍ୟାମ ଲେଙ୍କା, ଅନୀତା ପାଣି, ଦିପ୍ତୀରାଣୀ ସିଂହ, ଯୁଗଳ କିଶୋର ପ୍ରଧାନ, ନୃସିଂହ ଚରଣ ନାୟକ, ସଂଯୁକ୍ତା ପ୍ରଧାନ, ସୁଷମା ପଟେଲ, ତରଙ୍ଗିଣୀ ମହାପାତ୍ର, ରାମପ୍ରସାଦ ବାରିକ, ଶମ୍ଭୁପ୍ରସାଦ ମିଶ୍ର, ପ୍ରଦୀପ କୁମାର ସାହୁ, ଜୟଶ୍ରୀ ଷଡ଼ଙ୍ଗୀ, ଭଗବାନ ପଟେଲ, ରେଣୁବାଳା ସାମଲଙ୍କ ସମେତ ବହୁ ସଦସ୍ୟ,ସଦସ୍ୟା ଯୋଗ ଦେଇଥିଲେ ।

# ଗ୍ରାମେଶ୍ୱରୀ ବଗାଧରଙ୍କ ପୂଜା ପାଇଁ ଉତ୍ସବମୁଖର ରାଣୀଗୋଡା



ଅନୁଗୋଳ ,(ସବ୍ୟୁ) :ସହର ଉପକଣ୍ଠ ସ୍ଥାନୀୟ ରାଣୀଗୋଡା ଗ୍ରାମରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଗ୍ରାମେଶ୍ୱରୀ ମା' ବଗଝଧରଙ୍କ ବାର୍ଷିକ ପୂଜା ଉତ୍ସବ ଦୁଇ ଦିନ ଧରି ଧରି ଆନନ୍ଦ ଉଲ୍ଲାସର ସହ ପାଳନ କରା ଯାଉଛି । ୦୬ ତରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଗ୍ରାମର ସାମନ୍ତସାହିରେ ଥିବା ମା'ଙ୍କ ଦିଅଁ ଘରୁ ଗ୍ରାମେଶ୍ୱରୀ ବଗାଧରଙ୍କ ସୁସଜ୍ଜିତ ବିଜେ ପ୍ରତିମା ଆଲମ କୁ ଘଣ୍ଟ, ଘଣ୍ଟା, ଶଙ୍ଖ, ଢୋଲ, ମହୁରୀ, ଘଣ୍ଟୁଆ ଦଳ, ଲଉଡି ଦଳ ଓ ଆତସବାଜିର ଏକ ବିରାଟ ଶୋଭାଯାତ୍ରାରେ ସମଗ୍ର ଗ୍ରାମ ପରିକ୍ରମା କରା ଯାଇଥିଲା । ମା'ଙ୍କ ବିଜେ ପ୍ରତିମା ଆଲମ ଶୋଭାଯାତ୍ରାରେ, ସିଙ୍ଗ ବାଜା, ଭାଙ୍ଗଡ଼ା ବାଦ୍ୟ, ଛତ୍ରି ତରାସ, ପାଇକବାହିନୀ ସାମରିକ ଅସ୍ତ୍ରଶସ୍ତ୍ର ଖଣ୍ଡା, ଢ଼ାଲ, ବର୍ଚ୍ଛା, ଧନୁ, ତୀର, ଆଦି ଧାରଣ କରି ଯିବାର ଦେଖା ଯାଇଥିଲା । ଗ୍ରାମ ପରିକ୍ରମା ପରେ ପୀଠର ଆସ୍ଥାନ ଉପରେ ମା'ଙ୍କ ଆଲମ କୁ ବିଜେ କରାଯିବା ପରେ ପୂଜକ ଭାଗୀରଥୀ ଦେହୁରୀ ଏବଂ ସହଯୋଗୀ ଙ୍କ ଦ୍ୱାରା ପ୍ରଥମେ ମାର୍ଜନା ତା ପରେ ପରେ ବିଧି ଅନୁଯାୟୀ ପ୍ରଥମ ଷୋଡ଼ଶ ଉପଚାର ପୂଜା ନୀତି ସମ୍ପର୍ଣ୍ଣ କରା ଯାଇଥିଲା । ଶତାଧିକ ମାନସିକ ଧାରୀ ଠାକୁରଙ୍କ ପାଖରେ ଆପଣା ଶିଶୁଙ୍କ କେଶ ମୁଣ୍ଡନ କରି ମା'ଙ୍କ ଦର୍ଶନ ସହ ଆଶୀର୍ବାଦ ଲାଭ କରିଥିଲେ । ପ୍ରଥମ ପୂଜା ପରେ ପରେ କିଛି ଗ୍ରାମବାସୀ ମା'ଙ୍କ ଆଜ୍ଞାମାଳ ନେଇ ପଡିଆର (କାଳସୀ) କୁ ଡାକିବାକୁ ଯାଇଥିଲେ । ସେଠାରେ ମା'ଙ୍କ ଆର୍ବିଭାବ ପରେ ପଡିଆର / କାଳସୀଙ୍କୁ ପୂଜା ମଣ୍ଡପ କୁ ପାଛୋଟି ଆଣି ଥିଲେ । ଉପସ୍ଥିତ ସମସ୍ତ ଅଧିଆ ଓ ଶ୍ରଦ୍ଧାଳୁଙ୍କ ଉପରେ ମା'ଙ୍କ ଚଳନ୍ତି ପ୍ରତିମା କାଳିସୀ ଙ୍କ ଆର୍ଶୀବାଦ ସିଞ୍ଚନ କରା ଯାଇଥିଲା । ରାତ୍ର ୧୦ ଘଣ୍ଟା ସମୟରେ ବିଧି ଅନୁଯାୟୀ ଗ୍ରାମେଶ୍ୱରୀ ଙ୍କ ବଡ ପୂଜା ମଧ୍ୟ ସମ୍ପନ୍ନ କରା ଯାଇଥିଲା । ମନ୍ଦିର ପରିସରରେ ପ୍ରାୟ ୧୫ ହଜାରରୁ ଅଧିକ ଶ୍ରଦ୍ଧାଳୁ ଉପସ୍ଥିତି ଥିଲେ । ଦର୍ଶକଙ୍କୁ ରାତିସାରା ବାନ୍ଧି ରଖିବା ପାଇଁ ମନଷ୍ଟାର କ୍ଲବର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦୁଇ ଦିନ ଧରି ଏକକ ଏବଂ ଦଳଗତ କନିଷ୍ଠ ଏବଂ ବରିଷ୍ଠ ବର୍ଗର ନୃତ୍ୟ ପ୍ରତିଯୋଗୀତା ଏବଂ ଅପେରା ପରିବେଷଣ କରା ଯିବାର କାର୍ଯ୍ୟକ୍ରମ ମଧ୍ୟ ରଖା ଯାଇଛି ଝ । ଉଦଘାଟନୀ ସଂନ୍ଧ୍ୟାରେ ତାଳଚେରର ପ୍ରାୟ ବିଧାୟକ ବ୍ରଜ କିଶୋର ପ୍ରଧାନ ଅତିଥି ଭାବରେ ଉପସ୍ଥିତ ଥିବାବେଳେ ଉଦଯାପନୀ ସଂନ୍ଧ୍ୟାରେ ଅନ୍ୟ ଅତିଥି ମାନେଉପସ୍ଥିତ ରହିଥିଲେ ।

# ୭୪ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

କଣିହାଁ ,(ସବ୍ୟୁ) : କଣିହାଁ ବ୍ଲକରେ ଅନୁଗୋଳ ଜିଲ୍ଲାପାଳ ଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ସୋମବାର ଦିନ ଜିଲ୍ଲାପାଳ ଅବ୍ଦାଲ ଏମ୍ ଅଖତରଙ୍କ ଉପସ୍ଥିତିରେ ମୋଟ ୭୪ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିରୁ ବ୍ୟକ୍ତିଗତ ୫୫ ଟି ଓ ଗ୍ରାମ୍ୟଭିତ୍ତିକ୧୯ ଟି ଅଭିଯୋଗ ଥିଲା । ଶିବିରରେ ୧୫ ଟି ଅଭିଯୋଗର ତୁରନ୍ତ ଶୁଣାଣୀ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ବଜ୍ରକୋଟ ପଞ୍ଚାୟତର ଆନନ୍ଦ ନାଏକ ଓ ଈଶ୍ୱର ଚନ୍ଦ୍ର ସାହୁ ଉଭୟଙ୍କୁ କିଡନୀ ରୋଗର ଚିକିତ୍ସା ନିମନ୍ତେ ୭୫୦୦ ଟଙ୍କା ଲେଖାଏଁ ଆର୍ଥିକ ରାଶି ଏବଂ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ବଜ୍ରକୋଟ ପଞ୍ଚାୟତର ଯୋଗିନାଥ ପ୍ରଧାନ,ଝାଟି ବେହେରା,କାଠି ବେହେରା ଓ ପଞ୍ଚାଳି ସାହୁଙ୍କୁ କିଡନୀ ରୋଗର ଚିକିତ୍ସା ନିମନ୍ତେ ୭୫୦୦ ଟଙ୍କା ଲେଖାଏଁ ଆର୍ଥିକ ରାଶି ପ୍ରଦାନ କରା ଯାଇଥିଲା । ଅଭିଯୋଗ ମୁଖ୍ୟତଃ ଗ୍ରାମ ସମସ୍ୟା, କଳକାରଖାନା ଦ୍ୱାରା ଅଧିଗୃହୀତ କ୍ଷତିଗ୍ରସ୍ତ ପ୍ରଜାଙ୍କ ନିଯୁକ୍ତି ଏବଂ ଥଇଥାନ ସମସ୍ୟା, ଜମିଜମା ସମ୍ବନ୍ଧରେ, ରାସ୍ତାଘାଟ ମରାମତି ଏବଂ ବ୍ୟକ୍ତି ଗତ ସମ୍ବନ୍ଧରେ ଆସିଥିଲା । ଉକ୍ତ ଶୁଣାଣୀ ରେ ତାଳଚେର ଉପଜିଲ୍ଲାପାଳ ସମୀର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମଦନ ମୋହନ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ , ପାଲଲହଡା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ କୈଳାସ ଚନ୍ଦ୍ର ସେଠୀ , ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ଚିନ୍ମୟ ଦାସ ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ରେଙ୍ଗାଳିରେ ମା ଲକ୍ଷ୍ମୀଙ୍କ ପୂଜା



ରେଙ୍ଗାଳି ,(ସବ୍ୟୁ ):କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓ ଗ୍ରାମରେ ମା ଲକ୍ଷ୍ମୀଙ୍କ ପୂଜା ଆଜି ଠାରୁ ଆରମ୍ଭ ହୋଇଛି । ରେଙ୍ଗାଳି ପ୍ରକଳ୍ପ ଲକ୍ଷ୍ମୀ ବଜାର ବଣିକ ସଂଘ ପକ୍ଷରୁ ଦିନ ୯ ଟାରେ ବଣିକ ସଙ୍ଘର ବ୍ୟବସାୟୀମାନେ କଳସ ଯାତ୍ରାରେ ଲକ୍ଷ୍ମୀ ମଣ୍ଡପ ଠାରୁ ବାହାରି ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ଜଳ ଆଣି ପୁରୋହିତଙ୍କ ମନ୍ତ୍ରପାଠ ସହ ଘଣ୍ଟଘଣ୍ଟା ବାଜା, ବାଣ, ଶଙ୍ଖ ଧ୍ୱନି ମଧ୍ୟରେ ବଜାର ପରିକ୍ରମା କରି ପୂଜାମଣ୍ଡପ ଠାରେ ପହଁଚିଥିଲେ । ସେଠାରେ ବ୍ରାହ୍ମଣଙ୍କ ମନ୍ତ୍ରପାଠ ସହ ମା ଗଜଲକ୍ଷ୍ମୀଙ୍କର ପୂଜା ଆରମ୍ଭ ହୋଇଥିଲା । ସେହିପରି ନୂଆ ବସଷ୍ଟାଣ୍ଡ, ହାତିଆଦଣ୍ଡା କଲୋନୀ ଠାରେ ମଧ ଆକର୍ଷଣୀୟ ପୂଜାମଣ୍ଡପରେ ମାଙ୍କର ପୂଜାଅର୍ଚ୍ଚନା ଚାଲିଛି । ସାରା ରାଜ୍ୟରେ ମାନବ କଳାକୁଞ୍ଜ ପାଇଁ ଖ୍ୟାତିଲାଭ କରିଥିବା ରେଙ୍ଗାଳି ଗ୍ରାମ ଗଜଲକ୍ଷ୍ମୀ ପୂଜା ଏଥର ବେଶ ଧୁମଧାମରେ ପାଳନ କରୁଥିବା ଜଣାପଡିଛି । ଗ୍ରାମର ବିଭିନ୍ନ ୯ ଟି କ୍ଲବ ପକ୍ଷରୁ ଆକର୍ଷଣୀୟ ପୂଜାମଣ୍ଡପ ସାଙ୍ଗକୁ ସୁଉଚ୍ଚ ତୋରଣ ତିଆରି କରାଯାଇଛି । ସମଗ୍ର ଗ୍ରାମ ରଙ୍ଗବେରଙ୍ଗ ଆଲୋକମାଳାରେ ସୁସଜ୍ଜିତ ହୋଇଛି । ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବାକୁ ଥିବା ପୂଜାମଣ୍ଡପ ଗୁଡିକର ପାଶ୍ୱଦେବାଦେବୀ ଏଠାରେ ମାନବଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥାଏ । ସନ୍ଧ୍ୟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଗ୍ରାମର ଲୋକମାନେ ବିଭିନ୍ନ ବେଶଭୁଷାରେ ଚିତ୍ରିତ ହୋଇ ପୂଜାମଣ୍ଡପର ପାର୍ଶ୍ୱ ଦେବାଦେବୀ ପରି ଷ୍ଟାଚ୍ୟୁ ହୋଇ ଛିଡା ହୋଇ ରହିଥାନ୍ତି । ଏହି ମାନ କଳାକୃତି ଦେଖିବାକୁ ବହୁ ଦୂର ଦୁରାନ୍ତରୁ ଦର୍ଶକଙ୍କ ପ୍ରବଳ ଭିଡ଼ ହୋଇଥାଏ । ଆଜି ମଧ୍ୟାହ୍ନରେ ପୂଜା ମଣ୍ଡପ ଗୁଡ଼ିକ ପକ୍ଷରୁ ମା ଙ୍କର ପୂଜାନୀତି ସଂପନ୍ନ ହୋଇଥିବା ବେଳେ ଗ୍ରାମର ବିଭିନ୍ନ କ୍ଲବ ପକ୍ଷରୁ ପ୍ରତିଯୋଗୀତାମୂଳକ ଭାବେ ସୁଉଚ ତୋରଣ ସାଙ୍ଗକୁ ଝଲମଲ ଆଲୋକ ମାଳା ଏବଂ ଅନୁକୂଳ ପାଗ ଯୋଗୁଁ ଏହାକୁ ଦେଖିବାକୁ ପ୍ରବଳ ଜନସମାଗମ ହେବ ବୋଲି ଆଶା କରାଯାଉଛି । ଦିତୀୟ ଦିନରୁ ଜନସମାଗମ ବୃଦ୍ଧିକୁ ଦୃଷ୍ଟିରେ ରଖି ରେଙ୍ଗାଳି ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଆଇଆଇସି ଜୟନ୍ତ ମହାନ୍ତି ପ୍ରକାଶ କରିଛନ୍ତି ।

## ୨୪ ମଣ୍ଡପରେ ମା ଗଜଲକ୍ଷ୍ମୀ

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଅନ୍ତର୍ଗତ ଇନ୍ଦିପୁର ଗ୍ରାମ ତଥା ଆଖପାଖ ଅଞ୍ଚଳରେ ସୋମବାର ସନ୍ଧ୍ୟାରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହେଉଛି ।ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରତି ମଣ୍ଡପ ତରଫରୁ କଳସ ଉଠାଇ ବ୍ରତଧାରୀମାନେ ନିକଟସ୍ଥ ନାଳରୁ ପାଣି ଆଣି ଘଟ ସ୍ଥାପନ ପରେ ମାଆଙ୍କୁ ସମର୍ପଣ କରି ପୂଜା ଆରମ୍ଭ ହୋଇ ଯାଇଛି । ୨୪ଟି ମଣ୍ଡପରେ ମାଆ ବିରାଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ପାଣିପାଗକୁ ଦୃଷ୍ଟିରେ ରଖି ପ୍ରତି ମଣ୍ଡପର ସାଜସଜ୍ଜା ଶେଷ ହୋଇଅଛି । ମୀନା ବଜାର ସେମାନଙ୍କ ପସରା ମେଲାଇ ଦେଇଛନ୍ତି । ଗ୍ରାମର ବଡ଼ଦାଣ୍ଡ ସାହି ,କଲେଜ ଛକ, ହାଇସ୍କୁଲ ଛକ, ଜୁଆଙ୍ଗ ସାହି, ଶାସନ ସାହି, ବସଷ୍ଟାଣ୍ଡ, ଉପର ନୂଆସାହି , ବ୍ରଦର୍ସ କ୍ଲବ, ଗୋଲ୍ଡେନ ଷ୍ଟାର, ଲକ୍ଷ୍ମୀ ବଜାର, ବରଷଘରିଆ, ଶବର ସାହି, କଂସାରିସାହି, ତେର ଘରିଆ,ରାଜପୃଷ୍ଟି ଗଜଲକ୍ଷ୍ମୀ ପ୍ରତିଷ୍ଠାନ, ବଉଳଛକ, ହରିଜନ ସାହି, ଶାନ୍ତି କ୍ଲବ, ତନ୍ତିସାହି, ମଠସାହି, ଚନ୍ଦନମଣ୍ଡପ ସାହି, ଘଣାଶାଳ ସାହି, ବଢେଇ ସାହି ସହିତଲୁଣି ଗାଁ ଲକ୍ଷ୍ମୀ ପୂଜା ଦେଖି ବଡ଼ଦାଣ୍ଡ ରାସ୍ତାରେ ବସଷ୍ଟାଣ୍ଡ ସହିତ ପୂଜାର ଅନୁଷ୍ଠିତ ହେଉଛି। ଇନ୍ଦିପୁର ଗାଁ ଦୋଳଯାତ୍ରା ପଡ଼ିଆରେ ଗୋଟିଏ ମୀନା ବଜାର ଗତବର୍ଷରୁ ଖୋଲା ଗଲାଣି ।ମିଳିତ ଲକ୍ଷ୍ମୀ ପୂଜା କମିଟିର ନିଷ୍ପତ୍ତି ଅନୁସାରେ ଆସନ୍ତା ୧୬ ଅକ୍ଟୋବର ଗୁରୁବାର ମିଳିତ ଭସାଣି ଉତ୍ସବ ପାଳନ ହେବ ବୋଲି ଜଣାପଡିଛି ।

# ରାସ୍ତା ନିର୍ମାଣ ୨ ମାସ ଗଲାନି: ଫାଟି ଆଁ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ର ରାଜ୍ୟ ରାଜ ପଥ ରୁ ଭାୟା ବଡ଼ ହୁଲା ଦେଇ ପାର୍ବତୀ ପୁର ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ପୂର୍ତ୍ତ ବିଭାଗ ରାସ୍ତା ଫାଟି ଆଁ କଲାଣି । ରାସ୍ତା ନିର୍ମାଣ ୨ ମାସ ପରେ ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଥିବା ବେଳେ ଅତି ନିମ୍ନ ମାନର କାମ ହୋଇ ଥିବା ପାର୍ବତୀପୁର ଅଞ୍ଚଳବାସି ସୋମବାର ଦିନ ଅନୁଗୋଳ ଜିଲ୍ଲା ପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ବିଭଗୀୟ ଯନ୍ତ୍ରୀଙ୍କ ଶହ ଠିକାଦାରଙ୍କ ମଧ୍ୟରେ ମଧୁ ଚନ୍ଦ୍ରକା ଯୋଗୁଁ ୪ କୋଟି ଟଙ୍କା ପାଣରେ ପଡିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି 6ଯେ, ବଇଣ୍ଡା – ଆଠମଲ୍ଲିକ ରାସ୍ତା ର ନିଗମାନନ୍ଦ ଆଶ୍ରମ ନିକଟସ୍ଥ ଶାଳବଣି ସାହି ଠାରୁ ଭାୟା ବଡ଼ହୁଲା ଦେଇ ପାର୍ବତୀପୁର ଗ୍ରାମ ପର୍ଯ୍ୟନ୍ତ ୪ କିମି ୯୦୦ ମିଟର ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାର ଙ୍କର ପୂର୍ତ୍ତ ବିଭାଗ ପକ୍ଷରୁ ୪ କୋଟି ୨୩ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟ ରେ ପିଚୁ ରାସ୍ତା ନିର୍ମାଣହୋଇଛି । ଏହି ରାସ୍ତା କାମ ତା ୧୦/୦୨/୨୦୨୫ ରୁ ଆରମ୍ଭ ହୋଇଥିବା ବେଳେ ତା ୯/୯/ ୨୦୨୫ ରେ କାମ ସମାପ୍ତ ହେବା ପାଇଁ ବିଭାଗ ପକ୍ଷରୁ ତାରିଖ ଧାର୍ଯ୍ୟ କରାଯାଇଛି । ହେଲେ ଠିକା ସଂସ୍ଥା କାମ ଆରମ୍ଭ କରି ତରବରିଆ ଭାବରେ ଅତି ନିମମାନ କାମ କରି ଜୁନ ଶେଷ ସପ୍ତାହ ରେ କାମ ସାରି ଦେଇଥିଲେ । ସେତେବେଳର କନିଷ୍ଠ ଯନ୍ତ୍ରୀ ଙ୍କ ଶହ ଠିକାଦାର ସଲାସୁତରା ହୋଇ ଅତି ନିମ୍ନମାନର କାମ କରିଥିବା ଗ୍ରାମ ବାସି ଅଭିଯୋଗ କରିଛନ୍ତି । ପୂର୍ବରୁ ଏହି ରାସ୍ତା ଆର ଡି ବିଭାଗ ଅଧୀନ ରେ ଥିବା ବେଳେ ଚଳିତ ବର୍ଷ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ପୂର୍ବ ପିଚୁ କୁ ସାମାନ୍ୟ ଉଠାଇ ଅଳ୍ପ ମ୍ୟାଂଟିଲି କରି ସମ୍ପୂର୍ଣ୍ଣ ବିଲ ଉଠାଇ ଠିକାଦାର ନେଇ ଯାଇଛନ୍ତି । ଅତି ନିମ୍ନମାନର କାମ କରାଯାଇଥିବା ବେଳେ ସେହି ସମୟରେ ଥିବା ଅଧିକାରୀ ଙ୍କୁ ଠିକା ସଂସ୍ଥା ପକ୍ଷରୁ ମୋଟା ଅଙ୍କର ପିସି ଦେଇ ସମ୍ପୂର୍ଣ୍ଣ ବିଲ ଉଠାଣ କରା ଯାଇଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାସ୍ତା ନିର୍ମାଣର ମାତ୍ର ୨ ମାସ ନ ଯାଉଣୁ ରାସ୍ତା ର ୯ ସ୍ଥାନ ରେ ଦବି ବା ସହ ଫାଟି ଗଲାଣି । ଏ ପରିକି ଅନେକ ସ୍ଥାନରେ ପିଚୁ ଗୁଡିକ ଉଠିବାକୁ ଲାଗିଲାଣି । ସଠିକ ଭାବରେ ବିଭାଗୀୟ ଅଧିକାରୀ ମାନେ ତଦାରଖ କରିନଥିବା ଯୋଗୁଁ ଏ ପରି ହୋଇଥିବା ପାର୍ବତୀପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସରକାର ଙ୍କର ୪ କୋଟି ଟଙ୍କା ପାଣି ରେ ପଡିଲା ବୋଲି ଅଞ୍ଚଳବାସି ଅଭିଯୋଗ କରିଛନ୍ତି । ତୁରନ୍ତ ଏଥି ପ୍ରତି ଖୋଦ ଜିଲ୍ଲାପାଳ ଦୃଷ୍ଟି ଦେଇ ଭିଜିଲାନ୍ସ ଦ୍ୱାରା ତଦନ୍ତ କରି ଠିକା ସଂସ୍ଥା ଓ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି । ଏ ନେଇ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରତାପ ହରି ପାଲ କୁହନ୍ତି ଉକ୍ତ ରାସ୍ତା କାର୍ଯ୍ୟ ସମ୍ପର୍କ ରେ ତଦନ୍ତ କରାଯିବ ଓ ଠିକା ସଂସ୍ଥାକୁ ରାସ୍ତା ମରାମତି କରିବା ପାଇଁ ନିର୍ଦ୍ଦେଶ ଦିଆଯିବ ।

## ମୃତ ବ୍ୟକ୍ତିଙ୍କ ଭଡା ନଦେବାରୁ ପିଇଓଙ୍କୁ ମାଡ
# ବ୍ଲକ୍ କର୍ମଚାରୀଙ୍କ କଲମ ଛାଡ ଆନ୍ଦୋଳନ

ବାସୁଦେବପୁର,(ସବ୍ୟୁ):ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବାର ଦଶ ଦିନ ବିତିଲାଣି । ବାପାର ଭଡା ଟଙ୍କା ମାଗିବାକୁ ଯାଇ ନିରାଶ କରିବାରୁ ପିଇଓଙ୍କୁ ମାଡ ମାରି ଟଙ୍କା ଛଡାଇ ନେଇଥିବାର ଥାନାର ଲିଖିତ ଅଭିଯୋଗ ହୋଇଛି । ଆକ୍ରମଣକାରୀଙ୍କୁ ଗିରଫ ଦାବୀରେ ବ୍ଲକ କର୍ମଚାରୀ ସଂଘ ପକ୍ଷରୁ ସମୂହ ବାସୁଦେବପୁର ବ୍ଲକ ପରିସରରେ କଲମ ଛାଡ ଆନ୍ଦୋଳନ କରି ଧାରଣା ଦେଇଛନ୍ତି । ବାସୁଦେବପୁର ବ୍ଲକର ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କମଳାକାନ୍ତ ବେହେରା ସେପ୍ଟେମ୍ବର ୧୩ ତାରିଖରେ ଭଡା ବାଣ୍ଟିବାକୁ ଯାଇଥିଲେ। ବ୍ରଜାନନ୍ଦପୁର ଗ୍ରାମର ଭରତ ଯେନା ୧୦ଦିନ ତଳେ ମୃତ୍ୟୁବରଣ କରିଛନ୍ତି। ମୃତ ଭରତ ଯେନାଙ୍କ ଭଡା ପ୍ରଦାନ କରିବାକୁ ପୁଅ ଦାବୀ କରିଥିଲେ। ମଲା ଲୋକର ଭଡା ପ୍ରଦାନ କରାଯିବ ନାହିଁ ବୋଲି ପିଇଓ ସିଧାସଳଖ ମନା କରି ଦେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ କାଳନ୍ଦୀ ଯେନା ଓ ବୁଲୁ ଯେନା ପିଇଓଙ୍କୁ ଆକ୍ରମଣ କରିବା ସହିତ ଟଙ୍କା ଛଡାଇ ନେଇଥିଲେ। ପରେ ସେ ବ୍ୟାଗ ଦେଇଥିଲେ ମଧ୍ୟ ବ୍ୟାଗର ୧୨ହଜାରରୁ ଉର୍ଦ୍ଧ୍ୱ ଟଙ୍କା କମ୍ ଥିବାର ନାୟକାଣିଡିହି ଥାନାର ଅଭିଯୋଗ ହୋଇଛି। ମାମଲା ରୁଜୁ କରି ଦୀର୍ଘ ୨୩ ଦିନ ଧରି ପୋଲିସ ଚୁପଚାପ ବସି ରହିଛି। ଏହାର ପ୍ରତିବାଦରେ ବାସୁଦେବପୁର ବ୍ଲକର ସମସ୍ତ କର୍ମଚାରୀ କଲମଛାଡ ଆନ୍ଦୋଳନ କରି ଧାରଣାରେ ବସି ରହିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନ ଜାରି ରହିବ ବୋଲି ପିଇଓ ସଂଘ ପକ୍ଷରୁ କହିଛନ୍ତି। ଘଟଣାକୁ ଗୁରୁତର ସହ ନେଇ ନାୟକାଣୀଡିହି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ବ୍ଲକ ପରିସରକୁ ଆଣିଥିଲା। ସର୍ବସାଧାରଣରେ ଭୁଲ ମାଗିବା ସହିତ ଦୋଷ ସ୍ୱୀକାର କରିଥିଲା

## ଗୁଣ୍ଡିଚାଘାଗୀରେ ନିଖୋଜ ଯୁବକର ମୃତ ଦେହ ଉଦ୍ଧାର



ଢେଙ୍କୋଟ ,(ସବ୍ୟୁ): ରବିବାର ସକାଳେ ଘଟଗାଁ ଥାନା ଅନ୍ତର୍ଗତ ବଣଚକୁଲିଆ ନିକଟରେ ଥିବା ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୁଣ୍ଡିଚାଘାଗୀ ଜଳପ୍ରପାତରେ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବଡ ଶିଆଳିମାଳ ଗ୍ରାମର ସତ୍ୟପ୍ରକାଶ ମହାନ୍ତ ଗାଧୋଇବେଳେ ଭାସି ଯାଇଥିଲେ । ଅଗ୍ନିଶମ ବାହିନୀର ଲୋକ ବହୁତ ଖୋଜାଖୋଜି କରିବାପରେ ବି ପାଇନଥିଲେ । ତେବେ ସୋମବାର ଦିନ ସତ୍ୟପ୍ରକାଶଙ୍କ ମୃତ ଦେହ ଏକ ପଥର ଖୋଲ ଭିତରେ ଅଟକି ରହିଥିଲା । କିଛିଲୋକ ଦେଖିବାପରେ ଅଗ୍ନିଶମ ଓ ପୋଲିସ କୁ ଖବର ଦେଇଥିଲେ ।ତେବେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ବହୁତ କଷ୍ଟରେ ସୁରକ୍ଷିତଭାବେ ମୃତ ଦେହକୁ ଉଦ୍ଧାରକରି ଘଟଗାଁ ସାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ।

## ଏନଏସି ଦାବିରେ ୨୨ଦିନରେ ଖଇରା ସ୍ୱାଭିମାନ ମଞ୍ଚର ଧାରଣା

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲାର ଅନ୍ୟତମ ପ୍ରମୁଖ ସହର ଖଇରା ଏନଏସି ତାଲିକାରୁ ବାଦ ପଡିବା କୁ ନେଇ ୧ମାସରୁ ଉର୍ଦ୍ଧ ସମୟ ଧରି ପ୍ରତିବାଦ ଜାରି ରହିଛି । ପ୍ରଥମେ ସ୍ୱାଭିମାନ ମଞ୍ଚ ପକ୍ଷରୁ ଓ ପରେ ବିଜେଡି ପକ୍ଷରୁ ଖଇରା ବନ୍ଦ ପରେ ଏବେ ଗତ ସେପ୍ଟେମ୍ବର ୧୫ତାରିଖ ଠାରୁ ଖଇରା ବ୍ଲକ ସମ୍ମୁଖରେ ସ୍ୱାଭିମାନ ମଞ୍ଚ ପକ୍ଷରୁ ଆରମ୍ଭ ହୋଇଥିବା ଗଣ ଧାରଣା ଅଦ୍ୟାବଧି ଜାରି ରହିଛି । ପ୍ରତ୍ୟେକ ଦିନ ଏହି ଗଣଧାରଣା ସମ୍ପର୍କରେ ବିଡିଓଙ୍କ ଜରିଆରେ ବ୍ଲକ,ଜିଲା ପ୍ରଶାସନ ତଥା ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଅବଗତ କରାଯାଉଛି । ସୋମବାର ର ଗଣଧାରଣାରେ ମାନସ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଖଇରା କୁ ଏନଏସି ଘୋଷଣା ନହେବା ଯାଏ ଗଣଧାରଣା ଚାଲୁ ରହିବ ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ । ରାଜ୍ୟ ସରକାର ୩ ପର୍ଯ୍ୟାୟରେ ୩୦ଟି ସହରକୁ ଏନଏସି ମାନ୍ୟତା ପ୍ରଦାନ କରିଥିବା ବେଳେ ସବୁ ପ୍ରକାର ଭିତ୍ତିଭୂମି ଥାଇ ଖଇରା ବାଦ ପଡିବାକୁ ନେଇ ଖଇରାର ସମସ୍ତ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ସ୍ୱାଭିମାନ ମଞ୍ଚ ବ୍ୟାନରରେ ଗଣଧାରଣାରେ ବସି ତୁରନ୍ତ ଏନଏସି ଘୋଷଣା କରିବାକୁ ଦାବି କରାଯାଇଛି ।

## ବର୍ଷାରେ ଭାଙ୍ଗିଲା ଅସହାୟା ଦର୍ପଣୀଙ୍କ ଘର

କେନ୍ଦୁଝର (ଜିପ୍ର): କେନ୍ଦୁଝର ଜିଲ୍ଲାର ଉପାନ୍ତ ବାଂଶପାଳ ବ୍ଲକ ଗୋନାଶିକା ପଞ୍ଚାୟତ ଅନ୍ତର୍ଗତ ଗୁପ୍ତଗଙ୍ଗା ଗାଁରେ ଅସହାୟା ବିଧବା ଦର୍ପଣୀ ପେଣ୍ଟେଇଙ୍କ ଟାଇଲି ଛପର ଘର ଭାଙ୍ଗିଯାଇଛି। ଫଳରେ ଘର ଭିତରେ ଆଶ୍ରୟ ନେଇଥିବା ଦୁଇଟି ଛେଳିଙ୍କ ଶୋଚନୀୟ ମୃତ୍ୟୁ ଘଟିବା ସହିତ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ସୌଭାଗ୍ୟକୁ ଘର ଭିତରେ କେହି ସଦସ୍ୟ ରହିନଥିଲେ। ଫଳରେ ଏହି ଅଘଟଣରୁ ପରିବାର ଲୋକେ ସୁରକ୍ଷିତ ରହିଛନ୍ତି।ଆଜି ସ୍ଥାନୀୟ ଅଞ୍ଚଳରେ ବର୍ଷା ଲାଗିରହିଛି। ଗ୍ରାମର ସ୍ୱର୍ଗତ ଧ୍ରୁବ ପେଣ୍ଟେଇଙ୍କ ପରିବାର ଗରିବ ଅସହାୟ ଓ ଦାରିଦ୍ର୍ୟର କଷାଘାତରେ ପୀଡିତ। ସରକାରୀ ଗ୍ରାମୀଣ ଆବାସ ଯୋଜନାରେ ଆଜିଯାଏଁ ତାଙ୍କ ପରିବାରକୁ ପକ୍କା ଘର ଖଣ୍ଡିଏ ମିଳିପାରିନାହିଁ। ଫଳରେ ଦୁଇ ପୁଅ ବୋହୂ ଓ ନାତିନାତୁଣୀଙ୍କ ସହିତ ଗ୍ରାମର ଗଣେଶ୍ୱର ଜୁଆଙ୍ଗଙ୍କ ଘରେ ଆଶ୍ରୟ ନେଇଛନ୍ତି।ଦର୍ପଣୀଙ୍କ ପରିବାରକୁ ସରକାରୀ ସହାୟତା ସହିତ ପକ୍କା ଘର ଯୋଗାଇ ଦେବାକୁ ଦାବି ହୋଇଛି।

## ଗୁରୁଗ୍ରାମରେ ପ୍ରବାସୀ ଓଡିଆଙ୍କ ପକ୍ଷରୁ ଦୂର୍ଗାପୂଜା

ଖଇରା,(ସବ୍ୟୁ): ଦିଲ୍ଲୀ ନିକଟବର୍ତ୍ତୀ ଗୁରୁଗ୍ରାମ ୪ନମ୍ବର ସେକ୍ଟରସ୍ଥିତ କମ୍ୟୁନିଟି ସେଣ୍ଟର ଠାରେ ପବିତ୍ର ଦୂର୍ଗାପୂଜା ପାଳନ ଅବସରରେ ପ୍ରବାସୀ ଓଡିଆଙ୍କ ଦ୍ୱାରା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କଳିଙ୍ଗ କଲଚୁରାଲ ଏଣ୍ଡ ୱେଲଫେୟାର ଆସୋସିଏନ ଆନୁକୂଲ୍ୟରେ ଆୟୋଜିତ ଏହି ଷୋଡଶ ବାର୍ଷିକ ପୂଜାରେ ପଣ୍ଡିତ ରୁଦ୍ର ନାରାୟଣ ପଣ୍ଡା ଓ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ମାଙ୍କର ପୂଜା,ଚଣ୍ଡିପାଠ ସାଙ୍ଗକୁ ହୋମ ଯଜ୍ଞାଦି ମାଙ୍ଗଳିକ କାର୍ଯ୍ୟକ୍ରମ ସମ୍ପର୍ଣ ହୋଇଥିଲା । ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶାର ଉଦୀୟମାନ ତାରକା ବିଶିଷ୍ଟ ଗାୟକ ପ୍ରଭୁପାଦ ମହାନ୍ତି,ଗାୟିକା ପାୟଲ ମହାନ୍ତିଙ୍କ ହୃଦୟସ୍ପର୍ଶୀ ସଙ୍ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଆକାଶ ମହାନ୍ତି ଓ ସରଗମ ଖିଲାର ମଞ୍ଚ କାର୍ଯ୍ୟକ୍ରମର ସଞ୍ଚାଳନା ଓ ସଂଯୋଜନା କରିଥିଲେ । ଗୁରୁଗ୍ରାମ ବିଧାୟକ ମୁକେଶ ଶର୍ମା,ଡିପି ଗୋୟଲ,ବିଚାରପତି ବିରେନ୍ଦ୍ର ସିଂ,ଆଇନଜୀବୀ କୁମୁଦ ଗୁଗନାନୀ,ଡ ରବି ରଞ୍ଜନ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ପୂଜା କମିଟି ର ଉପଦେଷ୍ଟା ହରେକୃଷ୍ଣ ମହାନ୍ତି,ଆଇନଜୀବୀ ମୋନାଲିସା ମହାପାତ୍ର,ସୁଶାନ୍ତ କର,ମୁରଲୀଧର ସାହୁ,ସଭାପତି ଗୋବିନ୍ଦ ଚନ୍ଦ୍ର ବେହେରା,ସମ୍ପାଦକ ଭୀମସେନ ସେଠୀ,ଉପସଭାପତି ରଞ୍ଜନ ସାହୁ,ସଙ୍ଗଠନ ସଚୀବ କୃଷ୍ଣ ସ୍ୱାଇଁ,କୋଷାଧକ୍ଷ ବିନାୟକ ନାୟକ,ପ୍ରଦ୍ୟୁମ୍ନ ରଥ,ମାନସ ସାହୁ,ସାହୁ,ସତ୍ୟରଞ୍ଜନ ସାହୁ ଙ୍କ ସମେତ କମିଟିର ସମସ୍ତ ସଦସ୍ୟ ପୂଜାକୁ ସରସ ସୁନ୍ଦର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

## ଯୁବ ବ୍ୟାଙ୍କ ଅଧିକାରୀଙ୍କ ଜଳ ସମାଧି

ଅସୁରାଳି,(ସବ୍ୟୁ): ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ଖପରପଦା ଗ୍ରାମର ଯୁବ ବ୍ୟାଙ୍କ ଅଧିକାରୀ ଆଶୁତୋଷ ସାହୁ(୨୭)ଙ୍କର ଅକାଳ ବିୟୋଗ ଘଟିଛି। ଗୋଟିଏ ସପ୍ତାହ ତଳେ ଆଶୁତୋଷ କଟକରେ ମହାନଦୀକୁ ଶୌଚ ହେବାକୁ ଯାଇ ନିଖୋଜ ଥିଲେ। ଜଗତସିଂହପୁର ଜିଲ୍ଲାର ତିଗିରିଆ ନିକଟରେ ମହାନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି ।ସ୍ଥାନୀୟ ଖପରପଦା ଗ୍ରାମର ତ୍ରୈଲୋଚନ ସାହୁଙ୍କ ବଡପୁଅ ଆଶୁତୋଷ କଟକରେ ବ୍ୟାଙ୍କ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ ।ଗତ ସେପ୍ଟେମ୍ବର ୨୮ ତାରିଖ ଦିନ ସେ ମହାନଦୀକୁ ଶୌଚ ହେବାକୁ ଯାଇ ଆଉ ଫେରି ନଥିଲେ ।ତାଙ୍କର କୌଣସି ଖୋଜଖବର ମିଳିନଥିଲା।ଆଜି ତିଗିରିଆ ପୁଲିସ ମହାନଦୀରୁ ଏକ ଅପରିଚିତ ଯୁବକଙ୍କ ଶବ ଉଦ୍ଧାର କରିବା ପରେ ଏହା ନିଖୋଜ ଥିବା ଆଶୁତୋଷଙ୍କର ବୋଲି ଜଣାପଡିଛି।ତାଙ୍କ ପକେଟରୁ ମୋବାଇଲ ଫୋନ ମିଳିଥିବା ଜଣାପଡିଛି।

## ଯୁଗ୍ମ ଅଭିଯୋଗ ଶୁଣାଣି

କେନ୍ଦୁଝର, (ଜିପ୍ର/ସବ୍ୟୁ): ସୋମବାର ଦିନ ଜିଲ୍ଲାପାଳ ବିଶାଳ ସିଂହଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍ରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ ୯୧ ଅଭିଯୋଗ ଗ୍ରହଣ କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୧୨ ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୭୯ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା ।ସେଥିମଧ୍ୟରୁ ୧୭ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୯ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ, ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, କେନ୍ଦୁଝର ଉପଜିଲ୍ଲାପାଳ ଶ୍ରୀ ଉମାଶଙ୍କର ଦଳାଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସୱାସ୍ଥ୍ୟ ଅଧିକାରୀ ଡାଃ ବିନୋଦ ବିହାରୀ ମିଶ୍ର, ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ ।ସୂଚନାଯୋଗ୍ୟ ଚଳିତ ମାସ ୧୩, ୨୦,୨୭ ତାରିଖରେ ଯଥାକ୍ରମେ ତେଲକୋଇ, ହରିଚନ୍ଦନପୁର ଓ ଘଷିପୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ।

## ଦେବାଶିଷ ଜିଲ୍ଲା ବିଜେଡି ଆଇଟି କୋଡିନେଟର



ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ବିଜେଡି ଆଇଟି କୋଡିନେଟର ଭାବେ ବିଜେଡି ନେତା ଦେବାଶିଷ ଦାଶଙ୍କୁ ନିଯୁକ୍ତ କରାଯାଇଛି। ଦେବାଶିଷ ବର୍ତ୍ତମାନ ପୌରପାଳିକା ଅଧିନ ୫ ନମ୍ବର ୱାର୍ଡ ସଭାପତି ଭାବେ କାର୍ଯ୍ୟ ତୁଲାଉଛନ୍ତି। ଶ୍ରୀ ଦାଶ ଦୀର୍ଘ ବର୍ଷ ଧରି ବିଜୁ ଜନତା ଦଳରେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଏହି ନିଯୁକ୍ତି ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ନିଯୁକ୍ତି ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ନାରୀ ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଯୁବ ନେତା ରିତିକ ଜି ପ୍ରମୁଖଙ୍କୁ ସାଧୁବାଦ ଜଣାଇଛନ୍ତି। ଆଗାମୀ ଦିନରେ ଦଳ ଦେଇଥିବା ଗୁରୁ ଦାୟିତ୍ୱକୁ ସେ ସୁଚାରୁ ରୂପେ ତୁଲାଇବେ ବୋଲି ଶ୍ରୀ ଦାଶ ଉଲ୍ଲେଖ କରିଥିଲେ। ସୂଚନାଯୋଗ୍ୟ ଯେ ବିଜୁ ଜନତା ଦଳ ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲା କୋଡିନେଟର ଏବଂ ଜୋନ କୋଡିନେଟର ଘୋଷଣା କରିଛି ।

## ମାଟିକାନ୍ଥ ତଳେ ଚାପି ହୋଇ ନାବାଳିକା ମୃତ

ଆନନ୍ଦପୁର ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ମଦନପୁର ଗାଁରେ ଏକ ଅଘଟଣ ଘଟିଛି। ପଡ଼ିଶାଘର ମାଟି କାନ୍ଥତଳେ ଚାପି ହୋଇ ଜଣେ ନାବାଳିକାର ମୃତ୍ୟୁ ହୋଇଛି । ମୃତ ନାବାଳିକା ଗାଁର ଶରତ ଚକ୍ରଙ୍କ ୧୭ବର୍ଷୀୟା ଝିଅ ସୀମାରାଣୀ ବେଳଇ ଜଣାଯାଇଛି ।ରାତି ପାହିଥିଲେ କୁଆଁର ପୁନେଇ ଥିବାରୁ ସାଙ୍ଗ ଘରୁ ଫେରିଆସୁଥିବା ସମୟରେ ହଠାତ ପଡ଼ିଶାଘର ମାଟିକାନ୍ଥ ଭାଙ୍ଗିପଡ଼ିଥିଲଶ ଓ ଝିଅମାଟିତଳେ ଚାପିହୋଇ ରହିଥିଯାଇଥିଲା। ଗୁରୁତର ଅବସ୍ଥାରେ ତାକୁ ପରିବାର ଲୋକେ ମେଡିକାଲରେ ପହଞ୍ଚାଇଥିଲେ। ହେଲେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ ।ଘଟଣା ପ୍ରଘଟ ହେବାପରେ ପୁରା ଗାଁ ସ୍ତବ୍ଧ ହୋଇଯାଇଛି।

## ଦୁଇ ଘରୁ ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର

ବାଲେଶ୍ୱର,(ସବ୍ୟୁ): ବସ୍ତା ଥାନା ଅନ୍ତର୍ଗତ ପଞ୍ଚୁରୁଖୀ ଗ୍ରାମରେ ୨ଟି ଘରୁ ଗତ ଶନିବାର ବିଳମ୍ବିତ ରାତ୍ରିରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ନଗଦ ଟଙ୍କା ସହ ମୋବାଇଲ୍ ଫୋନ୍ ଚୋରି ହୋଇଥିବା ଅମର୍ଦ୍ଦା ଫାଣ୍ଡିରେ ଅଭିଯୋଗ କରାଯାଇଛି। ଅଭିଯୋଗ ମୁତାବକ ଏହି ଗ୍ରାମର କାହ୍ନୁଚରଣ ଚୌଧୁରୀଙ୍କ ପରିବାର ରାତି ପ୍ରାୟ ୧ଟା ୩୦ ପରେ ଶୋଇଥିଲେ। ସେମାନେ ସକାଳେ ନିଦରୁ ଉଠି ଚୋରି ହୋଇଥିବା ଜାଣିଥିଲେ। ଘର ଛାତ ପଟୁ କିଛି ଦୁର୍ବୃତ୍ତ ଘର ଭିତରେ ପଶି ଏକ କାଠ ବାକ୍ସରେ ଥିବା ୧୦ ଗ୍ରାମ ଓଜନର ସୁନା ହାର, ଏକ ସୁନା ମୁଦି, ନଗଦ ୪୦ହଜାର ଟଙ୍କା ଓ ଏକ ମୋବାଇଲ ଫୋନ୍ ନେଇଯାଇଛନ୍ତି । ଉକ୍ତ ବାକ୍ସକୁ ଛାତ ଉପରକୁ ନେଇ ଭାଙ୍ଗିବା ସହ ଅନ୍ୟାନ୍ୟ କାଗଜପତ୍ରକୁ ଏଣେତେଣେ ଫିଙ୍ଗିଛନ୍ତି। ସେହିପରି ସେହି ଗ୍ରାମର ଭବାନୀ ଶଙ୍କର ପାତ୍ରଙ୍କ ଘରୁ ମଧ୍ୟ ସମାନ ଢଙ୍ଗରେ ଛାତ ପଟୁ ପଶି ଘରର ଆଲମିରା ଭାଙ୍ଗି ୩ଟି ବାକ୍ସରେ ଥିବା ପାଖାପାଖି ୩୦୦ ଗ୍ରାମର ରୁପା ଅଳଙ୍କାର, ୩୦ ଗ୍ରାମର ସୁନା ଅଳଙ୍କାର ସହିତ ନଗଦ ୩୩ ହଜାର ଟଙ୍କା ଚୋରି କରି ନେଇ ପଳାଇଛନ୍ତି। ସୋମବାର ସକାଳେ ଅମର୍ଦ୍ଦାରୋଡ଼ ଫାଣ୍ଡିରେ ଭବାନୀ ଶଙ୍କର ପାତ୍ର ଓ କାହ୍ନୁଚରଣ ଲିଖିତ ଅଭିଯୋଗ କରିବା ପରେ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ ତଦନ୍ତ ଜାରି ରଖିଛନ୍ତି।

## ପାଇପ୍ ଫାଟି ଲହଡ଼ି ଭାଙ୍ଗୁଛି ପାଣି

ଆଗରପଡ଼ା,(ସବ୍ୟୁ): ନିମ୍ନମାନର ନିର୍ମାଣ କାର୍ଯ୍ୟ ହୋଇଥିବାରୁ ବାରମ୍ବାର ପାଣି ଯୋଗାଣ ପାଇପ ଫାଟିବା ଦ୍ୱାରା ନାନାଦି ସମସ୍ୟାମାନ ସୃଷ୍ଟି ହେଉଥିବାର ଅଭିଯୋଗମାନ ହେଉଛି। ଗତ କିଛିଦିନ ହେଲା ଡାଏଟ ଛକଠାରେ ପାଇପ ଫାଟିବା ଦ୍ୱାରା ସାରା ଅଂଚଳ ଜଳାର୍ଣ୍ଣବ ହୋଇପଡ଼ିଛି। ବିଭାଗୀୟ ଅଧିକାରୀଙ୍କୁ ଏହି ସଂପର୍କରେ ଅଭିଯୋଗକଲେ ମଧ୍ୟ କୌଣସି ସୁଫଳ ନ ମିଳିପାରୁ ନଥିବା କୁହାଯାଉଛି।


## ୩୧ ବର୍ଷରେ ସୂର୍ଯ୍ୟବଂଶୀ ସୂରଜ

ଅସୁରାଳି,(ସବ୍ୟୁ): ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା,କ୍ରୀଡ଼ା ଓ ଯୁବସେବା,ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଜନ୍ମଦିନ ପାଳନ କରିଛି ଅସୁରାଳି ଶହୀଦ ମଣ୍ଡଳ ବିଜେପି। ସଂସ୍କୃତି ମନ୍ତ୍ରୀ ଶ୍ରୀସୂରଜଙ୍କ ୩୧ତମ ଜନ୍ମଦିନ ଅବସରରେ ବିଜେପି ପକ୍ଷରୁ ସୋମବାର ଅପରାହ୍ନରେ ସ୍ଥାନୀୟ ଗିରି ଗୋବର୍ଦ୍ଧନ ଗୋଶାଳାରେ ଶତାଧିକ ଗୋମାତାଙ୍କୁ ବନ୍ଦାପନା କରାଯାଇ ଖାଦ୍ୟ ପ୍ରଦାନ କରାଯାଇଥିଲା। ଏଥିସହ ବୃକ୍ଷ ରୋପଣ କରାଯାଇଥିଲା। ସନ୍ଧ୍ୟାରେ ସମବେତ ଶତାଧିକ ଦଳୀୟ କର୍ମକର୍ତ୍ତା ଭଦ୍ରକ-ଆଖଣ୍ଡଳମଣି ରାଜ୍ୟରାଜପଥ ପାର୍ଶ୍ୱସ୍ଥ ଶକ୍ତିପୀଠ ବରୁଣାଇ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯାଇ ତାଙ୍କ ଶୁଭ ମନାସି ସମୂହ ଦୀପଦାନ କରାଯାଇଥିଲା। ଶହୀଦ ମଣ୍ଡଳ ବିଜେପି ସଭାପତି ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଉମାମଣି ସାହୁ,ଗ୍ରାମୀଣମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ,ବରିଷ୍ଠ ନେତା ଅଜୟ ବଳ,ବୈକୁଣ୍ଠ ସାହୁ,ବସନ୍ତ ରାଉତ,ହୃଷୀକେଶ ରାଉତ,ସୂରଜ ସାହୁ,କ୍ଷୀରୋଦ ସ୍ୱାଇଁ, ପ୍ରଶାନ୍ତ ନାୟକ,ଗୟାଧର ନାୟକ,ସରପଞ୍ଚ ସରୋଜ ସ୍ୱାଇଁ,ଶେଷଦେବ ମଲ୍ଲିକ,ଯୁବ ମୋର୍ଚ୍ଚା ସଭାପତି ରଜତ ଲେଙ୍କା,ସନ୍ତୋଷ ନାୟକ,ଜୟପ୍ରକାଶ ବେହେରା,ନରେନ୍ଦ୍ର ରାଉତ,ଆକାଶ ବସନ୍ତିଆ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବମକୁରା ପଞ୍ଚାୟତ ବିଜେପି ପକ୍ଷରୁ ମନ୍ତ୍ରୀଙ୍କ ଜନ୍ମଦିନରେ ଧୂଷୁରୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। କ୍ଷୀରୋଦ ଧଳ,ଫଣି ଭୂଷଣ ମଲ୍ଲିକ,ସଞ୍ଜୟ ମଲ୍ଲିକ,ମହେଶ୍ୱର ମିଶ୍ର,ଜିତେନ୍ଦ୍ର ଦୋବାଇ,ଅଜୟ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲି ଉତ୍ତୋଳନକୁ ନେଇ ଗୋଷ୍ଠୀ ସଂଘର୍ଷ : ୩ ଗୁରୁତର

ଜଳେଶ୍ୱର(ସବ୍ୟୁ): ସୁବର୍ଣ୍ଣରେଖା ନଦୀରୁ ବାଲି ଚୋରା ଉତ୍ତୋଳନ ଓ ଚାଲାଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମରଣାନ୍ତକ ଆକ୍ରମଣ ଘଟଣା ଘଟିଛି। ଏଥିରେ ୨ଜଣ ଆହତ ହୋଇଥିବାବେଳେ ୩ ଗୁରୁତର ଅଛନ୍ତି। ସୂଚନାନୁଯାୟୀ ଜଳେଶ୍ୱର ଥାନା ଚାଲନ୍ତି ଗ୍ରାମ ନିକଟ ସୁବର୍ଣ୍ଣରେଖା ନଦୀରୁ ଦୀର୍ଘଦିନ ଧରି ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ହୋଇଆସୁଅଛି। ପ୍ରତିଦିନ ଶହ ଶହ ଟ୍ରାକ୍ଟର, ଡମ୍ପରରେ ବାଲି ବିଭିନ୍ନ ଅଞ୍ଚଳକୁ ଚାଲାଣ ହେବା ଫଳରେ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ସରକାର ହରାଉଛନ୍ତି। ତେବେ ଗତ ଶନିବାର ବିଳମ୍ବିତ ରାତ୍ରିରେ ଏକ ଗୋଷ୍ଠୀ ବାଲି ଉତ୍ତୋଳନ କରୁଥିବା ବେଳେ ପୂର୍ବରୁ ସେହି ସ୍ଥାନରେ ବାଲି ଉତ୍ତୋଳନ କରୁଥିବା ଅନ୍ୟ ଏକ ଗୋଷ୍ଠୀ ବିରୋଧ କରିଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ୫ ଜଣରୁ ଉର୍ଦ୍ଧ୍ୱ ଯୁବକ ଆହତ ଓ ଗୁରୁତର ହୋଇଛନ୍ତି। ଦୁଇ ଗୋଷ୍ଠୀ ତରଫରୁ ଥାନାରେ ଅଭିଯୋଗ ହୋଇଥିବା ଜଣାଯାଇଛି। ଗୁରୁତରଙ୍କ ମଧ୍ୟରେ ପର୍ଶୁରାମ ଗିରି, ମନୋଜ ଦେ, ଅଧର ଗିରି ରହିଥିବା ବେଳେ ଅନ୍ୟ କେତେକ ଆହତ ହୋଇ ଚିକିତ୍ସିତ ହେଉଥିବାର ଜଣାଯାଇଛି । ଜଳେଶ୍ୱର ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ନିରାଶ୍ରୟା ଯୁବତୀ ନିଆଁଚୁଲିରେ ପଡି ଗୁରୁତର ହେବା ଘଟଣା
# ସହଯୋଗର ହାତ ବଢାଇଲେ ଜନପ୍ରତିନିଧି ସମେତ ସ୍ୱେଚ୍ଛାସେବୀ ସଂଗଠନ



ନୀଳଗିରି, (ସବ୍ୟୁ): ନୀଳଗିରି ଥାନା ମିତ୍ରପୁର ନିକଟସ୍ଥ କାଠଗୋଛି ଗାଁରେ ଗତ ରବିବାର ଦିନ ଜଣେ ନିରାଶ୍ରୟା ଯୁବତୀ ନିଆଁ ଚୁଲିରେ ପଡି ଗୁରୁତର ହୋଇ ଡାକ୍ତରଖାନା ଶଯ୍ୟାରେ ଏକାକୀ ସଂଗ୍ରାମ କରୁଥିବାର ଘଟଣା ଅଞ୍ଚଳରେ ଉଦବେଗ ପ୍ରକାଶ ପାଇଛି। ସୂଚନାରୁ ପ୍ରକାଶ ଉକ୍ତ ଗ୍ରାମର ଭାସ୍କର ମହାଳିକଙ୍କ ଝିଅ ତିଳୋତ୍ତମା(୨୨) ପିଲା ବେଳୁ ମାକୁ ହରାଇଥିଲା। ବାପା ଭାସ୍କର ମହାଳିକ ଦ୍ୱିତୀୟ ବିବାହ କରିବାରୁ ସାବତ ମାର ନିର୍ଯାତନା ସହି ନପାରି ଜେଜେଙ୍କ ସହ ଏକ କୁଡ଼ିଆ କରି ରହୁଥିଲା ଯୁବତୀ ତିଳୋତ୍ତମା । ଗତ ୩ ମାସ ତଳେ ଜେଜେ ବି ଆର ପାରିକୁ ଚାଲିଯାଇଥିଲେ । ନିରାଶ୍ରୟ ଯୁବତୀ ଜଣକ ଗତ ରବିବାର ରୋଷେଇ କରୁଥିବା ସମୟରେ କୈଣସି କାରଣ ବଶତଃ ନିଆଁ ଲାଗିଥିବା ଚୁଲି ଭିତରେ ଗଳି ପଡ଼ି ମୁହଁର ୬୦ ଭାଗ ପୋଡ଼ି ଯାଇଥିଲା। ଗାଁ ଲୋକଙ୍କ ସହଯୋଗରେ ନୀଳଗିରି ଡାକ୍ତରଖାନାରେ ଏହି ଯୁବତୀ ଜଣକଙ୍କୁ ଭର୍ତ୍ତି କରାଯାଇଥିଲା। ଏହି ନିରାଶ୍ରୟା ଯୁବତୀଙ୍କ ପାଖରେ କେହି ନଥିବା ଯୋଗୁଁ ସେ ଏକାକୀ ଡାକ୍ତରଖାନା ଶଯ୍ୟାରେ ମୃତ୍ୟୁ ସହ ସଂଗ୍ରାମ କରୁଥିବାର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଖବର ପାଇବା ପରେ ଏସ୍.ଡି.ଏମ.ଓ ସରୋଜିନୀ ପ୍ରଧାନ ଙ୍କ ସହ କଥା ହୋଇ ଚିକିତ୍ସା ପାଇଁ ଯାହା ଆବଶ୍ୟକ ପଦକ୍ଷେପ ନେବାକୁ ଓ ଅନ୍ୟ କୌଣସି ହସ୍ପିଟାଲ କୁ ଯଦି ସ୍ଥାନାନ୍ତର କରାଯିବ ତେବେ ଡାକ୍ତରଖାନା ପକ୍ଷରୁ ଜଣେ ଆଟେଣ୍ଡେଣ୍ଟକୁ ପଠାଅ ଏବଂ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ନୀଳଗିରି ଗୋପିନାଥପୁର ଅଞ୍ଚଳର ସ୍ୱେଛାସେବୀ ସଂଗଠନ ମହାବୀର ଫାଉଣ୍ଡେସନ କର୍ମକର୍ତ୍ତାମାନେ ମେଡିକାଲରେ ପହଞ୍ଚି ପାଖରେ ରହି ସେବା ଶୁଶ୍ରୁଷା କରିଥିଲେ। ସୋମବାର ସକାଳେ ନୀଳଗିରି ଟ୍ରକ ଏସୋସିଏସନ ପକ୍ଷରୁ ଶିଶିର କୁମାର ରାଉତ, ମାନସ ବାରିକ ମେଡିକାଲରେ ପହଞ୍ଚି ତିଳୋତ୍ତମାର ଅବସ୍ଥା ବିଷୟରେ ପଚାରି ବୁଝିଥିଲେ ଆବଶ୍ୟକ ସ୍ଥଳେ ଡାକ୍ତର ଜଦି ପ୍ଲାଷ୍ଟିକ ସର୍ଜରି ପାଇଁ ପରାମର୍ଶ ଦିଅନ୍ତି ତାହେଲେ ଏସୋସିଏସନ ପକ୍ଷରୁ ପ୍ଲାଷ୍ଟିକ ସର୍ଜରୀର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଘୋଷଣା କରିଥିଲେ। ପରେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ମେଡିକାଲରେ ପହଞ୍ଚି ତିଳୋତ୍ତମାର ଅବସ୍ଥା ବିଷୟରେ ପଚାରି ବୁଝିଥିଲେ।

## କୁମାରପୂର୍ଣ୍ଣିମା

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ କୁମାରପୂର୍ଣ୍ଣିମା ପର୍ବ ସୋମବାର କୁମାରୀକନ୍ୟାମାନେ ପାଳନ କରିଛନ୍ତି। ଏଥିପାଇଁ ଘର ଅଗଣାରେ ଥିବା ତୁଳସୀ ଚଉରାକୁ ସଜାଇ ଆକର୍ଷଣୀୟ ରୂପ ଦିଆଯାଇଥିଲା। ଜହ୍ନି ଓ ନାଲି, ନୀଳ ଓ ଧଳା ରଙ୍ଗର କଇଁ ଆଦି ଫୁଲରେ ଚଉରାକୁ ସଜ୍ଜିତ କରିଥିଲେ। କୁମାରୀ କନ୍ୟାମାନେ ଦିନ ତମାମ ଉପାସ ରହି ସନ୍ଧ୍ୟାରେ ନବବସ୍ତ୍ର ପରିଧାନ କରି କଳସ ପୂଜା ସହ ନବଉଦିତ ଜହ୍ନମାମୁଁଙ୍କୁ ଆବାହନ କରି ପୂଜାର୍ଚ୍ଚନା କରିଥିଲେ। ଖଇ, ତାଳଗଜା ମିଶ୍ରିତ ଭୋଗରେ ଚନ୍ଦ୍ରାକୃତି କରାଯାଇ ଜହ୍ନମାମୁଁଙ୍କ ବନ୍ଦାପନା ସହ ମଣ୍ଡାପିଠା ଭୋଗ ଲାଗି କରାଯାଇଥିଲା। କୁମାର ପୂର୍ଣ୍ଣମା ସଙ୍ଗୀତ ଗାନ ସହ କୁଆଁରୀମାନେ ନଗରଭ୍ରମଣ କରି ଉତ୍ସବ ପାଳନ କରିଥିଲେ।

## ଶୌଚାଳୟରେ କନ୍ୟାସନ୍ତାନ ପ୍ରସବ କଲେ ଯୁକ୍ତ ୨ଛାତ୍ରୀ

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନର ଜଣୈକା ନାବାଳିକା ଛାତ୍ରୀ ବେତନଟୀ ଡାକ୍ତରଖାନାରେ ସୋମବାର ଅପରାହ୍ନରେ କନ୍ୟାସନ୍ତାନ ପ୍ରସବ କରିଥିବା ବେଳେ ଗୁରୁତର ନବଜାତକଙ୍କ ସମେତ କୁଆଁରୀ ମା'କୁ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନା ସ୍ଥିତ ଏସଏନସିୟୁକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରାପ୍ତ ସୂଚନା ମୁତାବକ ବୈଶିଙ୍ଗା ଥାନା ଇଲାକାର ଜଣୈକା ନାବାଳିକା ଛାତ୍ରୀ ବେତନଟୀର ଏକ ଘରୋଇ ଛାତ୍ରୀନିବାସରେ ରହି ଯୁକ୍ତଦୁଇ ପାଠ ପଢୁଥିଲେ । ତେବେ ସୋମବାର ତାଙ୍କ ଶରୀର ଅସୁସ୍ଥ ହେବାରୁ ତାଙ୍କୁ ସଙ୍ଗେସଙ୍ଗେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯିବା ସହିତ ଘର ଲୋକଙ୍କୁ ଖବର ଦିଆଯାଇଥିଲା । ଗୁରୁତର ନାବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସଙ୍ଗେ ସଙ୍ଗେ ଡାକ୍ତରଖାନା ପକ୍ଷରୁ ଆବଶ୍ୟକ ଔଷଧ ମଧ୍ୟ ଦିଆଯାଇଥିଲା । ଏହାପରେ ପୀଡିତା ଜଣକ ବେତନଟୀ ଡାକ୍ତରଖାନା ଶୌଚାଳୟକୁ ପରିଶ୍ରା କରିବାକୁ ଯାଇଥିବା ବେଳେ ସେଠାରେ କନ୍ୟାସନ୍ତାନ ପ୍ରସବ କରିଥିଲେ । ନବଜାତକର ଓଜନ ଏକ କିଲୋଗ୍ରାମ ଅଢେଇଶହ ଗ୍ରାମ ହୋଇଥିବା ବେଳେ ପୀଡିତା ୬ମାସର ଗର୍ଭବତୀ ହୋଇଥିବା ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ଅନୁମାନ କରୁଛନ୍ତି । ଖବରପାଇ ଘରଲୋକେ ବେତନଟୀ ଡକ୍ତରଖାନାରେ ପହଞ୍ଚିଥିଲେ ତେବେ ନବଜାତକ ଶିଶୁ ସ୍ୱଭାବିକ ଠାରୁ ଯଥେଷ୍ଟ କମ ଓଜନର ଏବଂ ପ୍ରସବ ପାଇଁ ଧାର୍ଯ୍ୟ ସ୍ୱଭାବିକ ସମୟର ଯଥେଷ୍ଟ ପୂର୍ବରୁ ପ୍ରସବ ହୋଇଥିବାରୁ ଗୁରୁତର ନବଜାତକଙ୍କ ସମେତ ନାବାଳିକା ମା'କୁ ସଙ୍ଗେସଙ୍ଗେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଗୁରୁତର ନବଜାତ ଶିଶୁକନ୍ୟାକୁ ଏସଏନସିୟୁରେ ରଖାଯାଇଥିବା ବେଳେ ନାବାଳିକା ମା' ମଧ୍ୟ ସେଠାରେ ଚିକିତ୍ସାଧୀନ ରହିଛନ୍ତି । ଏନେଇ ବେତନଟୀ ଡାକ୍ତରଖାନା ପକ୍ଷରୁ ଡ. ବର୍ଷା ପ୍ରିୟଦର୍ଶିନୀ ଜେନା ବେତନଟୀ ଥାନାକୁ ଲିଖିତ ଭାବରେ ଅବଗତ କରାଇଥିବା ବେଳେ ଏକ ସମ୍ବେଦନଶୀଳ ଘଟଣାକୁ ନେଇ ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ଅତ୍ୟନ୍ତ ସତର୍କତାର ସହିତ ତଦନ୍ତ ଆରମ୍ଭ କରିଛନ୍ତି।

## ଓଟିଏନ ଟିଭି ସମ୍ପାଦକ ସତ୍ୟ ଦାସଙ୍କୁ ଥାନା ପକ୍ଷରୁ ସମ୍ବର୍ଦ୍ଧନା




ଆନନ୍ଦପୁର, (ସବ୍ୟୁ): ପ୍ରତିବର୍ଷ ପରି ଏବର୍ଷ ମଧ ଆନନ୍ଦପୁର ଥାନା ପରିସରରେ ଥାନା ଅଧିକାରୀ ଫର୍ନେନ୍ଦ୍ର ନାୟକ ଙ୍କ ପୌରହିତ୍ୟରେ ମା ଦୁର୍ଗାଙ୍କ ପୂଜା ରୀତିନୀତି ଅନୁଯାଇ ସମ୍ପର୍ଣ୍ଣ ହୋଇଯାଇଛି । ଆନନ୍ଦପୁର ଉପଖଣ୍ଡରୁ ବହୁ ବିଶିଷ୍ଟ ବ୍ୟକ୍ତି ତଥା ଆମ ପୋଲିସ ସମିତିର ସମସ୍ତ ସଦସ୍ୟ. ଆନନ୍ଦପୁର ଥାନାରେ କାର୍ଯ୍ୟରତ ସମସ୍ତ ଅଧନସ୍ତ କର୍ମଚାରୀ ଏବଂ ତାଙ୍କ ପରିବାରର ସମସ୍ତ ବ୍ୟକ୍ତି ବିଶେଷଙ୍କୁ ନେଇ ଶାରଦୀୟ ଦୁର୍ଗାପୂଜା ସମାହିତ ହୋଇଥିଲା। ପୋଲିସଙ୍କ ସହ ସୁସମ୍ପର୍କ ତଥା ସମାଜସେବା କାର୍ଯ୍ୟରେ ଅନେକ ସମୟରେ ପୋଲିସଙ୍କୁ ସହଯୋଗ କରୁଥିବାରୁ ଥାନା ଅଧିକାରୀ ଫର୍ନେନ୍ଦ୍ର ନାୟକ ଏବଂ ଅନ୍ୟ କର୍ମଚାରୀ ଙ୍କ ଉପସ୍ଥିତ ରେ ସତ୍ୟ ପତ୍ର ଖବର କାଗଜ ତଥା ଓଟି ଏନ ଟିଭି ର ସମ୍ପାଦକ ସତ୍ୟ ରଞ୍ଜନ ଦାସଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଏଫଏମ୍ସି. ଆଲୁମିନି-୧୯୭୮ବ୍ୟାଚ ବନ୍ଧୁମିଳନ



ବାଲେଶ୍ୱର,(ସବ୍ୟୁ): ସ୍ଥାନୀୟ ହୋଟେଲ ହରିପ୍ଲାଜା ସମ୍ମିଳନୀ କକ୍ଷଠାରେ ଏଫଏମ୍ସି ଆଲୁମିନି-୧୯୭୮ବ୍ୟାଚ୍ର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠାନର ଆବାହକ ଡ଼ମ୍ବରୁଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ୧୯୭୮ ମସିହାରେ ଫକୀରମୋହନ କଲେଜକୁ ପ୍ରବେଶ କରିଥିବା ତତ୍କାଳୀନ ଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅତୀତର ସ୍ମୃତି ରୋମନ୍ଥନ କରିଥିଲେ । ପ୍ରାରମ୍ଭରେ ସଂଗଠନର ସଦସ୍ୟ ଇଂ ଗୋପୀନାଥ ରଣା ଏବଂ କମଳଲୋଚନ ପଢିଆରୀଙ୍କ ଅକାଳ ବିୟୋଗରେ ଏକ ଶୋକ ପ୍ରସ୍ତାବ ଗ୍ରହଣ କରାଯାଇ ଦୁଇ ଦିବଂଗତ ବନ୍ଧୁଙ୍କ ପାଇଁ ସ୍ମୃତିଚାରଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ପ୍ରଣବ ମହାପାତ୍ର, ଚିତ୍ତରଂଜନ ସାମନ୍ତ, ବିଶ୍ୱରଂଜନ ଦାସ, ଦୀପକ କୁମାର ଦାଶ, ବ୍ରଜମୋହନ ଦାଶ, ରବି ପଟ୍ଟନାୟକ, ସନତ କୁମାର ବାରିକ, ସୁଧାମୟ ଦାସ, ସୁଭେନ୍ଦୁ କୁମାର ଚାନ୍ଦ,କୁମୁଦ ରଂଜନ ପତି, ସୁବ୍ରତ ନାୟକ, ସୁବୋଧ କୁମାର କର, ମନୋଜ କୁମାର ଦାସ, ବୀରେନ୍ଦ୍ର ବେହେରା, ଅରୁପ କୁମାର ଦାସ,ଅଜୟ ମହାନ୍ତି, ପ୍ରଦୀପ ପଣ୍ଡା, ଗଗନ ବିହାରୀ ମହାନ୍ତି, ସତ୍ୟବ୍ରତ ରାୟ ଏବଂ ରଂଜନ ବାଗ ପ୍ରମୁଖ ପୁରାତନ ଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଂଗଠନକୁ ଆହୁରି ଶାଣିତ ଏବଂ ଶକ୍ତିଶାଳୀ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ଶେଷରେ ସମ୍ପାଦକ ବିଜୟ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱ ଖାଦ୍ୟ ପ୍ରଦର୍ଶନୀରେ ଆକ୍ୱାଫେୟାରର ଶୁଭାରମ୍ଭ



ବାଲେଶ୍ୱର,(ସବ୍ୟୁ): ନିକଟରେ ନୂଆଦିଲ୍ଲୀ ପ୍ରଗତି ମଇଦାନ ଠାରେ ଅନୁଷ୍ଠିତ ବିଶ୍ୱ ଖାଦ୍ୟ ପ୍ରଦର୍ଶନୀରେ ବାଲେଶ୍ୱର ର ହାଇଲ୍ୟାଣ୍ଡ ଗ୍ରୁପ ଓ ବିଶ୍ୱ ଖୁଚୁରା ବ୍ୟବସାୟର ଅନ୍ୟତମ ଅଗ୍ରଣୀ ଲୁଲୁ ଗ୍ରୁପ ସହଭାଗୀତାରେ ଏକ ସ୍ୱତନ୍ତ୍ର ସାମୁଦ୍ରିକ ଖାଦ୍ୟ ବ୍ରାଣ୍ଡ ଆକ୍ୱା ଫେୟାର ଶୁଭାରମ୍ଭ କରାଯାଇଛି । ଏଥି ସହିତ ମଧ୍ୟପ୍ରାଚ୍ୟରେ ଥିବା ଲୁଲୁ ଗ୍ରୁପର ମଲ୍ ଗୁଡ଼ିକୁ ମଧ ପ୍ରଥମ ଥର ପାଇଁ ଏହି ପ୍ରିମିୟମ୍ ବ୍ରାଣ୍ଡ ଚିଙ୍ଗୁଡ଼ିକୁ ପ୍ରେରଣ କରାଯାଇଛି । ଯାହାକି ଭାରତର ସାମୁଦ୍ରିକ ଖାଦ୍ୟ ଶିଳ୍ପ ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ପାଇଁ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଏଥିସହିତ ଉଚ୍ଚମାନର ଜଳ କୃଷିଜାତ ଖାଦ୍ୟ ଉତ୍ପାଦନ କରୁଥିବା ରାଜ୍ୟ ମାନଙ୍କ ଭିତରେ ଆମ ରାଜ୍ୟ ଓଡ଼ିଶା ଏକ ପ୍ରମୁଖ କେନ୍ଦ୍ର ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି। ଏହି ଅବସରରେ ଲୁଲୁ ଗ୍ରୁପର ଅଧ୍ୟକ୍ଷ ଏମ୍.ଏ. ୟୁସୁଫ ଅଲ୍ଲି କହିଛନ୍ତି, ମଧ୍ୟପ୍ରାଚ୍ୟ ଏବଂ ଭାରତୀୟ ଗ୍ରାହକମାନଙ୍କୁ ସ୍ଥାୟୀ ଭାବରେ ସାମୁଦ୍ରିକ ଖାଦ୍ୟ ଯୋଗାଇବା ଆମର ଲକ୍ଷ୍ୟ ଅଟେ। ସେହିଭଳି ହାଇଲାଣ୍ଡ ଗ୍ରୁପର ଚେୟାରମେନ ରବୀନ୍ଦ୍ର କୁମାର ଜେନା କହିଛନ୍ତି, ଆକ୍ୱା ଫେୟାରର ଶୁଭାରମ୍ଭ ଏବଂ ଏହି ପ୍ରିମିୟମ୍ ଚିଙ୍ଗୁଡ଼ିର ମଧ୍ୟପ୍ରାଚ୍ୟ ଲୁଲୁ ମଲ୍ ଗୁଡିକୁ ପ୍ରଥମ ରପ୍ତାନୀ, ହାଇଲ୍ୟାଣ୍ଡ ସହିତ ଆମ ରାଜ୍ୟର ସଫଳତାରେ ଏକ ମାଇଲଖୁଣ୍ଟ ସଦୃଶ ଓ ଲୁଲୁ ଗ୍ରୁପ ସହିତ ଏହି ସହଭାଗୀତା ବିଶ୍ୱ ବଜାରରେ ସର୍ବୋତ୍ତମ ଭାରତୀୟ ସାମୁଦ୍ରିକ ଖାଦ୍ୟ ପହଞ୍ଚାଇବାରେ ଆମର ଲକ୍ଷ୍ୟକୁ ଆହୁରି ସୁଦୃଢ଼ କରିବ । ଉଲ୍ଲେଯୋଗ୍ୟ କି ହାଇଲାଣ୍ଡ ଗ୍ରୁପ ତାହାର ସୁବ୍ୟବସ୍ଥିତ ନେଟୱର୍କ ମାଧ୍ୟମରେ ଉନ୍ନତମାନର ଫାର୍ମ ଚିଙ୍ଗୁଡ଼ି ସଂଗ୍ରହ କରି ବାଲେଶ୍ୱରରେ ଥିବା ଅତ୍ୟାଧୁନିକ କେନ୍ଦ୍ରରେ ପ୍ରକ୍ରିୟାକରଣ କରୁଛି ଏବଂ ନିଜ ବ୍ରାଣ୍ଡର ସତେଜତା, ଗୁଣବତ୍ତା ଏବଂ ଅନ୍ତର୍ଜାତୀୟ ଖାଦ୍ୟ-ସୁରକ୍ଷା ମାନଦଣ୍ଡ ପାଳନ କରି ଉଭୟ ମଧ୍ୟପ୍ରାଚ୍ୟର ଗ୍ରାହକ ଏବଂ ଭାରତୀୟ ଖୁଚୁରା ବଜାରକୁ ଖାଦ୍ୟ ଯୋଗାଇବା ପାଇଁ ଲକ୍ଷ୍ୟ ରଖିଛି । ଏହି କାର୍ଯ୍ୟକ୍ରମରେ ଲୁଲୁ ଗ୍ରୁପର ଅଧ୍ୟକ୍ଷ ଏମ.ଏ. ୟୁସୁଫ ଅଲ୍ଲି, ଲୁଲୁ ଗ୍ରୁପର ଗ୍ଲୋବାଲ୍ ଅପରେସନ୍ସ ଗ୍ରୁପ ନିର୍ଦ୍ଦେଶକ ଏମ.ଏ. ସଲିମ୍ ଅଲ୍ଲି, ହାଇଲ୍ୟାଣ୍ଡ ଗ୍ରୁପର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜେନା, ହାଇଲ୍ୟାଣ୍ଡ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ପ୍ରତୀକ ଜେନା, ହାଇଲ୍ୟାଣ୍ଡ ଗ୍ରୁପର ମଧ୍ୟପ୍ରାଚ୍ୟ ଅପରେସନ୍ସ ନିର୍ଦ୍ଦେଶକ ଅନିଲ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

(ଶ୍ରୀମଭଗବଦ୍ ଗୀତା ୧୮/୫୬)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ )

**ସର୍ବକର୍ମାଣ୍ୟପି ସଦା କୁର୍ବାଣୋ ମଦ୍ବ୍ୟପାଶ୍ରୟଃ ।**
**ମତ୍ପ୍ରସାଦାଦବାପ୍ନୋତି ଶାଶ୍ୱତଂ ପଦମବ୍ୟୟମ୍ ॥ ୫୬ ॥**

(ସ୍ୱକର୍ମଭିଃ ପରମେଶ୍ୱରାରାଧନାତ୍ ଉକ୍ତଂ ମୋକ୍ଷପ୍ରକାରଂ ଉପସଂହରତି)– ସଦା ସର୍ବାଣି (ନିତ୍ୟାନି ନୈମିତ୍ତିକାନି କାମ୍ୟାନି ଚ) କର୍ମାଣି (ପୂର୍ବୋକ୍ତ କ୍ରମେଣ) କୁର୍ବାଣଃ ଅପି ମଦ୍ବ୍ୟପାଶ୍ରୟଃ (ମତ୍ପରାୟଣଃ) ମତ୍ପ୍ରସାଦାଦ୍ ଶାଶ୍ୱତଂ (ଅନାଦି) ଅବ୍ୟୟଂ (ନିତ୍ୟଂ ସର୍ବୋତ୍କୃଷ୍ଟଂ) ପଦଂ ଅବାପ୍ନୋତି ( ପ୍ରାପ୍ନୋତି) ॥ ୫୬॥

# ଅଶାନ୍ତ କଟକରେ ସଦ୍‌ଭାବ ଫେରି ଆସୁ

ସହସ୍ରାଧିକ ବର୍ଷର ସହର ତଥା ଓଡ଼ିଶାର ପୁରାତନ ରାଜଧାନୀ, ଐତିହାସିକ କଟକ ସହରରେ ବିଭିନ୍ନ ଲୋକଙ୍କ ମଧ୍ୟରେ ଗୁଜବ ଓ ମିଥ୍ୟା ପ୍ରଚାରକୁ କେନ୍ଦ୍ର କରି ଅସ୍ୱାଭାବିକ ଓ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବା ପ୍ରକୃତରେ ଦୁର୍ଭାଗ୍ୟଜନକ । କଟକ ମହାନଗର ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ ଗତ ୬ ଅକ୍ଟୋବର (୨୦୨୫)ରେ 'କଟକ ବନ୍ଦ' ପାଇଁ ଡାକରା ଦେଇଥିଲେ । ଗତ ଦୁର୍ଗା ମେଢ଼ ଭସାଣୀ ଉତ୍ସବ ଚାଲିଥିଲା ବେଳେ ଦୁର୍ଗା ପ୍ରତିମା ଓ ଶୋଭାଯାତ୍ରାକାରୀଙ୍କ ଉପରେ ଢେଲା ପଥର ଓ ମାରଣାସ୍ତ୍ରଦ୍ୱାରା କେତେକ ଅସାମାଜିକ ବ୍ୟକ୍ତି ଆକ୍ରମଣ କରିଥିବା ଘଟଣା ଉପରେ ବିଶ୍ୱ ହିନ୍ଦୁ ପରିଷଦ ଅଭିଯୋଗ କରିବା ସହିତ ଗୁରୁତର ଭାବେ ଆହତ ହୋଇଥିବା ନୀରିହ ଲୋକଙ୍କ ସମେତ ଜଣେ ଡିସିପି ଓ ଅନ୍ୟ କେତେକ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି ବୋଲି ଏକ ବିବୃତିରେ ସେମାନେ ପ୍ରକାଶ କରିଛନ୍ତି । ସେହି ଅସାମାଜିକ ବ୍ୟକ୍ତିଙ୍କୁ ବିଶ୍ୱ ହିନ୍ଦୁ ପରିଷଦ ବିଧର୍ମୀ ବୋଲି କହିଛି । କଟକର ଭାଗବତ କମିଟି ଝାଞ୍ଜିରିମଙ୍ଗଳା ତଥା ରାଉସାପାଟଣା ମେଢ଼ ଉପରେ ଏପରି ଆକ୍ରମଣ ହୋଇଥିବା ଓ କେତେଜଣ ଆହତ ହୋଇଥିବା ଘଟଣାରେ ବିଶ୍ୱ ହିନ୍ଦୁ ପରିଷଦ ପ୍ରତିକ୍ରିୟା ପ୍ରକାଶ କରିଛି । କିନ୍ତୁ ଭାଇଚାରାର ସହର କଟକରେ ଯେଉଁଠି ବିଭିନ୍ନ ସଂପ୍ରଦାୟର ମିଳିତ ସହଯୋଗରେ ଦୁର୍ଗାପୂଜା, କାଳୀ ପୂଜା ଓ ବାଲିଯାତ୍ରା ପ୍ରଭୃତି ଉତ୍ସବ ଶାନ୍ତି ଶୃଙ୍ଖଳାର ସହ କରାଯାଇଥାଏ, ସେଠାରେ ଏ ଅଶାନ୍ତି କାହିଁକି ? ଏପରି ସାଂପ୍ରଦାୟିକ ସଦ୍‌ଭାବ ସେହି ସହରରେ ବିପନ୍ନ ହେବାର କାରଣ କ'ଣ ?

ଅସାମାଜିକ ବ୍ୟକ୍ତିମାନେ ସବୁବେଳେ ବିଭିନ୍ନ ପରିସ୍ଥିତିରେ ଫାଇଦା ଉଠାଇ ଗଣ୍ଡଗୋଳ ଭିଆଇଥା'ନ୍ତି । କଟକରେ ମଧ୍ୟ ସେପରି ହୋଇଥାଏ । ତାହାର କାରଣକୁ ବିଶ୍ଳେଷଣ କଲେ ଜଣା ଯାଇଥାଏ ଯେ ତାହା ସାମାଜିକ ନୁହେଁ, ରାଜନୀତିକ । ଅତୀତରେ ଭି.ପି. ସିଂ ପ୍ରଧାନମନ୍ତ୍ରୀ ଥିଲା ବେଳେ ମଣ୍ଡଳ କମିଶନ– ସୁପାରିଶ କରିବା ପରେ ଦେଶ ବ୍ୟାପି ହିଂସାକାଣ୍ଡ ଓ ଛାତ୍ର ଆନ୍ଦୋଳନ ତେଜି ଉଠିଥିଲା । ସାରା ଦେଶରେ ପ୍ରାୟ ୨୦୦ରୁ ଅଧିକ ଛାତ୍ର ଆତ୍ମାହୁତି ଦେଇଥିଲେ ଓ ପ୍ରାୟ ୬୨ ଜଣ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଚିକିତ୍ସାଧୀନ ଥିଲେ । ୧୯୯୦ ମସିହା ସେପ୍ଟେମ୍ବର ମାସରେ ଏହି ଗଣ୍ଡଗୋଳକୁ ଲକ୍ଷ୍ୟ କରି କଟକରେ ମଧ୍ୟ ଲାଗ ଲାଗ କର୍ଫ୍ୟୁ ଜାରି କରାଯାଇଥିଲା । ଭାରତ ସରକାର ପଛୁଆ ବର୍ଗଙ୍କ ଲାଗି ମଣ୍ଡଳ କମିଶନ ସୁପାରିଶରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସଂସଦରେ ପ୍ରଧାନମନ୍ତ୍ରୀ ଭି.ପି. ସିଂ ୧୯୯୦ ମସିହା ଅଗଷ୍ଟ ୭ ତାରିଖରେ ଘୋଷଣା କରିବାରୁ ସାରା ଦେଶରେ ଓ ଓଡ଼ିଶାରେ ଏହି ପରି ପରିସ୍ଥିତି ଉପୁଜି ଥିଲା । ସେପରି ପରିସ୍ଥିତି ବେଳେ ମଧ୍ୟ କଟକରେ ଅସ୍ୱାଭାବିକ ପରିସ୍ଥିତି ପ୍ରାୟ ଉପୁଜି ନଥିଲା ।

କଟକରୁ ଭୁବନେଶ୍ୱରକୁ ରାଜଧାନୀ ସ୍ଥାନାନ୍ତରିତ ହୋଇଥିଲେ ମଧ୍ୟ କଟକର ଗୁରୁତ୍ୱ ସେପରି ହ୍ରାସ ପାଇନାହିଁ । ଏବେ ବି 'ଓଡ଼ିଶା ହାଇକୋର୍ଟ' କଟକରେ । ଓଡ଼ିଶାର ସରକାରୀ ବଡ଼ ମେଡିକାଲ କଲେଜ ଓ ହସ୍‌ପିଟାଲ କଟକରେ । ଓଡ଼ିଶା ପୋଲିସର ମୁଖ୍ୟାଳୟ ମଧ୍ୟ କଟକରେ । କଟକର ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିୟାନଙ୍କ ସମେତ ଜୈନଧର୍ମୀ ଓ ଅନ୍ୟାନ୍ୟ ସଂପ୍ରଦାୟର ଲୋକେ ମିଳିମିଶି ନିଜ ନିଜର ପୂଜା ଓ ଉତ୍ସବ ପାଳନ କରିଥାନ୍ତି । ତେଣୁ ସାମାଜିକ ଗଣମାଧ୍ୟମ ଜରିଆରେ ଅପପ୍ରଚାର ଓ ଗୁଜବ ରଟନା କରି କଟକର ଭାଇଚାରାକୁ ନଷ୍ଟ କରାଯିବା ଅନୁଚିତ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ହଜାର ବର୍ଷର ପୁରାତନ କଟକ ସହର ଯେଉଁଠି ଭାଇଚାରା ଅନନ୍ୟ ନିଦର୍ଶନ ହୋଇ ରହିଛି, ସେଠାରେ କେତେଜଣ ବିଶୃଙ୍ଖଳା ଭିଆଇ ଶାନ୍ତିଭଙ୍ଗ ପାଇଁ ଉଦ୍ୟମ କରୁଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି । କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘ ଏଗାର ବର୍ଷର ଶାସନ କାଳ ମଧ୍ୟରେ କେବେ ସାଂପ୍ରଦାୟିକ ଦଙ୍ଗା ମୁଣ୍ଡ ଟେକି ନାହିଁ । ତେଣୁ କଟକରେ ରାଜ୍ୟ ସରକାରଙ୍କୁ ଅଯଥା ବଦନାମ କରିବାକୁ ଏପରି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇ ଥାଇପାରେ । କେହି କେହି ଏପରି ପରିସ୍ଥିତି ପାଇଁ କେତେକ ରାଜନୀତିକ ଦଳଙ୍କୁ ମଧ୍ୟ ଦାୟୀ କରୁଛନ୍ତି । ମାତ୍ର ସେ ଦିଗରେ ମଧ୍ୟ ତଦନ୍ତ କରାଯିବା ଆବଶ୍ୟକ । ଅପରପକ୍ଷରେ ଶାନ୍ତି କମିଟିକୁ ମଧ୍ୟ ରାଜ୍ୟ ସରକାର ଗୁରୁତ୍ୱ ଦେବା ଦରକାର । ବଛା ବଛା ବରିଷ୍ଠ ନାଗରିକଙ୍କୁ ନେଇ ପୋଲିସ ବୈଠକ କରିବା ଆବଶ୍ୟକ । କଟକର ମୁରବୀମାନେ ଶାନ୍ତିରକ୍ଷା ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥା'ନ୍ତି । ସେମାନଙ୍କୁ ସରକାର ଧ୍ୟାନ ଦେଇ ଶୁଣିବା ମଧ୍ୟ ଦରକାର । ମା' କଟକଚଣ୍ଡୀଙ୍କ ଆଶୀର୍ବାଦରୁ କଟକରେ ଶାନ୍ତି ଓ ସଦ୍‌ଭାବ ଫେରି ଆସୁ । ଏହା ହିଁ ତାଙ୍କ ନିକଟରେ ସମସ୍ତେ ପ୍ରାର୍ଥନା କରନ୍ତୁ ।


## ଗୁରୁଦେବ

**ହେ ମୋର ପୂଜ୍ୟ ଗୁରୁଦେବ ! ତୁମେ ନଭୋମଣ୍ଡଳରେ ଦୀପ୍ତିମନ୍ତ ସୂର୍ଯ୍ୟ, ମୁଁ ତାହାର ଆଲୋକ । ତୁମେ ମୋ ପାଇଁ ହିମାଳୟରୁ ପ୍ରବାହିତ ପବିତ୍ର ଗଙ୍ଗା, ମୁଁ ତାହାର ସ୍ୱଚ୍ଛ ଧାରା । ତୁମେ ଦିଗନ୍ତବିସ୍ତାରୀ ପ୍ରକୃତି, ମୁଁ ତାହାର ସୌନ୍ଦର୍ଯ୍ୟ । ହେ ମୋର ଗୁରୁଦେବ ! ମୁ ତୁମର ଶ୍ରୀଚରଣରେ ନତମସ୍ତକ ହେଉଅଛି, ତୁମେ ତୁମ ଚରଣ କମଳ ତଳେ ମୋତେ ସର୍ବଦା ରଖିଥାଅ ଓ ସଦା କୃପାବାରି ମୋ ଉପରେ ବର୍ଷା କରୁଥାଅ ।**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ସ୍ଥାୟୀ ପର୍ଯ୍ୟଟନର ସହଭାଗୀ ସମୃଦ୍ଧି



**ଗଜେନ୍ଦ୍ର ସିଂହ ଶେଖାୱତ**
**ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ, ଭାରତ ସରକାର**

ପର୍ଯ୍ୟଟନ କହିଲେ କେବଳ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଭ୍ରମଣ କରିବାକୁ ବୁଝାଏ ନାହିଁ, ଏହା ଏଭଳି ଏକ ସେତୁ ଯାହା ଲୋକମାନଙ୍କୁ ପରସ୍ପର ସହିତ ସଂଯୋଗ କରିଥାଏ । ଏହା ନିଯୁକ୍ତିର ଉତ୍ସ ଏବଂ ବିଶ୍ୱ ନିକଟରେ ଆମର ସଂସ୍କୃତି ଓ ଐତିହ୍ୟକୁ ପ୍ରଦର୍ଶନ କରିବାର ଏକ ବଳିଷ୍ଠ ମାଧ୍ୟମ ବୋଲି କୁହାଯାଇପାରେ । ପର୍ଯ୍ୟଟନ ଏବଂ ସ୍ଥାୟୀ ପରିବର୍ତ୍ତନ ପାଇଁ ଉତ୍ସର୍ଗୀକୃତ ଏହି ବିଶ୍ୱ ପର୍ଯ୍ୟଟନ ଦିବସରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ପର୍ଯ୍ୟଟନ ଯାତ୍ରାକୁ କିପରି ପୁନଃଆକୃତି ଦିଆଯାଇଛି ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ । ଯାହା ଏକଦା ଏକ ଋତୁକାଳୀନ ଏବଂ ଖଣ୍ଡିତ କ୍ଷେତ୍ର ଭାବରେ ପରିଚିତ ଥିଲା, ତାହା ବର୍ତ୍ତମାନ ଯୋଜନାବଦ୍ଧ ଭାବରେ, ସମାବେଶୀ ଓ ନିରନ୍ତର ଜାତୀୟ ବିକାଶର ଏକ ପ୍ରମୁଖ ସାଧନରେ ପରିଣତ ହୋଇଛି ।

ଏହି ପରିବର୍ତ୍ତନକୁ ଆମେ କେବଳ କାଳ୍ପନିକ ବୋଲି ଭାବିବା ଉଚିତ ନୁହେଁ ବରଂ ଲୋକମାନଙ୍କ ଜୀବନରେ ଏହାର ପ୍ରଭାବ କେତେ ମାତ୍ରାରେ ପ୍ରତିଫଳିତ ହୋଇଛି ତାହା ଦୃଶ୍ୟମାନ । **ଚଳିତ ବର୍ଷ ଜୁନ୍ ମାସ ଶେଷ ସୁଦ୍ଧା ଭାରତକୁ ଆଗମନ କରିଥିବା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୧୬ ଲକ୍ଷ ୫୦ ହଜାର ଛୁଇଁଛି । ସେହିଭଳି ବିଦେଶକୁ ଯାତ୍ରା କରୁଥିବା ଭାରତୀୟଙ୍କ ସଂଖ୍ୟା ୮୪ ଲକ୍ଷ ୪୦ ହଜାର ଛୁଇଁ, ପର୍ଯ୍ୟଟନ କ୍ଷେତ୍ରରୁ ବିଦେଶୀ ମୁଦ୍ରା ଉପାର୍ଜନ ୫୧,୫୩୨ କୋଟିରେ ପହଞ୍ଚିଛି । କେବଳ ୨୦୨୩–୨୪ ମସିହାରେ ଏହି କ୍ଷେତ୍ର ଦେଶର ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.)କୁ ୧୫.୭୩ ଲକ୍ଷ କୋଟି ଟଙ୍କାର ଯୋଗଦାନ କରିବ, ଯାହାକି ଅର୍ଥନୀତିର ପାଞ୍ଚ ପ୍ରତିଶତରୁ ଅଧିକ ବୋଲି ବିବେଚନା କରାଯାଇପାରେ ଏବଂ ଏହା ୮୪ ନିୟୁତରୁ ଅଧିକ ଲୋକଙ୍କ ନିଯୁକ୍ତିକୁ ସମର୍ଥନ ଯୋଗାଇବ । ଏଭଳି ବିପୁଳ ମାତ୍ରାର ପର୍ଯ୍ୟଟକଙ୍କ ଆଗମନ ଯୋଗୁଁ ଦେଶର କାରିଗରମାନଙ୍କ ନିମନ୍ତେ ନୂଆ ନୂଆ ବଜାରମାନ ଖୋଲିବ, ସେମାନଙ୍କ ପରିବାରର ସଦସ୍ୟମାନେ ଆର୍ଥିକ ସ୍ୱଚ୍ଛଳତା ଯୋଗୁଁ ନିଜ ଘରେ ଅବସ୍ଥାନ କରିବା ଏବଂ ଗାଇଡ, ଡ୍ରାଇଭର ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କ ନିମନ୍ତେ ଏକ ସ୍ଥିର କାର୍ଯ୍ୟ ଓ ଚାହିଦା ମଧ୍ୟ ସୃଷ୍ଟି ହୋଇପାରିବ ।**

ଏଭଳି ପ୍ରଗତିର କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ବିଶ୍ୱାସ ଯେ, ପର୍ଯ୍ୟଟନକୁ ଜାତୀୟ ପ୍ରାଥମିକତା ପ୍ରଦାନ କରାଯିବା ଉଚିତ, ଏହାକୁ ଏକ ପାର୍ଶ୍ୱବର୍ତ୍ତୀ କାର୍ଯ୍ୟ ଭାବରେ ବିବେଚନା କରାଯାଇ ପାରିବ ନାହିଁ । ଦେଶରେ ସ୍ଥାପନ କରାଯାଉଥିବା ନୂଆ ନୂଆ ବିମାନ ବନ୍ଦର, ଏକ ଅତ୍ୟାଧୁନିକ ରେଳ ନେଟୱାର୍କ, ନବନିର୍ମିତ ରାଜପଥ ଏବଂ ଆଭ୍ୟନ୍ତରୀଣ ଜଳପଥ ମାଧ୍ୟମରେ ଭିତ୍ତିଭୂମି କ୍ଷେତ୍ର ଏବଂ ସଂଯୋଗୀକରଣକୁ ପର୍ଯ୍ୟାପ୍ତ ମାତ୍ରାରେ ବିକାଶ କରାଯାଇଛି । 'ଉଡାନ ଯୋଜନା' ମାଧ୍ୟମରେ ବିମାନ ଯାତ୍ରାକୁ ଦେଶର ଛୋଟ ଛୋଟ ସହରମାନଙ୍କ ନିକଟରେ ମଧ୍ୟ ପହଞ୍ଚାଯାଇଛି । ଐତିହ୍ୟ ସ୍ଥଳୀ ଏବଂ ତୀର୍ଥସ୍ଥାନ ସହିତ ଉନ୍ନତ ସଂଯୋଗୀକରଣ ଦୂରତା ଅଥବା ଅର୍ଥ ଯୋଗୁଁ ପୂର୍ବରୁ ପର୍ଯ୍ୟଟନରୁ ବଞ୍ଚିତ ହୋଇଥିବା ଲକ୍ଷ ଲକ୍ଷ ଲୋକଙ୍କ ନିମନ୍ତେ ବର୍ତ୍ତମାନ ଏପରି ଯାତ୍ରାକୁ ସମ୍ଭବ କରିଛି । ପର୍ଯ୍ୟଟନ କେବଳ ସହରାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ଏକ ବିଳାସର କାର୍ଯ୍ୟ ନୁହେଁ, ଏହା ସନ୍ତୁଳିତ କ୍ଷେତ୍ରୀୟ ବିକାଶ ନିମନ୍ତେ ମଧ୍ୟ ଏକ ବାହକର ଭୂମିକା ନିର୍ବାହ କରୁଛି ।

ଏହି ଦୃଷ୍ଟିକୋଣ ଦ୍ୱାରା ଗନ୍ତବ୍ୟସ୍ଥଳ ବିକାଶ ମଧ୍ୟ ପରିଚାଳିତ ହୋଇଛି । ସ୍ୱଦେଶ ଦର୍ଶନ ୨.୦ ଏବଂ ପ୍ରସାଦ ଭଳି କାର୍ଯ୍ୟକ୍ରମ ସ୍ଥାୟୀତ୍ୱ ଏବଂ ସାଂସ୍କୃତିକ ଅଖଣ୍ଡତାକୁ ସେମାନଙ୍କର ମୂଳରେ ସ୍ଥାନିତ କରେ । ଗନ୍ତବ୍ୟସ୍ଥଳ ପରିଚାଳନା ସଂଗଠନର ପ୍ରଚଳନ ସରକାର, ଘରୋଇ କ୍ଷେତ୍ର ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ଏକତ୍ର କରିଛି ଯାହା ପରିବେଶର କିଛି କ୍ଷତି ନଘଟେ ତାହା ସୁନିଶ୍ଚିତ ହୋଇପାରିଛି । ଏହା ପର୍ଯ୍ୟଟନକୁ ବୃଦ୍ଧି କରି ଏକଥା ସୁନିଶ୍ଚିତ କରିବା ଉପରେ ମଧ୍ୟ ଧ୍ୟାନ କେନ୍ଦ୍ରିତ କରିଛି ଯେ, ପ୍ରକୃତି ଓ ପର୍ଯ୍ୟଟକ ପରସ୍ପରର ପରିପୂରକ ଏବଂ ସହାୟକ ହୋଇ ରହିପାରିବେ । ଭାରତର ଜି–୨୦ ଅଧ୍ୟକ୍ଷତା ଅବସରରେ ବିଶ୍ୱ ପର୍ଯ୍ୟଟନକୁ ସ୍ଥାୟୀ ବିକାଶ ଲକ୍ଷ୍ୟ ସହିତ ଯୋଡ଼ିବା ନିମନ୍ତେ 'ଗୋଆ ରୋଡମ୍ୟାପ୍'କୁ ଆଗକୁ ଆଗେଇ ନିଆଯାଇଥିଲା, ଯାହା ସବୁଜ ଅଭିବୃଦ୍ଧି, ଦକ୍ଷତା ବିକାଶ, ଡିଜିଟାଇଜେସନ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.)ଗୁଡ଼ିକୁ ସମର୍ଥନ ପ୍ରଦାନ ନିମନ୍ତେ ବୈଷୟିକ ଆଲୋଚନାର କେନ୍ଦ୍ରରେ ଉପସ୍ଥାପନ କରିଥିଲା ।

ଅଧିକ ସଂଖ୍ୟକ ଯାତ୍ରୀଙ୍କ ଆଗମନ ଅର୍ଥ ହେଉଛି ହୋଟେଲମାନଙ୍କରେ ଅଧିକ ଅବସ୍ଥାନ ସୁବିଧା ପ୍ରାପ୍ତି, ସ୍ଥାନୀୟ ସେବା ଓ ଆତିଥ୍ୟର ଚାହିଦା ବୃଦ୍ଧି ଏବଂ କାରିଗର ଓ ଉଦ୍ୟୋଗୀମାନଙ୍କ ପାଇଁ ନୂଆ ନୂଆ ସୁଯୋଗ ସୃଷ୍ଟି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହା ଉପରେ ପ୍ରାଧାନ୍ୟ ଦେଇଛନ୍ତି ଯେ, ସୁଲଭତା କେବଳ ଏକ ଆର୍ଥିକ ସାଧନ ନୁହେଁ, ବରଂ ତାହା ଏକ ଗଣତାନ୍ତ୍ରିକ ସିଦ୍ଧାନ୍ତ ମଧ୍ୟ ।

ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟ ଏହି

> **'ଉଡାନ ଯୋଜନା' ମାଧ୍ୟମରେ ବିମାନ ଯାତ୍ରାକୁ ଦେଶର ଛୋଟ ଛୋଟ ସହରମାନଙ୍କ ନିକଟରେ ମଧ୍ୟ ପହଞ୍ଚାଯାଇଛି । ଐତିହ୍ୟ ସ୍ଥଳୀ ଏବଂ ତୀର୍ଥସ୍ଥାନ ସହିତ ଉନ୍ନତ ସଂଯୋଗୀକରଣ ଦୂରତା ଅଥବା ଅର୍ଥ ଯୋଗୁଁ ପୂର୍ବରୁ ପର୍ଯ୍ୟଟନରୁ ବଞ୍ଚିତ ହୋଇଥିବା ଲକ୍ଷ ଲକ୍ଷ ଲୋକଙ୍କ ନିମନ୍ତେ ବର୍ତ୍ତମାନ ଏପରି ଯାତ୍ରାକୁ ସମ୍ଭବ କରିଛି । ପର୍ଯ୍ୟଟନ କେବଳ ସହରାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ଏକ ବିଳାସର କାର୍ଯ୍ୟ ନୁହେଁ, ଏହା ସନ୍ତୁଳିତ କ୍ଷେତ୍ରୀୟ ବିକାଶ ନିମନ୍ତେ ମଧ୍ୟ ଏକ ବାହକର ଭୂମିକା ନିର୍ବାହ କରୁଛି ।**

ଦ୍ୱାରା ସମ୍ବଳର ଦକ୍ଷ ବ୍ୟବହାର ଏବଂ ଲାଭ ପାଇଁ ସମାନ ପ୍ରବେଶ ସୁନିଶ୍ଚିତ ହୋଇପାରିବ ।

ପ୍ରଧାନମନ୍ତ୍ରୀ, ବିଶ୍ୱ ସମ୍ମୁଖରେ ଭାରତ ନିଜକୁ କିପରି ଉପସ୍ଥାପନ କରେ ସେହି ପ୍ରସଙ୍ଗରେ ଏକ ନୂତନ ଆଭିମୁଖ୍ୟ ପ୍ରଦାନ କରିଛନ୍ତି । ପୁନଃନିର୍ମିତ ଇନକ୍ରେଡିବଲ ଇଣ୍ଡିଆ ପୋର୍ଟାଲ, ବିଶ୍ୱସ୍ତରୀୟ ଯାତ୍ରା ପ୍ଲାଟଫର୍ମ ସହିତ ସହଭାଗୀତା ଏବଂ ଡିଜିଟାଲ କାହାଣୀ କହିବା ନିମନ୍ତେ ନୂଆ ନୂଆ ପଦ୍ଧତିମାନ କ୍ଷୁଦ୍ରତମ ଅପରେଟରମାନଙ୍କୁ ଯଥା, ଗ୍ରାମୀଣ ଆୟୋଜକ, ପରିବାରରେ ରହଣି ଏବଂ ସାଂସ୍କୃତିକ ଉଦ୍ୟୋଗୀମାନଙ୍କୁ ବିଶ୍ୱସ୍ତରୀୟ ଦର୍ଶକମାନଙ୍କ ନିକଟରେ ପହଞ୍ଚାଇବାର ସୁଯୋଗ ପ୍ରଦାନ କରିଛନ୍ତି । ପ୍ରଯୁକ୍ତିବିଦ୍ୟା ବର୍ତ୍ତମାନ କେବଳ ଏକ ପ୍ରଚାର ସର୍ବସ୍ୱ ସାଧନ ହୋଇ ରହିନାହିଁ ବରଂ ତାହା ତଥ୍ୟ– ପରିଚାଳିତ ବ୍ୟବସ୍ଥା ମାଧ୍ୟମରେ ସମ୍ବେଦନଶୀଳ ସ୍ଥାନମାନଙ୍କୁ ସୁରକ୍ଷିତ ରଖିବାର ଏକ ମାଧ୍ୟମରେ ପରିଣତ ହୋଇଛି ।

ଏହା ସତ୍ତ୍ୱେ, ଏହିସବୁ ପରିବର୍ତ୍ତନର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ସ୍ଥିରତା ରକ୍ଷା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ନିଜର ବ୍ୟାପକ ଲାଇଫ୍ ଆନ୍ଦୋଳନ (ପରିବେଶ ପାଇଁ ଜୀବନଶୈଳୀ)କୁ ଆଗକୁ ବାଇଥିଲେ ଯାହା ପର୍ଯ୍ୟଟକମାନଙ୍କୁ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ସହିତ ସଂଯୋଗ କରିଛି । କମ୍ ପ୍ରଭାବଶାଳୀ ଗ୍ରାମୀଣ ଅନୁଭୂତି ଠାରୁ ଆରମ୍ଭ କରି ପରିବେଶଜନିତ ସମ୍ବେଦନଶୀଳ ଭିତ୍ତିଭୂମି ଏବଂ ଦାୟିତ୍ୱପୂର୍ଣ୍ଣ ତୀର୍ଥଯାତ୍ରା ପରିଚାଳନା ପର୍ଯ୍ୟନ୍ତ, ଏଭଳି ଯାତ୍ରାଦ୍ୱାରା ଯେପରି ପ୍ରକୃତି ଓ ସଂରଚନାତ୍ମକ ପରିବର୍ତ୍ତନମାନଙ୍କୁ ଆହୁରି ସୁଦୃଢ଼ କରିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ୧,୦୦୦ ଟଙ୍କାରୁ ୭,୫୦୦ ଟଙ୍କାର ହୋଟେଲ ରୁମ୍ ଉପରେ ବସ୍ତୁ ଓ ସେବା କର ହାରକୁ ହ୍ରାସ କରି ୫ ପ୍ରତିଶତ କରିବା । ଏହା ଦେଶର ମଧ୍ୟବିତ୍ତ ବର୍ଗର ପର୍ଯ୍ୟଟକ ଓ ଯାତ୍ରୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ଏକ ସୁଚିନ୍ତିତ ପଦକ୍ଷେପ ବୋଲି ବିବେଚନା କରାଯାଇପାରେ । ଏହିସବୁ ତୀର୍ଥଯାତ୍ରୀ, ପର୍ଯ୍ୟଟକମାନେ ସପ୍ତାହାନ୍ତ ଯାତ୍ରା ଏବଂ ଗ୍ରାମାଞ୍ଚଳରେ ଅବସ୍ଥାନ ପାଇଁ ପର୍ଯ୍ୟଟନ କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ସମର୍ଥନ ଯୋଗାଏ । ଏହା ସତ୍ୟ ଯେ, ଇନପୁଟ୍ ଟିକସ କ୍ରେଡିଟ୍ ପ୍ରତ୍ୟାହାର ଉପରେ ବର୍ତ୍ତମାନ ବିତର୍କ ଜାରି ରହିଛି ଏବଂ ଏହାର ବ୍ୟାପକ ପ୍ରଭାବ ସ୍ପଷ୍ଟ । ସୁଲଭତା ଅଧିକ ସଂଖ୍ୟକ ଲୋକଙ୍କ ନିମନ୍ତେ ପର୍ଯ୍ୟଟନର ଦ୍ୱାର ଉନ୍ମୋଚନ କରିଛି । ଅଧିକ ସଂଖ୍ୟକ ଯାତ୍ରୀଙ୍କ ଆଗମନ ଅର୍ଥ ହୋଟେଲରେ ଅଧିକ ସଂଖ୍ୟକ ଅତିଥିଙ୍କ ଅବସ୍ଥାନ, ସ୍ଥାନୀୟ ସେବାର ଚାହିଦା ବୃଦ୍ଧି ଏବଂ କାରିଗର ଓ ଉଦ୍ୟୋଗୀମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ ଜୋର ଦେଇ କହିଛନ୍ତି ଯେ ସୁଲଭତା କେବଳ ଆର୍ଥିକ ସାଧନ ନୁହେଁ, ବରଂ ଏକ ଗଣତାନ୍ତ୍ରିକ ସିଦ୍ଧାନ୍ତ ଯାହା ଯାତ୍ରାକୁ କିଛି ଲୋକଙ୍କ ପାଇଁ ସୁବିଧା ବଦଳରେ ସମସ୍ତଙ୍କ ପାଇଁ ଅଧିକାରରେ ପରିଣତ କରିଛି ।

ତଥାପି ପ୍ରଧାନମନ୍ତ୍ରୀ ନିୟମିତ ଭାବେ ଆମମାନଙ୍କୁ ସ୍ମରଣ କରାଇ ଆସୁଛନ୍ତି ଯେ, କେବଳ ନୀତି ପ୍ରଣୟନ ହୋଇଗଲେ ତାହା ପର୍ଯ୍ୟାପ୍ତ ହେବନାହିଁ । ବାସ୍ତବ ପରିବର୍ତ୍ତନ ପାଇଁ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ । ତେଣୁ, ଏହିସବୁ କାର୍ଯ୍ୟକ୍ରମମାନଙ୍କରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ଗାଇଡ ଭାବରେ ପ୍ରଶିକ୍ଷିତ କରାଯିବା ଆବଶ୍ୟକ । ପରିବେଶ ଅନୁକୂଳ ଆତିଥ୍ୟକୁ ମଧ୍ୟ ପ୍ରୋତ୍ସାହିତ କରାଯିବା ଜରୁରୀ । ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବ୍ୟାପକ ବଜାର ପର୍ଯ୍ୟନ୍ତ ପର୍ଯ୍ୟଟକମାନେ କିପରି ପହଞ୍ଚିପାରିବେ, ସେଥିପାଇଁ ସହାୟତା ଯୋଗାଇ ଦିଆଯିବା ବାଞ୍ଛନୀୟ । ଅପରପକ୍ଷରେ ତୀର୍ଥଯାତ୍ରୀ ମାର୍ଗଗୁଡ଼ିକର ପବିତ୍ରତା ରକ୍ଷା ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ଏଭଳି ଦୃଷ୍ଟିରୁ ବିଚାର କଲେ ପର୍ଯ୍ୟଟନ ମୁଣ୍ଡ ଉପରେ ଲଦି ଦିଆଯାଇଥିବା ଏକ ପ୍ରସଙ୍ଗ ନୁହେଁ, ବରଂ ସ୍ଥାନୀୟ ଲୋକମାନଙ୍କ ସହିତ ମିଳିତ ଭାବରେ କାର୍ଯ୍ୟ କଲେ ହିଁ ତାହା ଆଗକୁ ବଢ଼ାଯାଇ ପାରିବ । ଏହା ଫଳରେ ସେମାନଙ୍କ ଜୀବନ ଉପରେ ଏହା ସବୁଠାରୁ ଗଭୀର ପ୍ରଭାବ ପକାଇ ପାରିବ ।

ଏବେ ସୁଦ୍ଧା ଏହି ଦିଗରେ ଅନେକ ଆହ୍ୱାନ ରହିଛି । ଭିତ୍ତିଭୂମିର ଅଭାବ, ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଏବଂ ଆଧୁନିକ ପିଢ଼ିର ଯାତ୍ରୀମାନଙ୍କ ବର୍ଦ୍ଧିତ ଆଶା ଆକାଂକ୍ଷା ଏଥିରେ ସାମିଲ । କିନ୍ତୁ ଆଜି ଭାରତ ନିକଟରେ ସେସବୁ ସମସ୍ୟାର ସମାଧାନ ନିମନ୍ତେ ଅନେକ ସାଧନ ରହିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ, ଆମେ ଏହିସବୁ ଆହ୍ୱାନଗୁଡ଼ିକର ସମାଧାନ କରିବା ନିମନ୍ତେ ବିଭିନ୍ନ ସଂସ୍ଥା, ଆର୍ଥିକ ମଡେଲ ଓ ପ୍ରଶାସନିକ ବ୍ୟବସ୍ଥାମାନ ପ୍ରସ୍ତୁତ କରିଛୁ ।

ଆଗକୁ ବଢ଼ିବା ପାଇଁ, ତିନୋଟି ପ୍ରାଥମିକତା ଆମକୁ ମାର୍ଗଦର୍ଶନ କରିବ । ଆମକୁ ସ୍ଥାୟୀତ୍ୱକୁ ଆହୁରି ଗଭୀର କରିବାକୁ ପଡିବ, ଏହା ନିଶ୍ଚିତ କରିବାକୁ ପଡିବ ଯେ ବିକାଶ ସର୍ବଦା ପରିବେଶଗତ ଲାଭ ପ୍ରଦାନ କରେ । ଆମକୁ ସେସବୁ ସୁଫଳଗୁଡ଼ିକୁ ଅଧିକ ଗଣତାନ୍ତ୍ରିକ କରିବାକୁ ହେବ, ଅର୍ଥାତ୍ ସ୍ଥାନୀୟ କର୍ମନିଯୁକ୍ତି ସୃଷ୍ଟି କରିବା ଭଳି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ଏବଂ ମଧ୍ୟମ ପର୍ଯ୍ୟାୟର ଉଦ୍ୟୋଗଗୁଡ଼ିକରେ ଅଧିକ ପୁଞ୍ଜିନିବେଶ କରିବାକୁ ପଡ଼ିବ । ଏଥି ସହିତ ଆମକୁ ପ୍ରଶାସନ ଓ ଡାଟାକୁ ମଜଭୁତ କରିବାକୁ ହେବ ଯାହା ଫଳରେ ସମ୍ବଳଗୁଡ଼ିକୁ ଅତି ସତର୍କତାର ସହିତ ପରିଚାଳନା କରିବାକୁ ହେବ । ଫଳରେ ସ୍ଥାନୀୟ ସଂପତ୍ତିର ଉପଯୁକ୍ତ ସୁରକ୍ଷା କରାଯାଇପାରିବ ।

ଭାରତର ଅଭିଜ୍ଞତା ପ୍ରମାଣ କରେ ଯେ, ଯେତେବେଳେ ସୁସଂଗତ ନୀତି, ଆର୍ଥିକ ବିବେକ ଏବଂ ସ୍ଥାନୀୟ ଗୋଷ୍ଠୀଙ୍କ ସମ୍ପୃକ୍ତି ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଅଧୀନରେ ଏକତ୍ର ହେବେ, ସେତେବେଳେ ବାସ୍ତବ ପରିବର୍ତ୍ତନ ସମ୍ଭବ । ଚଳିତ ବର୍ଷ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଆସନ୍ତୁ, ଆମେ ଅତି ଦାୟିତ୍ୱବାନ ଭାବରେ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଯାତ୍ରା କରିବା, ସ୍ଥାନୀୟ ନିଯୁକ୍ତିକୁ ସମର୍ଥନ ଯୋଗାଇବା ଏବଂ ପ୍ରତ୍ୟେକ ଯାତ୍ରା କାର୍ଯ୍ୟକ୍ରମରେ ଏକ ବିକଶିତ ଭାରତର ପ୍ରତିଶ୍ରୁତି ପୂରଣକୁ ଆହୁରି ଜୀବନ୍ତ କରିବା । ଉପଯୁକ୍ତ ଭାବରେ ଏକ ପୋଷଣୀୟ ପର୍ଯ୍ୟଟନ କେବଳ ଆମର ଅର୍ଥ ବ୍ୟବସ୍ଥାର ଏକ ସ୍ତମ୍ଭ ହେବନାହିଁ ବରଂ ଭାରତର ସଭ୍ୟତାଗତ ଲୋକ ଆଚରଣ, ଅର୍ଥାତ୍ ମୁକ୍ତ, ସହନଶୀଳତା ଓ ଆତିଥ୍ୟର ଜୀବନ୍ତ ପ୍ରମାଣ ହେବ । ତେଣୁ ଆମକୁ ସତର୍କତା, ସାହସ ଏବଂ ସହଭାଗୀ ଭାବନାର ସହିତ ଆଗକୁ ଅଗ୍ରସର ହୋଇ ଏହାକୁ ଆଗେଇ ନେବାକୁ ପଡିବ ।

*****************

# ଶବ୍ଦ ପ୍ରଦୂଷଣ ନୀରବ ଘାତକ ପାଲଟିଛି



**ସତ୍ୟ ସୁନ୍ଦର ଭଞ୍ଜ**

ଆଧୁନିକ ଯୁଗରେ ପ୍ରଦୂଷଣ ମାନବ ଜୀବନର ସବୁଠାରୁ ଗୁରୁତର ସମସ୍ୟା ସୃଷ୍ଟି କରୁଛି । ପରିବେଶରେ ବାୟୁ, ଜଳ, ମାଟି ସହିତ ଶବ୍ଦ ପ୍ରଦୂଷଣ ମଧ୍ୟ ଦିନକୁ ଦିନ ବଢୁଛି । ଶବ୍ଦ ପ୍ରଦୂଷଣ ମାନେ ଅଧିକ ଶବ୍ଦ ସୃଷ୍ଟି, ଯାହା ମାନବ କାନ ପାଇଁ ଅସହ୍ୟ ଓ କ୍ଳେଶଦାୟକ । ବିଜ୍ଞାନୀମାନଙ୍କ ମତାନୁସାରେ, ୬୦ ଡେସିବେଲ୍ ପର୍ଯ୍ୟନ୍ତ ଶବ୍ଦ ସହନୀୟ, କିନ୍ତୁ ଏହାଠାରୁ ଅଧିକ ଶବ୍ଦ ମାନବ ସ୍ୱାସ୍ଥ୍ୟରେ ନାନାପ୍ରକାର କୁପ୍ରଭାବ ପକାଏ । ଧୀରେ ଧୀରେ ଏହା ନୀରବ ଘାତକ ପାଲଟିଥାଏ ।

ଶବ୍ଦ ପ୍ରଦୂଷଣର କାରଣ ଗୁଡ଼ିକ ମଧ୍ୟରେ ଯାନବାହନର ଶବ୍ଦ – ରାସ୍ତାରେ ଅତ୍ୟଧିକ ଯାତାୟାତ, ଗାଡ଼ିର ହର୍ଣ୍ଣ, ବାଇକ ସାଇଲେନ୍ସରର ଅତ୍ୟଧିକ ଶବ୍ଦ । ଶିଳ୍ପ ଓ କଳକାରଖାନା ଚାଲୁଥିବା କ୍ଷେତ୍ରରେ ବିଭିନ୍ନ କାରଖାନା, ଯନ୍ତ୍ର–ପାତି, ନିର୍ମାଣ କାମରେ ବ୍ୟବହୃତ ମେସିନ୍ ଆଦି ରହିଛି । ଅନ୍ୟ ପକ୍ଷରେ ସାମାଜିକ ଉତ୍ସବ– ବିବାହ, ମେଳା, ଧାର୍ମିକ ଅନୁଷ୍ଠାନରେ ଉଚ୍ଚ ଶବ୍ଦରେ ଲାଉଡ୍‌ସ୍ପିକର ବଜେଇବା ମଧ୍ୟ ଶବ୍ଦ ପ୍ରଦୂଷଣ । ବିମାନ, ଟ୍ରେନ୍, ଜାହାଜରେ ବିଶେଷକରି ସହର ଓ ବଡ଼ ବନ୍ଦର କ୍ଷେତ୍ରରେ ଶବ୍ଦ ପ୍ରଦୂଷଣ ଅଧିକ ରହିଥାଏ ।

**ଶ୍ରବଣ ଶକ୍ତିର ହାନି**– ଲମ୍ବା ସମୟ ପର୍ଯ୍ୟନ୍ତ ଉଚ୍ଚ ଶବ୍ଦରେ ରହିଲେ କାନର ସ୍ନାୟୁ କ୍ଷତିଗ୍ରସ୍ତ ହୋଇ ଧୀରେଧୀରେ କାଲା ହୋଇଯିବାର ସମ୍ଭାବନା ଥାଏ । ଅତ୍ୟଧିକ ଶବ୍ଦ ଦ୍ୱାରା ମାନସିକ ସମସ୍ୟା ମଧ୍ୟରେ ଅତ୍ୟଧିକ ଶବ୍ଦରେ ଚିଡ଼ଚିଡ଼ା, ଦୁଶ୍ଚିନ୍ତା, ଉଦବେଗ ଓ ନିଦ୍ରାହୀନତା ସୃଷ୍ଟି ହୁଏ ।

**ହୃଦରୋଗ ସମସ୍ୟା** – ଅଧିକ ଶବ୍ଦର ପରିବେଶରେ ରକ୍ତଚାପ ବଢ଼େ, ହୃଦଗତି ବେଶିଥାଏ, ଯାହା ଦୀର୍ଘ ମିଆଦରେ ହୃଦରୋଗକୁ ଆମନ୍ତ୍ରଣ କରେ ।

**ଶିକ୍ଷାରେ ପ୍ରଭାବ**– ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ସ୍ୱରର ଶବ୍ଦ ବାଧା ସୃଷ୍ଟି କରେ, କେନ୍ଦ୍ରୀକରଣ କମିଯାଏ । ଗର୍ଭବତୀ ମହିଳା ଓ ଶିଶୁଙ୍କ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ଅତ୍ୟଧିକ ଶବ୍ଦର ପ୍ରଭାବରୁ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟରେ ବିପଦ ସୃଷ୍ଟି ହୋଇପାରେ ବୋଲି ବିଶେଷଜ୍ଞଙ୍କ ମତ ରହିଛି । ଏହି ଶବ୍ଦ ପ୍ରଦୂଷଣରୁ ମୁକ୍ତି ପାଇବା ପାଇଁ ନିରାକରଣଗୁଡ଼ିକ ରହିଛି । ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ କିଛି ପଦକ୍ଷେପ ନିଆଯାଇପାରେ । ଲାଉଡ୍‌ସ୍ପିକର ଓ ଏହାର ଭଲ୍ୟୁମ ମାତ୍ରା କେତେ ରହିବ ତାର ବ୍ୟବହାର ଉପରେ ସରକାରୀ ନିୟମକୁ କଡ଼ାଭାବରେ ପାଳନ କରିବା । ଗାଡ଼ିରେ ଅନାବଶ୍ୟକ ହର୍ଣ୍ଣ ଦେବାକୁ ନିଷେଧ କରିବା । କାରଖାନା ଓ ନିର୍ମାଣ କ୍ଷେତ୍ରରେ ଶବ୍ଦ–ନିରୋଧକ ଉପକରଣ ବ୍ୟବହାରକୁ ବାଧ୍ୟତାମୂଳକ କରିବା । ସହରରେ ସାଇଲେନ୍ସ ଜୋନ୍ ସ୍ଥାପନ କରିବା । ଏନେଇ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା କରିବା ।

ଶବ୍ଦ ପ୍ରଦୂଷଣ ଆଜିର ସମାଜରେ ଗୋଟିଏ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା । ଏହାକୁ ଅବହେଳା କଲେ ମାନବ ଜୀବନର ମାନସିକ ଓ ଶାରୀରିକ ସନ୍ତୁଳନ ଭାଙ୍ଗିଯିବ । ପରବର୍ତ୍ତୀ ସମୟରେ ଏହା ଏକ ନୀରବ ଘାତକ ପାଲଟିଯିବ । ସରକାର, ସମାଜ ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏଥିରେ ଦାୟିତ୍ୱବାନ ହୋଇ କାମ କରିବା ଆବଶ୍ୟକ । ନୀରବ ଓ ଶାନ୍ତ ପରିବେଶ କେବଳ ସୁନ୍ଦର ଜୀବନର ପରିଚୟ ନୁହେଁ, ସୁସ୍ଥ ମାନବଜୀବନ ପାଇଁ ଏହା ଏକ ଅତ୍ୟାବଶ୍ୟକ ଉପାଦାନ ।

ଗତ ୧ ମାସ ପୂର୍ବେ ରାୟଗଡ଼ା ସହର ଅନ୍ତର୍ଗତ ରୟତ କଲୋନୀ ଅଞ୍ଚଳରେ ଗଣେଶ ପୂଜା ଭସାଣରେ ଡିଜେ ଶବ୍ଦ ନେଇଥିଲା ଯୁବକଙ୍କ ଜୀବନ । ଡିଜେ ସାଉଣ୍ଡର ତୀବ୍ରତା ଅଧିକ କାରଣରୁ ସରୋଜ କୁମାର ଖରା (୩୦)ବର୍ଷ ବୟସର ଯୁବକଙ୍କ ମୃତ୍ୟ ହୋଇଥିଲା । ଘଟଣା ପରେ ପରିବାର ଲୋକେ ତାଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରାୟଗଡା ସହର ସମେତ ରାଜ୍ୟର ଅନେକ ସହର ଓ ଗ୍ରାମାଞ୍ଚଳରେ ବେଧଡକ ଭାବରେ ଭସାଣିରେ ଡିଜେ ସହିତ ବାଣ ଫୁଟାଇ ବେହାଲ କରୁଛନ୍ତି ଯୁବ ପିଢ଼ି । ବିଭିନ୍ନ ପୂଜା ପାର୍ବଣ, ବିବାହ ନାମରେ ପେଶୀ ହେଉଛନ୍ତି ସହର ବାସିନ୍ଦା । ୨୦୨୫ରେ, ଗତ ଦୋଳ ପୂର୍ଣ୍ଣିମା ହୋଲି ଉତ୍ସବ ପାଳନ ବେଳେ ଭଦ୍ରକର କାଳିମେଘା ମେଳନକୁ ଠାକୁରଙ୍କ ବିମାନ ଯିବା ବେଳେ ଡିଜେ ବାଜିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା । ପୂଜା ପର୍ବ ଠିକ ଢ଼ଙ୍ଗରେ ପାଳନ କରୁଥିବା ବେଳେ ବିସର୍ଜନ ନାମରେ ଡିଜେ ଅତ୍ୟଧିକ ଶବ୍ଦରେ ବାଜା ଲଗେଇ ନୃତ୍ୟ ଗୀତ କରୁଛନ୍ତି ଯୁବପିଢ଼ି । କିନ୍ତୁ ଭୁଲି ଯାଉଛନ୍ତି ପରିବାରର ବୟୋଜ୍ୟେଷ୍ଠ, ହୃଦ୍‌ରୋଗୀ ଏବଂ ଶିଶୁଙ୍କ କଥା । ଏଠାରେ ସଚେତନତା କୌଣସି କାମକୁ ନୁହେଁ । ଉଚିତ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଆଜିର ସହରରେ ଭିନ୍ନ ଭିନ୍ନ ପ୍ରକାରର ଡିଜେ ବୁଲୁଥିବା ଦେଖିବାକୁ ମିଳୁଛି । ସେଥିରୁ ବାହାରୁଛି ଅତି କ୍ଷମତାପୂର୍ଣ୍ଣ ଶବ୍ଦ । ଗୁରୁତ୍ୱପୂର୍ଣ୍ଣ କଥାହେଲା ଏଭଳି ଶବ୍ଦ ପ୍ରଦୂଷଣ କରୁଥିବା ଯନ୍ତ୍ରାଂଶ ବ୍ୟବହାରକୁ ଏଡାଇବା ପାଇଁ ଆଇନରେ କଡା ନିର୍ଦ୍ଦେଶନାମା ମଧ୍ୟ ରହିଛି । ୧୯୮୮ରେ ପ୍ରସ୍ତୁତ ଆକ୍ଟ ଅନୁସାରେ ୬୦ଡେସିବଲ ଶବ୍ଦ ହିଁ ବାହାରି ପାରିବ ତା'ଠାରୁ ଅଧିକ ଶବ୍ଦ ଦଣ୍ଡନୀୟ । ଏହା ସହିତ ଆର୍ଥିକ ଦଣ୍ଡ ବିଧାନ ବ୍ୟବସ୍ଥା ମଧ୍ୟ ରହିଛି । ତଥାପି ପୋଲିସ ବିଭାଗର ତତ୍ପରତା ନାହିଁ । ଯାହାକୁ ନେଇ ଲୋକେ ଭୟଭୀତ ହୋଇ ଘରେ କବାଟ କିଳି ରହୁଥିବା ବେଳେ ସମୟେ ସମୟେ ଅକାଳରେ ଜୀବନ ହାନି ଘଟୁଛି । ଦଶହରା ଏବେ ଏବେ ସରିଛି ଓ ଦୀପାବଳି ପର୍ବ ଆଗକୁ ଥିବାରୁ ପ୍ରଶାସନ ଏ ଦିଗରେ ବିଶେଷ ଧ୍ୟାନ ଦେବାର ସମୟ ଆସିଛି ବୋଲି ମତ ପ୍ରକାଶ ପାଉଛି ।

**ସହ–ସମ୍ପାଦକ, ସମୟ**
**ମୋ– ୯୪୩୭୧୫୦୬୩୨**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କର୍ଫ୍ୟୁ...

ଇତି ମଧ୍ୟରେ ୭୪ଘଣ୍ଟା ଅତିକ୍ରମ କରିଯାଇଥିବା ବେଳେ ଆଜି ୧୦ଟା ବେଳକୁ ୩୬ଘଣ୍ଟାର ଅବଧି ପୂରଣ ହେବାକୁ ଯାଉଛି । ପୁନର୍ବାର କର୍ଫ୍ୟୁ ସମୟର ଅବଧିକୁ ୨୪ ଘଣ୍ଟା ବୃଦ୍ଧି କରାଯାଇଛି । ସେହିପରି ଇଣ୍ଟରନେଟ୍ ସେବାକୁ ମଧ୍ୟ ଆହୁରି ୨୪ଘଣ୍ଟା ପାଇଁ ଅଟକ କରିଦିଆଯାଇଛି । ପୋଲିସ୍ କମିଶନର ଦେବଦତ୍ତ ସିଂହ ଓ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ମିଳିତ ତତ୍ତ୍ୱାବଧାନରେ ୬୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ ସହରକୁ ଜଗି ରହିଛନ୍ତି । ସମ୍ବେଦନଶୀଳ ଥାନାକୁ ପୋଲିସ୍ ପକ୍ଷରୁ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି । ଆଜି ସନ୍ଧ୍ୟା ସୁଦ୍ଧା ପୋଲିସ ୩ଟି ମାମଲା ରୁଜୁ କରିବା ସହ କର୍ଫ୍ୟୁ ନିୟମକୁ ଉଲଂଘନ କରିଥିବା ପ୍ରାୟ ୮ ଜଣଙ୍କୁ ଗିରଫ କରିଛି । ତେବେ ମୋଟ୍ ୩ଟି ଥାନା ଅଞ୍ଚଳକୁ କର୍ଫ୍ୟୁ ଆଇନ୍‌କୁ ଉଲଂଘନ କରିଥିବା ମୋଟ ୩୩ଜଣ ବ୍ୟକ୍ତିଙ୍କୁ ପୋଲିସ୍ ଅଟକ ରଖିଛି । ତେବେ କର୍ଫ୍ୟୁର ଶେଷ ୧୨ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ଦରଘାବଜାର ଅଞ୍ଚଳରେ ମୋଟ୍ ୫ କମ୍ପାନୀ ଫୋର୍ସ ମୁତୟନ କରାଯାଇଛି । ଶାନ୍ତିଶୃଙ୍ଖଳା ରକ୍ଷାକାରୀମାନେ ଆଇନ୍‌କୁ ହାତକୁ ନ ନେବାକୁ ପୋଲିସ୍ କମିଶନର ଶ୍ରୀ ସିଂହ କଡ଼ା ଚେତାବନୀ ଦେଇଛନ୍ତି । କର୍ଫ୍ୟୁ ଲାଗୁ ହୋଇଥିବା ଯେ ବି କେହି ଉଲଂଘନ କରନ୍ତି ସିଏ ଯିଏ ହୋଇଥାଆନ୍ତୁ ନା କାହିଁକି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଶ୍ରୀ ସିଂହ ଚେତେଇ ଦେଇଛନ୍ତି ।

ସୂଚନା ଅନୁଯାୟୀ ଆଜି ସହରର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ସିଲ୍ କରିଦିଆଯାଇଥିଲା । ସଂଗଠନ ଭାବେ ସହରକୁ ପ୍ରବେଶ ବା ପ୍ରସ୍ଥାନ କରିବାକୁ ଅନୁମତି ମିଳି ନଥିଲା । କେବଳ ଜରୁରୀକାଳୀନ ସେବାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ସେବାକୁ ବନ୍ଦ ରଖାଯାଇଥିଲା । ଆଜି ପୁଣି ଥରେ କମିଶନରେଟ ପୋଲିସ୍ ଓ ଅର୍ଦ୍ଧ ସାମରିକ ବଳ ପକ୍ଷରୁ ଦରଘାବଜାର ଥାନା ନିକଟରୁ ଏକ ଫ୍ଲାଗମାର୍ଚ୍ଚ ବାହାରି କଦମରସୁଲ, ଦରଘାବଜାର, ନିମସାହି, ଖୋଲାସାହି, କାଠଗଡାସାହି ପରିକ୍ରମା କରି ଦରଘାବଜାର ଥାନା ନିକଟରେ ଶେଷ ହୋଇଥିଲା । ଥାନାଧିକାରୀ ଆଇଆଇସି ମାନେ ୨ଟି ସ୍କ୍ୱାର୍ଡ ସହିତ ନିଜ ନିଜ ଅଂଚଳରେ ସ୍ୱତନ୍ତ୍ର ପେଟ୍ରୋଲିଂ କରୁଥିଲେ । ପ୍ରମୁଖ ଛକ, ଗଳି ଓ ମୁଖ୍ୟ ରାସ୍ତା ଗୁଡିକରେ ପୋଲିସ୍ ଛାଉଣି ଦେଖିବାକୁ ମିଳିଥିଲା । ସହରର ମଙ୍ଗଳାବାଗ, ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘାବଜାର, ଚୌଧୁରୀବଜାର ଭଳି ଅଂଚଳରେ ପୂର୍ବାହ୍ନରେ କେତେକ ଗଣ୍ଡଗୋଳକାରୀ ବାହାରେ ବୁଲିବାର ଦେଖିବାକୁ ମିଳିଥିଲା । ପୋଲିସ୍ ସେମାନଙ୍କୁ ଥାନାରେ ଅଟକ ରଖିଥିଲାବେଳେ ଅନେକ ଥାନାରିଆଙ୍କୁ ମାଡମାରି ଛାଡି ଦେଇଥିବାର ଉଣାପଡିଛି । ଅପରପକ୍ଷରେ ଆଜିର କର୍ଫ୍ୟୁ ଯୋଗୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କର ଉପସ୍ଥାନ ପ୍ରାୟତଃ ନଥିଲା । ସେହିପରି ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ସଂପୂର୍ଣ୍ଣ ବନ୍ଦ ରହିଥିଲା । ଫଳରେ ସାଧାରଣ ଜୀବନ ଜୀବିକା ପ୍ରଭାବିତ ହୋଇଥିଲା । ରାସ୍ତାଘାଟ ପ୍ରାୟତଃ ଖାଁ ଖାଁ ହୋଇ ପଡିଥିବା ବେଳେ ଖୁବ୍ କମ୍ ସଂଖ୍ୟକ ବସ୍ ବିଭିନ୍ନ ଜିଲ୍ଲାରୁ ବାଦାମବାଡିସ୍ଥିତ କଟକ ନେତାଜୀ ବସ୍ ଟର୍ମିନାଲ ଭିତରକୁ ଯିବା ଆସିବା କରିବା ଦେଖିବାକୁ ମିଳିଥିଲା । ବସ୍ ମାଲିକମାନେ କର୍ଫ୍ୟୁ ଦୃଷ୍ଟିରୁ ଗଣ୍ଡଗୋଳର ଆଶଙ୍କା କରି ବସ୍ ଗୁଡିକର ଯାତାୟତ ବନ୍ଦ କରିଦେଇଥିଲେ । ଫଳରେ ସିଏନ୍ଟିଟିରେ ଯାତ୍ରୀମାନେ ଯାତାୟତ କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଇଣ୍ଟରନେଟ୍ ସେବା ଗୁଡିକୁ ବନ୍ଦ କରିଦେବା ଫଳରେ ବ୍ୟାଙ୍କ ସେକ୍ଟର ସଂପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇଥିଲା । ଫଳରେ ଚେକ୍ ଦେଣନେଣ ଓ ପ୍ରାୟ ୧୦ରୁ ୧୨ହଜାର କୋଟି ଟଙ୍କାର କାରବାର ବାଧାପ୍ରାପ୍ତ ହୋଇଥିଲା । ଏତଦ୍‌ବ୍ୟତୀତ ସୋସିଆଲ୍ ମିଡିଆରେ କୌଣସି ଖବର ପ୍ରସାରଣ ପୂର୍ବରୁ ଏହାର ସତ୍ୟତା ଯାଞ୍ଚ କରିବାକୁ ଡିସିପିଙ୍କ ପକ୍ଷରୁ ଟ୍ୱିଟ୍ ମାଧ୍ୟମରେ ଅବଗତ କରାଯାଇଛି । ଯଦି ମିଥ୍ୟା କିମ୍ବା ଉତ୍ତେଜନାମୂଳକ ଖବର କିମ୍ବା ଫଟୋ ପୋଷ୍ଟ କରନ୍ତି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବିଶେଷକରି ସୋସିଆଲ ମିଡିଆ ପୋଷ୍ଟ ଉପରେ କେହି ବିଶ୍ୱାସ ନକରିବା ପାଇଁ ଡିସିପିଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରିବା ସହିତ ନାଗରିକ ମାନଙ୍କୁ ସଚେତନ ରହି ପରିସ୍ଥିତିର ମୁକାବିଲା ପାଇଁ ନିବେଦନ କରିଛନ୍ତି ।

କଟକରେ ଏଭଳି ଅଶାନ୍ତିକୁ ଆଦୌ ପ୍ରୋତ୍ସାହନ ଦିଆଯିବ ନାହିଁ ବିଶୃଙ୍ଖଳା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ୍ କମିଶନରଙ୍କ ନିକଟରେ ଶାନ୍ତି କମିଟି ନିବେଦନ କରିଛି । ସେଭେଳେ କଟକର ଭାଇଚାରା ଭାଙ୍ଗିବାକୁ ଏକ ବିଧିବଦ୍ଧ ଷଡଯନ୍ତ୍ର କରାଯାଇଛି ବୋଲି କଟକ ମହାନଗର ଶାନ୍ତି କମିଟିର ଦେବେନ୍ଦ୍ର ନାଥ ସାହୁ କହିଛନ୍ତି । ସେ କହିଛନ୍ତି କଟକର ପୂର୍ବାବସ୍ଥା ନିଶ୍ଚିତ ଫେରିବ । ହେଲେ ଶାନ୍ତ ପଡିବା ପରେ ସହରର ମୁରବୀ ମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯିବ । ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଯୁବକ କଦମରସୁଲ୍ ନିକଟରେ ବିଶୃଙ୍ଖଳା ସୃଷ୍ଟି କଲେ । ଆଗକୁ କଟକରେ ଆଉ ଦୁଇଟି ଭସାଣି ରହିଛି । ଶୋଭାଯାତ୍ରା ସେଇ ସମାନ ବାଟ ଦେଇଯିବ । କାଳୀ ଭସାଣି ଓ କାଁକେଶ୍ୱର ଭସାଣିରେ ଘଟଣାର ଯେପରି ପୁନରାବୃତ୍ତି ନହେବ ସେ ଦିଗରେ ଗୁରୁତ୍ୱ ଦିଆଯିବ । ଏତଦ୍‌ବ୍ୟତୀତ ବିଶୃଙ୍ଖଳାକାରୀଙ୍କ ପରିଚୟପତ୍ର ଯାଞ୍ଚ କରାଯିବ । ସେମାନେ କଟକର ନା ଅନ୍ୟ କୌଣସି ଅଂଚଳର ତାହା ପୋଲିସ୍ ସହାୟତାରେ ଖୋଳତାଡ କରାଯିବ ବୋଲି ଶ୍ରୀ ସାହୁ କହିଛନ୍ତି ।

## ନୂଆପଡା...

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦୂର ହେଉ କି ପାଖ, ବଡ ହେଉ ବା ଛୋଟ, ରାଜ୍ୟର ସବୁ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ମୋଦୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ରାଜ୍ୟର ଜନସାଧାରଣଙ୍କ ସେବା ପାଇଁ ସବୁ ସମୟରେ, ସବୁ ମୁହୂର୍ତ୍ତରେ ଉପସ୍ଥିତ ଅଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୂଆପଡା ସହିତ ମୋର ଭାବଗତ ସମ୍ପର୍କ ରହିଛି ଏବଂ ଏହା ବଢି ବଢି ଚାଲିଛି । ଆଗାମୀ ଦିନରେ ଏହି ସମ୍ପର୍କ ଆହୁରି ସୁଦୃଢ ହେବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂଆପଡା ଜିଲ୍ଲା ପାଇଁ ୧୧୦୧ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ଓ ଘୋଷଣା କରିଥିଲେ । ଏଥିମଧ୍ୟରୁ ୬୪ କୋଟି ୨ ଲକ୍ଷ ଟଙ୍କା ବିନିଯୋଗରେ ୧୦୯ଟି ପ୍ରକଳ୍ପର ଲୋକାର୍ପଣ କରାଯାଇଥିଲା । ୧୫୯ କୋଟି ୭୬ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା ଏବଂ ୭୫ କୋଟି ୩୭ ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହା ସହିତ ନୂଆପଡା ଜିଲ୍ଲାରେ ଜଳସେଚନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ୮୦୨ କୋଟି ୯ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିଥିଲେ । ଅନ୍ନଦାତା ମାନଙ୍କ ଜମିକୁ ଜଳ ଯୋଗାଇବା ପାଇଁ ସରକାର ନିଷ୍ଠାର ସହ ଉଦ୍ୟମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ପୂର୍ବରୁ ଖରିଆର୍ ରୋଡ୍‌କୁ ଏନ୍.ଏ.ସି ରୁ ମୁନିସପାଲିଟି କରିବା ପାଇଁ ଦାବି ହୋଇଆସୁଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ଏହାକୁ ମୁନିସପାଲିଟି ରୂପେ ଘୋଷଣା କରିଛନ୍ତି । ସେହିପରି କୋମନା ବ୍ଲକକୁ ଏନ୍.ଏ.ସି ମାନ୍ୟତା ପ୍ରଦାନ କରାଯାଇଛି ଏବଂ ସିନାପାଲି ଗ୍ରାମପଞ୍ଚାୟତ ଓ ଗୋଡାଲ ଗ୍ରାମପଞ୍ଚାୟତକୁ ମିଶାଇ ଏହାକୁ ସିନାପାଲି ଏନ୍.ଏ.ସି ରୂପେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହା ଭିତରେ ମୁଖ୍ୟମନ୍ତ୍ରୀ ତିନି ଥର ନୂଆପଡା ଆସିସାରିଲେଣି । ଏପ୍ରିଲ ମାସରେ ମାରାଗୁଡା ମହୋତ୍ସବକୁ ଆସି ମୁଖ୍ୟମନ୍ତ୍ରୀ ୩୨୦ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ଏହା ସହିତ ନୂଆପଡା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମଧ୍ୟ ଯୋଗଦେଇଥିଲେ । ଆଜିକୁ ମିଶାଇ ନୂଆପଡା ପାଇଁ ମୁଖ୍ୟମନ୍ତ୍ରୀ ୧୪୨୦ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର କେନ୍ଦୁପତ୍ର ତୋଳାଳୀଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ହୋଇ କାମ କରୁଛନ୍ତି । ଚଳିତ ବର୍ଷ ଜିଏସ୍‌ଟି କାଉନ୍‌ସିଲ୍ ବୈଠକରେ ସେ ନିଜେ ଉପସ୍ଥିତ ହୋଇ କେନ୍ଦୁପତ୍ର ଉପରେ ଜିଏସ୍‌ଟି ହ୍ରାସ କରିବାକୁ ପ୍ରସ୍ତାବ ଦେଇଥିଲେ । ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଜିଏସ୍‌ଟି ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ କମ୍ କରିଛନ୍ତି । ଏହାଦ୍ୱାରା ସାରାଦେଶର ତଥା ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରି କହିଥିଲେ ଯେ ରାଜ୍ୟର ସବୁ ତହସିଲରେ ସବ୍ ରେଜିଷ୍ଟ୍ରେସନ ଅଫିସ ଖୋଲାଯିବ । ବର୍ତ୍ତମାନ ରାଜ୍ୟର ୩୧୭ଟି ତହସିଲରୁ ୨୧୦ଟି ତହସିଲରେ ସବ୍ ରେଜିଷ୍ଟ୍ରେସନ ଅଫିସ ରହିଛି । ଖୁବଶୀଘ୍ର ବାକି ୧୦୭ଟି ତହସିଲରେ ସବ୍ ରେଜିଷ୍ଟ୍ରେସନ୍ ଅଫିସ ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆଜି ପ୍ରଥମ ପର୍ଯ୍ୟାୟରେ ନୂଆପଡାର ୩ଟି – ସିନାପାଲି, କୋମନା ଓ ବୋଡେନ୍ ଏବଂ ମାଲକାନଗିରିର ୪ଟି- ମାଥିଲି, କାଲିମେଳା, ଖଇରପୁଟ ଓ କୁଡୁମୁଲୁଗୁମା- ଏହିପରି ୭ଟି ତହସିଲରେ ସବ୍ ରେଜିଷ୍ଟ୍ରେସନ୍ ଅଫିସ ଖୋଲାଗଲା ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଜ୍ୟରେ ଦୀର୍ଘଦିନ ଧରି ବିଭିନ୍ନ ପଛୁଆ ଅଞ୍ଚଳ ଆଞ୍ଚଳିକ ବୈଷମ୍ୟତାର ଅଭିଯୋଗ କରିଆସୁଛନ୍ତି । ବିଶେଷକରି ଦୂରାନ୍ତ ଅଞ୍ଚଳରେ ରହୁଥିବା ଜିଲ୍ଲା ଗୁଡିକ ଅପେକ୍ଷାକୃତ ଭାବେ ଅବହେଳିତ ହେଉଥିଲା । କିନ୍ତୁ, ଆମ ସରକାର ସବୁ ଅଞ୍ଚଳକୁ ସମାନ ଗୁରୁତ୍ୱ ଦେଉଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଅଧିକ ଅନୁଦାନ ସହିତ ସୁଦୃଢ କରାଯାଇଛି ଏବଂ ତା ସହିତ ଉତ୍ତର ଓ ଦକ୍ଷିଣ ଓଡିଶାର ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ବିକାଶ ପରିଷଦ ଗଠନ କରିବାକୁ ପଦକ୍ଷେପ ନିଆଯାଇଛି । ରାଜ୍ୟର ଶିଳ୍ପ ବିକାଶରେ ମଧ୍ୟ ସବୁ ଅଞ୍ଚଳକୁ ଗୁରୁତ୍ୱ ଦିଆଯାଇ ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ଉଦ୍ୟମ ଅବ୍ୟାହତ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ ପୁଣି କହିଥିଲେ ଯେ, ପୂର୍ବରୁ ପ୍ରିମାଟ୍ରିକ ସ୍କଲାରସିପର୍ ଛାତ୍ର ମାନଙ୍କୁ ୧୦,୫୦୦ ଟଙ୍କା ମିଳୁଥିବା ବେଳେ ଏବେ ୧୬,୦୦୦ ଟଙ୍କା ପ୍ରଦାନ କରାଯିବ । ସେହିପରି ଅନ୍ୱେଷା ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ପୂର୍ବରୁ ୧୧ ହଜାର ଟଙ୍କା ମିଳୁଥିବା ବେଳେ ଏବେ ଏଥିରେ ୧୭ ହଜାର ଟଙ୍କା ମିଳିବ । ସେହିପରି ପୋଷ୍ଟ ମାଟ୍ରିକ ସ୍କଲାରସିପ୍‌ରେ ପୂର୍ବରୁ ଛାତ୍ର ମାନଙ୍କୁ ୧୧ ହଜାର ଟଙ୍କା ମିଳୁଥିବା ବେଳେ ଏବେ ୧୬ ହଜାର ଟଙ୍କା ମିଳିବ ଏବଂ ଛାତ୍ରୀ ମାନଙ୍କୁ ୧୭ ହଜାର ଟଙ୍କା ମିଳିବ ।

ମୋଦୀଜୀଙ୍କ ନେତୃତ୍ୱରେ ଦେଶରେ ଏବେ ବିକାଶର ଏକ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରେ ବିକାଶ ତ୍ୱରାନ୍ୱିତ ହୋଇଛି । ଓଡିଶାରେ ନୂଆ ସରକାର ଆସିବା ପରଠାରୁ କେନ୍ଦ୍ର ସରକାର ଓଡିଶା ପାଇଁ ୩୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି ଏବଂ ଏଥିରେ ନୂଆପଡା ପାଇଁ ମଧ୍ୟ ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ନୂଆପଡା ଜିଲ୍ଲାର ବିପୁଳ ସଫଳତାକୁ ପ୍ରଶଂସାକରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସୁଭଦ୍ରା ଯୋଜନାରେ ନୂଆପଡାର ୧ ଲକ୍ଷ ୫୫ ହଜାର ମହିଳା ଉପକୃତ ହୋଇଛନ୍ତି, ଅନ୍ତୋଦ୍ୟୟ ଗୃହ ଯୋଜନାରେ ନୂଆପଡାର ୨୫୪୮ ପରିବାରକୁ ଘର ଯୋଗାଇଦେବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଥିଲେ । ଏହା ସହିତ ନୂଆପଡା ଝସଭଶକ୍ଷର-ଟଗ୍ମର ଚକ୍ଷବଗ୍ମଗ୍ଗସମ ମୁକ୍ତ ଜିଲ୍ଲାଭାବେ ଘୋଷିତ ହେବା ସହ କନ୍ୟାଶିଶୁଙ୍କୁ ପ୍ରାଧାନ୍ୟ ଦେଇ 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି ଏବଂ ନବଜାତ ଶିଶୁକନ୍ୟା ଓ ସେମାନଙ୍କ ପିତା ମାତାଙ୍କୁ ମଧ୍ୟ ସମ୍ମାନିତ କରାଯାଉଛି । ନୂଆପଡା ଜିଲ୍ଲା ମନରେଗା ଯୋଜନାରେ ଦୈନିକ ୬୦ ହଜାରରୁ ଅଧିକ ଶ୍ରମିକ ନିୟୋଜିତ କରି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜନଶୁଣାଣି କାର୍ଯ୍ୟକ୍ରମକୁ ସଂପ୍ରସାରଣ କରାଯାଇ ଏହାକୁ ପଞ୍ଚାୟତ ସ୍ତରରେ ମଧ୍ୟ ଆୟୋଜିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଜିଲ୍ଲାର ସଫଳତା ପାଇଁ ଜିଲ୍ଲା ପ୍ରଶାସନ ଓ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଥଲେ ।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ, ମୋହନ ମାଝୀଙ୍କ ସରକାର ହେଉଛି ଲୋକଙ୍କ ସରକାର । ରାଜ୍ୟର ସମସ୍ତ ବର୍ଗର ବିକାଶ କିପରି ହେବ ସେଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ନୂଆପଡା ଜିଲ୍ଲାକୁ ଏକ ନୂଆ ଦିଗନ୍ତରେ ନେବା ହେଉଛି ଆମ ସଂକଳ୍ପ । ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ରାଜ୍ୟରେ ଆମ ସରକାର ଆସିବା ପରେ ନୂଆପଡା ଜିଲ୍ଲାର ୧୦ଟି ହାଇସ୍କୁଲକୁ ଆମେ ଅପଗ୍ରେଡ୍ କରି ହାୟର ସେକେଣ୍ଡାରୀ ସ୍କୁଲରେ ପରିଣତ କରିଛୁ । ସହର ଏବଂ ଗ୍ରାମପଞ୍ଚାୟର ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଆମ ସରକାର ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏ ସରକାରରେ ପ୍ରତିଟି କ୍ଷେତ୍ରରେ ବିକାଶ ହେବ ଆଜି ସମସ୍ତଙ୍କ ମଧ୍ୟରେ ଏପରି ଆଶାର ସଂଚାର ହୋଇଛି ।

ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ, ନୂଆପଡା ଜିଲ୍ଲା କିପରି ଆଦର୍ଶ ଜିଲ୍ଲା ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ଯୋଜନା କରୁଛନ୍ତି । ନୂଆପଡା ପଲିଥିନ ମୁକ୍ତ ଜିଲ୍ଲା ହୋଇଛି ଏହା ଆମ ପାଇଁ ଗର୍ବର ବିଷୟ। କେବିକେ ଅଞ୍ଚଳରେ କିପରି ରୋଜଗାର ବୃଦ୍ଧିହେବ ସେଥିପାଇଁ ଆମ ସରକାର ଯୋଜନା କରୁଛନ୍ତି ।

କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର ପ୍ରମୁଖ ତାଙ୍କର ଉଦ୍‌ବୋଧନ ରଖିଥିଲେ। ନୂଆପଡା ଜିଲ୍ଲାପାଳ ମଧୁସୁଦନ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଖରିଆର୍ ରୋଡ୍ ଏନ୍.ଏ.ସି. ଚେୟାରମ୍ୟାନ ଡ. ସୋନିଆ ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

## ନଭେମ୍ବର...

ଏନେଇ ସୂଚନା ଦେଇଛନ୍ତି ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପଳନ କହିଛନ୍ତି, ନୂଆପଡ଼ା ଉପନିର୍ବାଚନରେ ମୋଟ ୧ ଲକ୍ଷ ୨୨ ହଜାର ୧୦୩ ପୁରୁଷ ଏବଂ ୧ ଲକ୍ଷ ୨୬ ହଜାର ୧୩୨ ମହିଳା ମତଦାନ କରିବେ । ସେହିପରି ୪ ହଜାର ଭିନ୍ନକ୍ଷମ ଏବଂ ୨୦୦୭ ବୟସ୍କ ଭୋଟରଙ୍କ ତାଲିକା ପ୍ରକାଶ ପାଇଛି । ମତଦାତାମାନେ ମୋବାଇଲ ରଖି ଭୋଟ ଦେବେ । ଏଜେଣ୍ଟମାନେ ବି ବୁଥ ଭିତରକୁ ମୋବାଇଲ ନେଇପାରିବେ ନାହିଁ । ରିଅଲ ଟାଇମ୍ ସିଷ୍ଟମରେ ୱେବ୍ କ୍ୟାଷ୍ଟିଂ କରାଯିବ । ଭୋଟରଙ୍କ ପାଇଁ ୧୯୫୦ ହେଲ୍ପ ଲାଇନ ନମ୍ବର କାର୍ଯ୍ୟକାରୀ ହେବ ।

ସେ କହିଛନ୍ତି, ଉପନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ । ପ୍ରତି ପୋଲିଂ ଷ୍ଟେସନରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯିବ । ବୟସ୍କଙ୍କ ପାଇଁ ଘରେ ଭୋଟ ଦେବା ପାଇଁ ବ୍ୟବସ୍ଥା କରାଯିବ । ସେମାନଙ୍କୁ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଦେବାର ବିକଳ୍ପ ବ୍ୟବସ୍ଥା କାଯିବ । ସମସ୍ତ ପ୍ରାର୍ଥୀ ଏବଂ ତାଙ୍କର ରାଜନୈତିକ ଦଳ ପାର୍ଥୀଙ୍କ ଅପରାଧିକ ମାମଲା ସମ୍ବନ୍ଧରେ ଖବରକାଗଜ ଏବଂ ଟେଲିଭିଜନ ଚ୍ୟାନେଲ ମାଧ୍ୟମରେ ୩ଥର ସୂଚନା ପ୍ରକାଶ କରିବାକୁ ପଡ଼ିବ । ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୩୫୮ଟି ମତଦାନ କେନ୍ଦ୍ର ରହିବ । ପ୍ରତି କେନ୍ଦ୍ରରେ ସର୍ବାଧିକ ୧୨ ସହ ଭୋଟର ଭୋଟ ଦେଇପାରିବେ ।

ଏହି ଉପନିର୍ବାଚନରେ ବ୍ୟବହାର ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଇଭିଏମ ଏବଂ ଭିଭିପାଟ୍‌ର ବ୍ୟବସ୍ଥା କରାଯାଇଛି । ଆବଶ୍ୟକୀୟ ସଂଖ୍ୟକ ଇଭିଏମ ଅର୍ଥାତ ମତଦାନ କେନ୍ଦ୍ର ସଂଖ୍ୟାର ୨୦୦% ଯଥା ୭୨୦ ବାଲଟ୍‌ୟୁନିଟ୍, ୭୨୦ କଣ୍ଟ୍ରୋଲ୍‌ୟୁନିଟ୍ ଏବଂ ୭୨୦ ଭିଭିପାଟ୍ ପୂର୍ବରୁ ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ) ଏବଂ ନୂଆପଡ଼ା ଜିଲ୍ଲାପାଳଙ୍କ ପାଖରେ ଉପନିର୍ବାଚନରେ ବ୍ୟବହାର ପାଇଁ ଉପଲବ୍ଧ ଅଛି ।

ଯେଉଁମାନେ ୭୧-ନୂଆପଡ଼ା ନିର୍ବାଚନମଣ୍ଡଳୀ ଇଆରଓଙ୍କ ନିକଟରେ ଭୋଟର ତାଲିକାରେ ସେମାନଙ୍କର ନାମ ଅନ୍ତର୍ଭୁକ୍ତ କରିବା ଓ ସଂଶୋଧନ ପାଇଁ ଆବେଦନ କରିଛନ୍ତି, ଆବେଦନଗୁଡ଼ିକ ଅସନ୍ତାକାଲି(ମଙ୍ଗଳବାର) ଅର୍ଥାତ ୭ତାରିଖରେ ଦାବି ଏବଂ ଆପତ୍ତିର ସମାଧାନର ଶେଷ ତାରିଖ ସୁଦ୍ଧା ଫଇସଲା କରିବାକୁ ପରାମର୍ଶ ଦିଆଯାଇଛି । ଆସନ୍ତା ୯ ତାରିଖରେ ପ୍ରକାଶିତ ଏବଂ ନାମାଙ୍କନ ଦାଖଲ ତାରିଖ ପର୍ଯ୍ୟନ୍ତ ଅଦ୍ୟତନ ହୋଇଥିବା ଚୂଡ଼ାନ୍ତ ଭୋଟର ତାଲିକା ନିର୍ବାଚନ ପାଇଁ ବ୍ୟବହାର କରାଯିବ ।

ରାଜ୍ୟର ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ଆଜି(ସୋମବାର) ଠାରୁ ଆଦର୍ଶ ଆଚରଣ ବିଧି ଲାଗୁହେବା ନେଇ ମୁଖ୍ୟ ନିର୍ବାଚନ କମିଶନରଙ୍କ ଘୋଷଣା ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ଉପରୋକ୍ତ ସମସ୍ତ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡଃ ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁଶ୍ରୀ ସଙ୍ଗୀତାଙ୍କ ମୃତ୍ୟୁକୁ ମାସେ ବିତିଲା : ପୋଲିସ ହାତ ଖାଲି

ବାହାନଗା, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ବଜାର ନିକଟରେଥିବା ଲକ୍ଷ୍ମୀନାରାୟଣ ମନ୍ଦିରରେ ଝୁଲନ୍ତା ଅବସ୍ଥାରେ ଏକ ଯୁବତୀଙ୍କ ମୃତ ଦେହ ମିଳିଥିଲା । ଯୁବତୀଜଣକ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ତାଙ୍କୁ କେହି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ ।ଏହାରି ଭିତରେ ଘଟଣାକୁ ମାସେ ବିତିଯାଇ ଥିଲେ ମଧ୍ୟ ସୋର ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇ ପାରିନି ।ଏପରିକି ଗତ ୧୬/୦୯/୨୫ ତାରିଖରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳଙ୍କୁ ଘଟଣା ବାବଦରେ ମୃତ ଯୁବତୀଙ୍କ ମାଆ ଚାରୁଚନ୍ଦ୍ରା ମଲ୍ଲିକ ସୋର ଥାନାରେ ତାଙ୍କ ଝିଅ ସୁଶ୍ରୀସଂଗୀତା ମହାରାଜଙ୍କୁ ହତ୍ୟା କରିଥିବାର ଅଭିଯୋଗ କରିଥିଲେ ।କିଛିଦିନ ହେବ ସୋର ପୋଲିସ ତଦନ୍ତ ଜାରୀରଖିଥିବା ବେଳେ ଏବେ ଧୀରେଧୀରେ ତଦନ୍ତରେ ଶିଥିଳତା ପଡୁଥିବାରୁ ଆଶା ଆଶଙ୍କା ଭିତରେ ପରିବାର ଲୋକଙ୍କୁ ଗତିକରିବାକୁ ପଡୁଛି । କିଛି ମୁଷ୍ଟିମେୟ ଲୋକଙ୍କ ଚାପରେ ସୋର ପୋଲିସ କୁଆଡେ ଚାପି ହୋଇ ଯାଇ ତଦନ୍ତରେ ଶିଥିଳତା ପକାଉଛି ବୋଲି କୁହାଯାଉଛି । ପୋଲିସ ଘଟଣାକୁ ଖାମଖିଆଲି ଭାବେ ନେଇ କୌଣସି ସିଡ଼ିଆର ବା କଲ ଡିଟେଲସକୁ ତଦନ୍ତ ପରିସରଭୁକ୍ତ ନକରି ଅଭିଯୁକ୍ତଙ୍କ ମୋବାଇଲ ସୁଇଜ ଅଫ ବୋଲି କରି ତଦନ୍ତକାରୀ ଅଫିସର ମୃତାହତଙ୍କ ପରିବାର ଲୋକଙ୍କୁ ଭୁଆଁ ବୁଲାଉଛି ।ଘଟଣା ବାବଦରେ ସୋର ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁଙ୍କୁ ପଚାରିବାରୁ ଏହା ହତ୍ୟା ନୁହେଁ ଆତ୍ମହତ୍ୟା ବୋଲି ପ୍ରାରମ୍ଭିକ ପର୍ଯ୍ୟାୟ ତଦନ୍ତରୁ ଜଣା ପଡ଼ିଛି ବୋଲି କହିଛନ୍ତି । ତେବେ ତଦନ୍ତ ଚାଲିଛି, ସମୟ ଲାଗିବ କହି ନିଜର ମତ ପ୍ରକାଶ କରିଥିଲେ ।

# ନାରୀ ନିର୍ଯାତନା ଓ ନିରାକରଣ ଶୀର୍ଷକ ଆଲୋଚନାଚକ୍ର

ଭୋଗରାଇ,(ସବ୍ୟୁ): ବାଲେଶ୍ୱରଜିଲା ଭୋଗରାଇ ବ୍ଲକ ନାଗରିକ ମଞ୍ଚ ଓ ଆଜାଦ ଯୁବ ପରିଷଦ ପକ୍ଷରୁ ଚନ୍ଦନେଶ୍ୱର ପବ୍ଲିକ ଲାଇବ୍ରେରୀ ହଲରେ ରବିବାର ଅପରାହ୍ନ ୪ ଟାରେ ନାରୀ ନିର୍ଯାତନା ଓ ନିରାକରଣ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ପୌରହିତ୍ୟ କରିଥିଲେ ଶିକ୍ଷାବିତ ଉତ୍ସବ କୁମାର କର ।ମୁଖ୍ୟ ଆଲୋଚକ ସାରା ଭାରତ ମହିଳା ସାଂସ୍କୃତିକ ସଂଗଠନର ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟା ପ୍ରଭା ମଞ୍ଜୁଳା ବ୍ରହ୍ମ ଯୋଗ ଦେଇ ପ୍ରଚଳିତ ସମାଜ ବ୍ୟବସ୍ଥାରେ ନାରୀ ପ୍ରତିଟି କ୍ଷେତ୍ରରେ ଭୟ ଓ ଆଶଙ୍କା ମଧ୍ୟରେ ଗତି କରୁଥିବାରୁ ନାରୀମାନେ ସଚେତନ ହୋଇ ଶକ୍ତିଶାଳୀ, ଐକ୍ୟବଦ୍ଧ ଦୀର୍ଘ ସ୍ଥାୟୀ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀପତି ସାଁ, ବିଶିଷ୍ଟ ଆଇନଜୀବୀ ସୁନୀଲ କୁମାର ଜେନା,ଶିକ୍ଷକ ବିଷ୍ଣୁପଦ ଦାସ, ମହିଳା ସାଂସ୍କୃତିକ ସଂଘର ସଂଗଠକ ପିଙ୍କି ମଲ୍ଲିକ, ସରୋଜିନୀ ମହାନ୍ତି,ଆଜାଦ ଯୁବ ପରିଷଦର ସଭାପତି ସରୋଜ ଖାଁ,ସମ୍ପାଦକ ସୁକୁମାର ସାହୁ,ଉପସଭାପତି ସଂଜୟ କୁମାର ପଣ୍ଡା, ନାଗରିକ ମଞ୍ଚର ନିରାକାର ପାଣ୍ଡ, ସପନ କୁମାର ପାତ୍ର, ସସ୍ମିତା ମହାନ୍ତି, କ୍ରିଷ୍ଣରାଣୀ ସାହୁ, ହରେକୃଷ୍ଣ ଦାସ,ବରେନ୍ଦ୍ର ଗିରି, ଧୀରେନ୍ଦ୍ର କୁମାର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।ଏହି ଆଲୋଚନା ଚକ୍ରରେ ବୁଦ୍ଧିଜୀବୀ, ମହିଳା, ଛାତ୍ରୀ,ଯୁବତୀ ଯୁବକ ମାନେ ଯୋଗ ଦେଇଥିଲେ ।

# ଓଡିଶା ପୋଲିସର ବୈଷୟିକ ଜ୍ଞାନକୌଶଳ ଅଧ୍ୟୟନ କଲେ ମହାରାଷ୍ଟ୍ର ପୋଲିସ

ଭୁବନେଶ୍ୱର: ମହାରାଷ୍ଟ୍ର ପୋଲିସର ଏକ ସ୍ୱତନ୍ତ୍ର ଟିମ ଓଡ଼ିଶା ପୋଲିସ ମୁଖ୍ୟାଳୟ, କଟକକୁ ଗସ୍ତ କରି ଓଡ଼ିଶା ପୋଲିସ ଦ୍ୱାରା ବିକଶିତ ଏବଂ ସଫଳ ଭାବରେ ରୂପାୟିତ ହୋଇଥିବା ଉନ୍ନତ ବୈଷୟିକ ଜ୍ଞାନ କୌଶଳର ପ୍ରୟାସ ସମ୍ପର୍କରେ ଅଧ୍ୟୟନ କରିଛନ୍ତି । ବିଭିନ୍ନ ଡିଜିଟାଲ୍ ମଡ୍ୟୁଲ୍‌ର ସୁପରିଚାଳନା, ଏବଂ ଉପକାରିତା, ପୋଲିସ ପ୍ରଶାସନରେ ଏହାର ଭୁମିକା, କାର୍ଯ୍ୟକୁଶଳତା, ପାରଦର୍ଶିତା ଓ ତଥ୍ୟ-ଆଧାରିତ ସମ୍ପର୍କରେ ମହାରାଷ୍ଟ୍ର ପୋଲିସ ଟିମ ଜ୍ଞାନ ଆରୋହଣ କରିଛନ୍ତି । ଆର୍ମସ୍ ଏବଂ ଆମୁନିସନ୍ ଇନଭେଣ୍ଟରି ମଡ୍ୟୁଲ୍ : ଏହି ମଡ୍ୟୁଲ୍ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଓ ତତ ସମ୍ପର୍କିତ ସାମଗ୍ରୀର ପରିଚାଳନା, ନିରୀକ୍ଷଣ ଓ ଦାୟିତ୍ୱକୁ ସୁପରିଚାଳନା କରିଥାଏ । ଏହି ମଡ୍ୟୁଲ ଦ୍ୱାରା ନିରୀକ୍ଷଣ ଓ ଦକ୍ଷ ଇନଭେଣ୍ଟରି ପରିଚାଳନା କାର୍ଯ୍ୟ ସଠିକ ଭାବେ ସମ୍ପାଦିତ ହୋଇଥାଏ । ଆଭ୍ୟନ୍ତରୀଣ ପୋଲିସ ଅଡିଟ୍ ସିଷ୍ଟମ୍: ଏକ ଆଧୁନିକ ଡିଜିଟାଲ୍ ସିଷ୍ଟମ୍ ଯାହା ସମ୍ପୂର୍ଣ୍ଣ ଅଡିଟ୍ ବ୍ୟବସ୍ଥାକୁ ଡିଜିଟାଇଜ୍ ଓ ସୁବ୍ୟବସ୍ଥିତ କରୁଛି । ଏହା ବିଭିନ୍ନ ସଂସ୍ଥା ପାଇଁ ବାର୍ଷିକ ଅଡିଟ୍ ପ୍ଲାନ୍ ସୃଷ୍ଟି କରିବାର ସୁବିଧା ପ୍ରଦାନ କରିଥାଏ । ଅଡିଟ୍ ସମାପ୍ତି ପରେ ଏହା ଡିଜିଟାଲ୍ ରିପୋର୍ଟ ତିଆରି କରି ସମ୍ବନ୍ଧିତ ୟୁନିଟ୍‌ଗୁଡ଼ିକୁ ପଠାଇବା ସହ ରିପୋର୍ଟକୁ ବିଭକ୍ତ କରିବା ସହ ସମୀକ୍ଷା ପାଇଁ ମୁଖ୍ୟାଳୟ ଅଡିଟ୍ ଟିମ୍‌କୁ ପଠାଯାଇଥାଏ । ମୋଟର ଯାନ ଫ୍ଲିଟ୍ ଓ ସରକାରୀ ସମ୍ପତ୍ତି ଷ୍ଟୋର :- ଓଡ଼ିଶା ପୋଲିସ ମୋଟର ଯାନ ଫ୍ଲିଟ୍ ଓ ସରକାରୀ ସମ୍ପତ୍ତି ଷ୍ଟୋର ପାଇଁ ସ୍ୱତନ୍ତ୍ର ଇନଭେଣ୍ଟରି ମେନେଜମେଣ୍ଟ ମଡ୍ୟୁଲ୍ ଶୁଭାରମ୍ଭ କରିଛି, ଯାହାର ସଠିକ ବ୍ୟବହାର ଓ ସୁପରିଚାଳନା ଦ୍ୱାରା ସମନ୍ୱୟ ସୁନିଶ୍ଚିତ ହୋଇଥାଏ । ଡିଜିପି ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଯତିନ୍ଦ୍ର କୋୟଲ୍, ଡେପୁଟି କମାଣ୍ଡାଣ୍ଟ ଶ୍ରୀ ଆନନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ମହାରାଷ୍ଟ୍ର ପୋଲିସ ଦଳକୁ ଏହି ପ୍ରଣାଳୀଗୁଡ଼ିକର ଡିଜାଇନ୍, ବିକାଶ ଓ କାର୍ଯ୍ୟପ୍ରଣାଳୀ ବିଷୟରେ ବିସ୍ତୃତ ଭାବେ ଅବଗତ କରିଥିଲେ ।

ଓଡ଼ିଶା ପୋଲିସର ପ୍ରଯୁକ୍ତି ବିଦ୍ୟାର ବ୍ୟବହାରିକତାକୁ ମହାରାଷ୍ଟ୍ର ପୋଲିସ ଦଳ ସ୍ୱାଗତ କରିବା ସହ ଉଚ୍ଚ ପ୍ରଶଂସା କରିଥିଲେ । ତଥ୍ୟର ଡିଜିଟାଇଜେସନ ଦ୍ୱାରା ଓଡ଼ିଶା ପୋଲିସ ପାରଦର୍ଶିତା, ଦାୟିତ୍ୱବୋଧତା ଓ କାର୍ଯ୍ୟକୁଶଳତାକୁ ତ୍ୱରାନ୍ୱିତ କରୁଛି ।


ପଞ୍ଚସଖା ଶିକ୍ଷା ସେତୁ ସଂଗଠନ
ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଦ୍ୟମ

**Panchasakha Shikhya Setu Sangathan**
A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha-751007

n- **Tender No. 1561 / Psss/25 Date : 06.10.25**

Sealed tender is invited from the intending company/ firm/agency for Photo Documentation of Schools for Panchasakha Shikhya Setu Sangathan's (Erstwhile Mo School Abhiyan) Coffee Table Book, A-1 Block, 6th floor, Toshali Bhawan, Satya Nagar Bhubaneswar, Odisha - 751007. The last date of submission of Tender is 20/10/2025 before 12:00 Noon. For more details, please visit the website pss.odisha.gov.in

By order of
Commissioner -Cum-Secretary to Govt S & MF Dept.
& Vice Chairperson, PSSS

OIPR : 27178/11/0024/2526



**AFFIDAVIT**

I Gopal Garg,S/O-Madan Lal Garg Resident At-D.A.V School Lane,Bisra Road, Rourkela,Dist-Sundargarh, Odisha,Pin code 769001 Declare by this Affidavit No-30759, Date-06/10/2025, that now onwards I shall be known as **Gopal Kumar Garg** for all Future purposes.



**AFFIDAVIT**

By virtue of an affidavit sworn before The Notary Public, Bhubaneswar dated. 06.10.2025.

1. J Sahiti Address Qtr No.238/c, Retang Colony, Ps-Jatni, Jatni, Dist-Khordha, Odisha-752050 declare that I have changed my name from J. Jagadamba to J Sahiti. Henceforth, I shall be known as J Sahiti for all purposes.



**AFFIDAVIT**

(above 18 years of age)

By virtue of an affidavit sworn before Notari Public Bhadrak dated 06.10.2025, I Giridhari Pallai Address at- Mustafapur, PO-Dobal, PS-Dhamnagar, Dist- Bhadrak, Odisha, Pin-756117, declare that I have changed my name from Madan Pallai to Giridhari Pallai. Henceforth I shall be known as Giridhari Pallai for all purposes.

Sd/- Giridhari Pallai
(New name)



**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT: SAMBALPUR (ODISHA),
PHONE: 0663-2950721 (0), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-PUR-91, Vol-IV/6627 Date : 04.10.2025

**TENDER CALL NOTICE NO. HHEP-57/2025**

CAD-1933 : Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/ Authorized Dealers / Authorized Channel Partners only for supply, supervision of installation, testing and commissioning of the following materials as mentioned below)

| Description of work / Service | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply, Supervision of installation, testing & Commissioning of 59Nos of VRLA Batteries (02V, 375AH) in factory charged condition as per IS 15549 along with stand and required connector and standard accessories on buy back of 59 Nos of old batteries (02V, 375AH) for 05KVA UPS of Unit No-1 & 2 of Burla Power House | Rs. 4720/- (Rs. 4000 + GST @ 18% | 7950/- |

- Period of sale/download of tender document : 09.10.2025 (10.00AM) to 22.10.2025 upto05.30PM
- Last date & Time of receipt of tender document: 23.10.2025 upto03.30PM
- Date & Time of opening of Techno Commercial bid : 23.10.2025 at 04.00PM
- Further details like tender documents / terms & conditions (corrigendum / erratum / addendum, if any), please visit our official website www.ohpcltd.com

OIPR : 04007/11/0075/2526 Sd/- C&PHead, HHEP, Burla



**QUOTATION CALL NOTICE FOR ENGAGEMENT OF TRAWLER FOR SEA PATROLLING DURING 2025-26 SEASON FOR PROTECTION & CONSERVATION OF OLIVE RIDLEY SEA TURTLES.**

MM-218

**DTCN-02/2025-26 of Puri (WL) Division : Puri**

Sealed quotations in plain paper/letterheads are invited from the intending owners having more than one SON A-type trawler with 400 BHP with a valid license along with insurance cover for "Engagement on the hire basis for Sea Turtle Protection duty during 2025-26 seasons." The period of engagement shall normally be from November 2025 to March 2026. The owners are to quote the monthly hire charges inclusive of all taxes, if any. but not the cost of fuel, which will be borne by this division. The detailed terms and conditions for the engagement of the trawler can be obtained from the Office of the undersigned during office hours from 03rd October, 2025 onwards. The quotation for hiring of the trawler (400 BHP) is to be submitted separately.

Sealed quotations are invited **from 08/10/2025 at 10:00 AM to 22/10/2025, up to 3:00 PM**. The quotations will be **opened on 23/10/2025 at 1:00 PM** in the conference hall of the undersigned. The undersigned reserves the right to accept or reject any quotation without assigning any reason thereof.

Sd/- Divisional Forest Officer
Puri (WL) Division, Puri

OIPR : 08140/11/0016/2526



e-mail : rwd_gajapati@yahoo.co.in

**GOVERNMENT OF ODISHA, OFFICE OF THE SUPERINTENDING ENGINEER**
**RURAL WORKS DIVISION GAJAPATI PARLAKHEMUNDI**

O-846

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender-03/GJP/2025-26**

1. Name of the Work : Building Works
2. Total No. Work : 10 (Ten) No. of Building Works
3. Estimated Cost : Rs. 39.47 lakhs to 38.54 lakhs
4. Class of Contractor : 'C' & 'B' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 08.10.2025 at 10.00 A.M. to 15.10.2025 up to 5.00 PM.
7. Date and Time of Opening of Tender : 16.10.2025 at 11.00 A.M.
8. Place of Opening : As per Annexure

Further details can be seen from the Website **www.tenderorissa.gov.in**

Sd/- EXECUTIVE ENGINEER
R.W. DIVN. GAJAPATI

OIPR : 25158/11/0024/2526



**Government of Odisha : Office of the Superintending Engineer**
**Rural Works Division-I, Nabarangpur.**
e-mail-eerwngp@rediffmail.com

Letter No : 5258 Date : 24.09.25

O-859

**e-Procurement Notice**

Name of the work : CD Works
Total No of works : 03 (Three) No's.
Approx. Estimated Cost : Rs. 22.88 lakhs to Rs. 63.56 lakhs
Class of Contractor : "B", "C" Class Contractor
Period of completion : 04 (Four) Calender Months

| Procurement Officer | Bid Identification No. | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | 5 | 6 | 7 |
| Rural Works Division-I, Nabarangpur | EERWNGP - Online 05/2025-26 | 03 (Three) No's. | 08.10.2025 at 10.00 AM | 18.10.2025 up to 03.00 PM | 20.10.2025 at 11.00 AM | To be Intimated Separately |

For Details can be seen from the Government website **www.tendersorissa.gov.in**

Sd/- Executive Engineer
Rural Works Division-I, Nabarangpur

OIPR : 25092/11/0021/2526



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୬୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୯୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୬୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୬୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୦୯୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୭୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ମୁମ୍ବାଇରେ ପ୍ରଥମ ଷ୍ଟେନଲେସ୍ ଷ୍ଟିଲ୍ ଫେବ୍ରିକେସନ୍ ଏକକ ଉନ୍ମୋଚନ କଲା ଜିନ୍ଦଲ ଷ୍ଟେନଲେସ୍

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ୍ ମୁମ୍ବାଇର ପାଟଲଗଙ୍ଗା ଅଂଚଳରେ ୱାଶିଭାଲିରେ ତାହାର ପ୍ରଥମ ଷ୍ଟେନଲେସ୍ ଷ୍ଟିଲ୍ ଫେବ୍ରିକେସନ୍ ଏକକ ଉନ୍ମୋଚନ କରିଛି, ଯାହା ଏକୀକୃତ ଭିତିଭୂମି ଶ୍ରେଷ୍ଠତ୍ୱରେ ନୂଆ ମାନଦଣ୍ଡ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି। ୪ ଲକ୍ଷ ବର୍ଗଫୁଟ ବିଶିଷ୍ଟ ଏହି ସୁବିଧା ବ୍ରିଜ୍ କ୍ଷେତ୍ରର ଆବଶ୍ୟକତା ପୂରଣ କରିବ ଏବଂ ବିଭିନ୍ନ ପ୍ରକାରର ଗାର୍ଡର ସମେତ ଗୁରୁତ୍ୱପୂର୍ଣ୍ଣ ଉପାଦାନ ନିର୍ମାଣ ଉପରେ ଧ୍ୟାନ ଦେବ। ଏହି ଏକକଟି ତରୁଣ ଖୁଲବେ, ସିଇଓ ଓ ସିଏଫଓ, ଜିନ୍ଦଲ୍ ଷ୍ଟେନଲେସ୍ ଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି ଏବଂ ତାଙ୍କ ସହିତ ଜିନ୍ଦଲ ଷ୍ଟେନଲେସ୍‌ର ବିକ୍ରୟ ମୁଖ୍ୟ ରାଜୀବ ଗର୍ଗ ଉପସ୍ଥିତ ଥିଲେ। ୧୨୫ କୋଟି ଟଙ୍କାରୁ ଅଧିକ ପ୍ରାରମ୍ଭିକ ନିବେଶ ସହିତ ନିର୍ମିତ ଏହି ସୁବିଧା କମ୍ପାନୀ ପାଇଁ ଏକ କୌଶଳଗତ ଅଗ୍ରଗତି ଚିହ୍ନିତ କରୁଛି, ଯାହା ଷ୍ଟେନଲେସ୍ ଷ୍ଟିଲ୍ ସାମଗ୍ରୀ ଯୋଗାଣକାରୀରୁ ଆରମ୍ଭ କରି ଭାରତର ଦ୍ରୁତ ବିକାଶମାନ ଭିତିଭୂମି କ୍ଷେତ୍ର ପାଇଁ ସମ୍ପୂର୍ଣ୍ଣ ଫେବ୍ରିକେସନ୍ ସମାଧାନ ପ୍ରଦାନ କରିବାକୁ ଏହାର ଅବସ୍ଥାନକୁ ମଜବୁତ କରୁଛି। ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ଏହି ଏକକ ବାର୍ଷିକ ୧୮,୦୦୦ ଟନ୍ ଫେବ୍ରିକେସନ୍ କ୍ଷମତା ହାସଲ କରିବ ବୋଲି ଆଶା କରାଯାଉଛି, ଯାହା ଚଳିତ ଆର୍ଥିକ ବର୍ଷରେ ଆନୁମାନିକ ୪,୦୦୦ ଟନ୍‌ରୁ ଅଧିକ, ଯାହା ଏହି ବିକାଶ ସମ୍ପର୍କରେ ମନ୍ତବ୍ୟ ପ୍ରଦାନ କରି ଜିନ୍ଦଲ ଷ୍ଟେନଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, "ଏହି ଫେବ୍ରିକେସନ୍ ଏକକ ଆମ ଗ୍ରାହକମାନଙ୍କୁ ଏକୀକୃତ ସମାଧାନ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।



ଦୀର୍ଘମିଆଦି ଓ ଉଚ୍ଚ-ଗୁଣସମ୍ପନ୍ନ ବ୍ରିଜ୍ ଭିତିଭୂମିର ବୃଦ୍ଧିଶୀଳ ଚାହିଦାକୁ ପୂରଣ କରିବ। କ୍ଷମତା ବୃଦ୍ଧି ବ୍ୟତୀତ, ଏହି ଏକକ ସିଧାସଳଖ ୨୫୦ରୁ ଅଧିକ ଚାକିରି ସୃଷ୍ଟି କରିବ ଏବଂ ୧୫୦ରୁ ଅଧିକ ପରିବାରକୁ ପରୋକ୍ଷ ଭାବେ ଉପକୃତ କରିବ, ସହିତ ଏହା ଦକ୍ଷତା ବିକାଶର ଏକ ଶ୍ରେଷ୍ଠତ୍ୱ କେନ୍ଦ୍ର ଭାବେ କାର୍ଯ୍ୟ କରିବ, ଯାହା ଭାରତର ଶ୍ରମଶକ୍ତିକୁ ଆଗାମୀ ଭିତିଭୂମି ପାଇଁ ସଜ୍ଜିତ କରିବ। ବ୍ରିଜ୍ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଜକ, ଯାହା ଲୋକ, ବ୍ୟବସାୟ ଓ ଦେଶର ଅର୍ଥନୈତିକ କାର୍ଯ୍ୟକଳାପକୁ ସଂଯୋଗ କରେ। ଏହି ଫେବ୍ରିକେସନ୍ ଏକକ ସହିତ, ଆମେ ନିଶ୍ଚିତ କରୁଛୁ ଯେ ଏହି ଗୁରୁତ୍ୱପୂର୍ଣ୍ଣ ଗଠନଗୁଡ଼ିକ ଗୁଣବତା, ନିର୍ଭରଯୋଗ୍ୟତା ଏବଂ ଦୀର୍ଘକାଳୀନ ମାନଦଣ୍ଡରେ ନିର୍ମିତ ହେଉଛି, ଯାହା ଭାରତର ବ୍ୟାପକ ଇନଫ୍ରାଷ୍ଟ୍ରକଚର ବୃଦ୍ଧିକୁ ସମର୍ଥନ କରେ।

## ଡ଼ ନାରାୟଣ ମହାପାତ୍ର ସମ୍ବର୍ଦ୍ଧିତ

ଭୁବନେଶ୍ୱର (ସବ୍ୟୁ): ଡ଼ ନାରାୟଣ ମହାପାତ୍ରଙ୍କୁ ନାଇଜେରିଆ ର ୬୫ ତମ ସ୍ୱାଧୀନତା ଦିବସ ଅବସରରେ ଏମ୍ବାଇରେ ଅଫ୍ ପିସ ଉଗାଣ୍ଡା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସମାଜ ସେବାରେ ନିଜକୁ ନିୟୋଜିତ କରି ଥିବା ଡ଼ ମହାପାତ୍ର ଅ ବହେଳିତ ବରିଷ୍ଠ ନାଗରିକ ଓ ଅବହେଳିତ ଛୋଟ ପିଲାମାନଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଦୀର୍ଘ ଦିନରୁ କରି ଆସୁଛନ୍ତି। ସେମାନ ଙ୍କ ସାଙ୍ଗେ କିଛି ସମୟ ରହି ସେମାନଙ୍କୁ ଖୁସି ଦେବା ତାଙ୍କର ମୂଳ ଲକ୍ଷ୍ୟ। ରକ୍ତଦାନ କାର୍ଯ୍ୟକ୍ରମ ଓ ଅବହେଳିତ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସମୟ ଦାନ କରି ସେ ଉଲ୍ଲେଖ ନିୟ କାର୍ଯ୍ୟ କରିଛନ୍ତି। ଶ୍ରୀ ମହାପାତ୍ର ପୂର୍ବରୁ ମଧ ରାଜ୍ୟ, ଦେଶ ଓ ଦେଶ ବାହାରୁ ମାନବ ମଙ୍ଗଳ କାର୍ଯ୍ୟ ନିମନ୍ତେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି।

### ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷାରେ କେଳେଙ୍କାରୀ

## ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ

ଭୁବନେଶ୍ୱର, (ସବ୍ୟୁ): ପୁଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ଆଶାୟୀଙ୍କୁ ନ୍ୟାୟ ଦାବି ସହ ଅନିୟମିତା ବିରୋଧରେକୁ ବିଜୁ ଯୁବ ଛାତ୍ର ଜନତା ଦଳ ନେତୃତ୍ୱରେ ଭୁବନେଶ୍ୱର ଠାରେ ହୋଇଛି ଜୋରଦାର ପ୍ରତିବାଦ । ପୁଲିସ ଏସ୍ଆଇ ନିଯୁକ୍ତିରେ ବ୍ୟାପକ ଅନିୟମିତତା ନେଇ ଦଳ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ୍ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆରମ୍ଭରୁ ଘଟଣାର ସିବିଆଇ ତଦନ୍ତ ଦାବି କରି ଆସୁଛି ବିଜେଡି । ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆନଗଲେ ଆଗକୁ ଜୋରଦାର ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି ବିଜୁ ଯୁବ ଛାତ୍ର ଜନତା ଦଳ ।

ସରକାରୀ ଚାକିରି ବିକ୍ରି ଭଳି ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଗତ ପନ୍ଦର ମାସରେ ୧୬ଟି ନିଯୁକ୍ତି ପରୀକ୍ଷା ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି, ଯାହା ଯୋଗୁ ନିଯୁକ୍ତି ଆଶାୟୀମାନେ ହତାଶ ହୋଇଛନ୍ତି । ପୋଲିସ ଏସଆଇ ପଦବୀ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା । ଏହାକୁ ଅକ୍ଟୋବର ୭ ଓ ୮ରେ



କରିବା ପାଇଁ ସ୍ଥିର କରାଯାଇଥିଲା, ଯାହାକୁ ୩୦ ସେପ୍ଟେମ୍ବର ଦିନ ଆଉଥରେ ବାତିଲ କରାଯାଇଛି । ଏହି ନିଯୁକ୍ତି ପ୍ରକ୍ରିୟାରେ ଜାଲିଆତିରେ ସମ୍ପୃକ୍ତ ଥିବା ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲଙ୍କୁ ଶ୍ରୀକାକୁଲମ ପୋଲିସ ଦ୍ୱାରା ଗିରଫ କରାଯାଇଛି । ନିଯୁକ୍ତି ପାଇଁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱରେ ଥିବା ସଂସ୍ଥା ଦ୍ୱାରା ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ମାଧ୍ୟମରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି । ଗିରଫ ପରୀକ୍ଷାର୍ଥୀ ମାନେ ମୋଟା ଅଙ୍କର ଲାଞ୍ଚ ଦେଇ ଏହି ଚାକିରି ହାତେଇବା ପାଇଁ ଉଦ୍ୟମ କରୁଥିଲେ ବୋଲି କୁହାଯାଉଛି । ପ୍ରାୟ ୨୦୦ କୋଟି ଟଙ୍କାର ଏହି ଜାଲିଆତି ହୋଇଥିବା କୁହାଯାଉଛି । କିନ୍ତୁ, ଏଠାରେ ପ୍ରଶ୍ନ ଉଠୁଛି ଯେ, ଲାଞ୍ଚ ଦେବା ଅଭିଯୋଗରେ ପରୀକ୍ଷାର୍ଥୀ ମାନେ ଯଦି ଗିରଫ ହେଲେ, ତାହେଲେ ଲାଞ୍ଚ ଗ୍ରହଣ କରିଥିବା ବ୍ୟକ୍ତିମାନେ ଗିରଫ ହେଉ ନାହାନ୍ତି କାହିଁକି?

କେଉଁ ପରିସ୍ଥିତିରେ ଓ କାହା ନିର୍ଦ୍ଦେଶରେ ପଞ୍ଚସଫ୍ଟ ଭଳି ଏକ ଅନଭିଜ୍ଞ କମ୍ପାନୀକୁ ଏଭିଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ବୋଲି ବିଜୁ ଯୁବ ଛାତ୍ର ଜନତା ଦଳ ପ୍ରଶ୍ନ କରିଛି । ଏବେ ଘଟଣାର ତଦନ୍ତ ପୋଲିସ କରୁଛି, ଯିଏ ନିଜେ ଏଥିରେ ସମ୍ପୃକ୍ତ । ଚାକିରି ଚୋର, ଗାଦି ଛାଡ଼ ସରକାର ବିରୋଧରେ ହେଇଥିବା ଏହି ଆନ୍ଦୋଳନରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଦୁଇ ସଭାପତି ଚିନ୍ମୟ ସାହୁ ଓ ଇପ୍ସିତା ସାହୁଙ୍କ ସହିତ ଦଳର ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡ଼େଇ, ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ମନ୍ମଥ ରାଉତରାୟ ଓ ଅମରେଶ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଭକ୍ତ ଦାସିଆ ପୀଠରେ ମା ବିମଳାଙ୍କ ମହାଲକ୍ଷ୍ମୀ ପୂଜା

ପିପିଲି , (ସବ୍ୟୁ): ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନାପୀଠ ପିପିଲି ନିକଟସ୍ଥ ବାଲିଗାଁଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ପାଶ୍ୱମନ୍ଦିରରେ ମା ମହାଲକ୍ଷ୍ମୀଙ୍କ ଏକ ଦିବସିୟ ଯଜ୍ଞ ଉତ୍ସବ ମହାସମାରୋହରେ ଭକ୍ତ ଦାସିଆ ସ୍ମୃତି କମିଟି ଆନୁକୂଲ୍ୟରେମହାସମାରୋହରେ ପାଳିତ ହୋଇଯାଇଛି । ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ତଥା ସମସ୍ତ ପାଶ୍ୱର୍ ମନ୍ଦିରରେ ଦୈନନ୍ଦିନ ଦେବନୀତିସହିତ ମହାଲକ୍ଷ୍ମୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାନୀତିର ଆୟୋଜନ ସହିତ ମା ମହାଲକ୍ଷ୍ମୀଙ୍କ ନୂତନ ବସ୍ତ୍ର ପରିଧାନ, ବିଭିନ୍ନସ୍ୱଜାତୀୟ ପୁଷ୍ପ ସଜ୍ଜା, ଅଖଣ୍ଡ ନାମ ସଂକୀର୍ତ୍ତନ ମଧ୍ୟରେ ଯଜ୍ଞ କାର୍ଯ୍ୟରେ ମୁଖ୍ୟକର୍ତ୍ତା ଭାବେ ସ୍ୱରୂପ କୁମାର ସାହୁ ଓ ତାଙ୍କଧର୍ମପନି ଶ୍ରୀମତୀ ତୃପ୍ତିମୟୀ ସାହୁ କାଯ୍ୟନିର୍ବାହ କରିଥିବା ବେଳେ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟପୂଜକ ଶ୍ରୀଲିଙ୍ଗରାଜ ପଣ୍ଡାଓ ସହାୟକ ପୂଜକ ଶ୍ରୀ ପ୍ରସନ୍ନ କୁମାର ପଣ୍ଡା ଯଜ୍ଞକାର୍ଯ୍ୟ ନିର୍ବାହ କରିଥିଲେ । ପୁଷ୍ପାଞ୍ଜଳୀରେ ଅନେକ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ଭକ୍ତ ଦାସିଆ ସଂକୀର୍ତ୍ତନ ମଣ୍ଡଳୀ ତରଫରୁ ଅଖଣ୍ଡ ନାମ ସଂକୀର୍ତ୍ତନ ଭକ୍ତ ଦାସିଆଙ୍କ ସମାଧି ପୀଠରେପରିବେଷଣ କରାଯାଇଥିଲା । ଶ୍ରୀଜଗନ୍ନାଥଙ୍କ ମନ୍ଦିର, ରାଧାମୋହନ ମଠ, ଐତିହ୍ୟ ପୁଷ୍କରଣୀ ଗୋଠ ଗଡ଼ିଆ, ତୁଳସୀଉଦ୍ୟାନ ନିକଟରେ ବହୁ ସଂଖ୍ୟାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଆସନ୍ତାକାଲିଠାରୁ ନଭେମ୍ବର ମାସ କାର୍ତ୍ତିକପୂର୍ଣ୍ଣମା ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୬ଟାରୁ ଠାରୁ ସନ୍ଧ୍ୟା୬ଟାପର୍ଯ୍ୟନ୍ତ ଭକ୍ତ ଦାସିଆ ସମାଧି ପୀଠ ସ୍ଥଳରେ ଅଖଣ୍ଡନାମ ସଂକୀର୍ତ୍ତନ କରାଯିବା ।



ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ତାମିଲନାଡୁ ଇଲେକ୍ସନ୍ ଇନ୍‌ଚାର୍ଜ ବୈଜୟନ୍ତ ପଣ୍ଡା ତାମିଲନାଡୁରେ ଦଳିୟ କର୍ମକର୍ତ୍ତାମାନଙ୍କ ସହିତ ଦଳର ସଂଗଠନକୁ ସୁଦୃଢ଼ କରିବା ଉପରେ ଆଲୋଚନା କରୁଛନ୍ତି ।

### ଏୟାରଟେଲ ବିଜିନେସ ପକ୍ଷରୁ

## ଆଇଆରଏସଓସିର ଏକ ବହୁ ବର୍ଷୀୟ ଚୁକ୍ତିନାମା ହାସଲ

ଭୁବନେଶ୍ୱର, (ସବ୍ୟୁ): ଏୟାରଟେଲ ବିଜନେସ ପକ୍ଷରୁ ଭାରତୀୟ ରେଳପଥର ଡିଜିଟାଲ ମେରୁଦଣ୍ଡକୁ ସୁରକ୍ଷିତ ରଖିବା ପାଇଁ ସମ୍ପୂର୍ଣ୍ଣ, ଶିଳ୍ପ ନେତୃତ୍ୱପୂର୍ଣ୍ଣ ସୁରକ୍ଷା ସେବା ଯୋଗାଇବା ପାଇଁ ଭାରତୀୟ ରେଳପଥ ସୁରକ୍ଷା ପରିଚାଳନା କେନ୍ଦ୍ର (ଆଇଆରଏସଓସି) ଠାରୁ ଏକ ବହୁ ବର୍ଷୀୟ ଚୁକ୍ତିନାମା ହାସଲ କରିଛି। ଦେଶର ରେଳ ସେବାଗୁଡିକ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସମ୍ପଦ ଅଟେ ଯାହା ପ୍ରତିଦିନ ୧୩,୦୦୦ରୁ ଅଧିକ ଟ୍ରେନ୍ ଚଳାଚଳ କରିବ ସହିତ୨୦ ନିୟୁତରୁ ଅଧିକ ଯାତ୍ରୀଙ୍କୁ ସେବା ପ୍ରଦାନ କରୁଛି ଏବଂ ପ୍ରତିଦିନ ଲକ୍ଷ ଲକ୍ଷ ଡିଜିଟାଲ କାରବାର ସକ୍ଷମ କରିବା ଏବଂ ବାର୍ଷିକ ୧.୫ ବିଲିୟନରୁ ଅଧିକ ଟନ୍ ମାଲ ପରିବହନ କରୁଛି। ଗ୍ରାହକମାନଙ୍କ ସମ୍ବେଦନଶୀଳ ପରିଚୟ, ଦେୟ ବିବରଣୀ ଏବଂ ଟିକଟିଂ, ଟ୍ରେନ୍ ଟ୍ରାକିଂ, ମାଲ ପରିବହନ ଏବଂ ସଙ୍କେତ ପ୍ରଣାଳୀ ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରୀ ଡାଟାବେସ୍ ସହିତ ଏହି ବିପୁଳ ପ୍ରବାହିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ସୁରକ୍ଷିତ ରଖିବା ବର୍ତ୍ତମାନର ବଢୁଥିବା ସାଇବର ବିପଦର ଯୁଗରେ ଅତ୍ୟନ୍ତ ଜରୁରୀ।

ଉନ୍ନତ ଏବଂ କେନ୍ଦ୍ରୀଭୂତ ସୁରକ୍ଷା ନିୟନ୍ତ୍ରଣ ସହିତ ଏୟାରଟେଲ ବିଜନେସ ରେଳବାଇର ବିସ୍ତୃତ ଡାଟାବେସକୁ ସୁରକ୍ଷିତ କରିବା ପାଇଁ ବହୁ-ସ୍ତରୀୟ ସୁରକ୍ଷା ଗଠନ କରିବ। ଏକ ସ୍ଥିତିସ୍ଥାପକ ଏବଂ ନିୟମାନୁଯାୟୀ ସୁରକ୍ଷିତ ବ୍ୟାକଏଣ୍ଡ ନିଶ୍ଚିତ କରିବ। ଏୟାରଟେଲ ବିଜନେସ ଦେଶର ରେଳ ସେବାଗୁଡିକର ଏଣ୍ଡ ଟୁ ଏଣ୍ଡ ଡିଜିଟାଲ କାର୍ଯ୍ୟକାରିତାକୁ ମଧ ସୁରକ୍ଷିତ ରଖିବ ଯେଉଁଥିରେ ୨୬ଟି ସ୍ଥାନରେ ବିସ୍ତାରିତ ୧,୬୦,୦୦୦ କର୍ମଚାରୀ ରହିଛନ୍ତି। ଏହି ପ୍ରଯୁକ୍ତି ଷ୍ଟାକ ବଜାରର ନେତୃତ୍ୱଶୀଳ ପ୍ରଯୁକ୍ତି ସହିତ ଉନ୍ନତ 'ମେକ ଇନ ଇଣ୍ଡିଆ' ସାଇବର ସୁରକ୍ଷା ଉତ୍ପାଦକୁ ସାମିଲ କରିବ ଏବଂ ଗୁରୁତ୍ୱପୂର୍ଣ୍ଣ ମୂଳଢାଞ୍ଚା ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଏକ ସାର୍ବଭୌମ, ସମ୍ପୂର୍ଣ୍ଣ ନିୟମାନୁଯାୟୀ ଏବଂ ଏଆଇ-ସମନ୍ୱିତ ସୁରକ୍ଷା ପରିବେଶ ପ୍ରଦାନ କରିବ।

### ଏନ୍ଏସ୍ଇ ମଲ୍ଟିସ୍ପେଶାଲିଟି ହସ୍ପିଟାଲ ବ୍ଲକ

## ବୋନମାରୋ ଟ୍ରାନ୍ସପ୍ଲାଣ୍ଟ ସେଣ୍ଟର ପାଇଁ ଭୂମିପୂଜା




ଭୁବନେଶ୍ୱର, (ସବ୍ୟୁ) : ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନଏସଇ) ଏହାର ସିଏସଆର ଅଭିଯାନର ଅଂଶ ଭାବେ ନଭି ମୁମ୍ବାଇରେ ଏକ ଉଲ୍ଲେଖନୀୟ ଜି+୧୧-ଷ୍ଟୋରେ କ୍ୟାନ୍‌ସର ହସ୍ପିଟାଲ ପ୍ରକଳ୍ପ ସହିତ ମଲ୍ଟିସ୍ପେଶାଲିଟି ବ୍ଲକ ଓ ୬୦-ବେଡ୍ ବୋନ ମାରୋ ଟ୍ରାନ୍ସପ୍ଲାଂଟ (ବିଏମଟି) ସେଂଟର ପାଇଁ ଟାଟା ମେମୋରିଆଲ ସେଣ୍ଟର (ଟିଏମସି) ସହ ହାତ ମିଳାଇଛି । ଏହି ସେଣ୍ଟର ଦକ୍ଷିଣ ଏସିଆର ଅନ୍ୟତମ ସର୍ବବୃହତ ଓ ଦେଶର ସର୍ବବୃହତ ସେଣ୍ଟର ହେବ । ଏହା ବାର୍ଷିକ ହାରାହାରି ୧.୩ ଲକ୍ଷ ଓପିଡି ରୋଗୀଙ୍କୁ ସେବା ଯୋଗାଇବ ବୋଲି ଆକଳନ କରାଯାଉଛି ଏବଂ ଏଠାରେ ପ୍ରତି ବର୍ଷ ୬୦୦ରୁ ଅଧିକ ଜୀବନ ରକ୍ଷାକାରୀ ବିଏମଟି ପଦ୍ଧତି ପରିଚାଳନା କରିବା ପାଇଁ କ୍ଷମତା ରହିବ । ଏହି ପ୍ରକଳ୍ପକୁ ୨.୪ ଲକ୍ଷ ବର୍ଗଫୁଟ ଅଂଚଳରେ ୩୮୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ । ଏହା ଜୁଲାଇ ୨୦୨୭ ସୁଦ୍ଧା ପରିଚାଳନା ଆରମ୍ଭ କରିବାର ସମ୍ଭାବନା ରହିଛି । ଲାର୍ସେନ ଆଣ୍ଡ ଟର୍ବୋ (ଏଲ୍ଆଣ୍ଡଟି) ଇପିସି ମୋଡରେ ଏହି ପ୍ରକଳ୍ପର ନିର୍ମାଣ କରିବ । ଏହି ସେଂଟର ପାଇଁ ଏନଏସଇ ଓ ଟିଏମସିର ପ୍ରତିନିଧି ଓ ହିତାଧିକାରୀଙ୍କ ଉପସ୍ଥିତିରେ ଭୂମି ପୂଜା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏନଏସଇ ପକ୍ଷରୁ ଟାଟା ମେମୋରିଆଲ ସେଣ୍ଟର ଦ୍ୱାରା ସ୍ଥାପିତ ନଭି ମୁମ୍ବାଇର ଆଡ୍‌ଭାନ୍ସଡ ସେଂଟର ଫର ଟ୍ରିଟମେଂଟ, ରିସର୍ଚ୍ଚ ଆଣ୍ଡ ଏଜୁକେଶନ ଇନ କ୍ୟାନସର (ଏସିଟିଆରଇସି) ସହ ସହଭାଗିତା କରାଯାଇଛି । ନଭି ମୁମ୍ବାଇରେ ଏସିଟିଆରଇସି କ୍ୟାମ୍ପସରେ ଏକ ଜି+୧୧ ଷ୍ଟୋରେ ମଲ୍ଟିସ୍ପେଶାଲିଟି ହସ୍ପିଟାଲ ବ୍ଲକ ଆଣ୍ଡ ବୋନ ମାରୋ ଟ୍ରାନ୍ସପ୍ଲାଂଟ ସେଂଟର୍ ବିକଶିତ କରିବା ପାଇଁ ଏହି ସହଭାଗିତା ହୋଇଛି । ମାର୍ଚ୍ଚ ୨୦୨୩ରେ ଏନଏସଇ ବୋର୍ଡ ଏହି ପ୍ରକଳ୍ପକୁ ଅନୁମୋଦନ ଦେଇଥିଲା ଏବଂ ଟିଏମସି ସହ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା ।

### ବେଦାନ୍ତ ଆଲୁମିନିୟମ କାର୍ଯ୍ୟସ୍ଥଳ ତଥା

## ସାମ୍ପ୍ରଦାୟିକ ପଦକ୍ଷେପ ମାଧ୍ୟମରେ ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ଝାରସୁଗୁଡ଼ା ଏବଂ ଲାଞ୍ଜିଗଡ଼ କାର୍ଯ୍ୟସ୍ଥଳରେ ପ୍ରଭାବଶାଳୀ ପଦକ୍ଷେପ ତଥା ବିଶ୍ୱବ୍ୟାପୀ "ବିଟ୍ ମିସ୍ କରନ୍ତୁ ନାହିଁ" ବିଷୟବସ୍ତୁ ସହିତ ବିଶ୍ୱ ହୃଦୟ ଦିବସ ୨୦୨୫ ପାଳନ କରିଛି। କାର୍ଯ୍ୟକ୍ରମଗୁଡ଼ିକ ବିଶ୍ୱବ୍ୟାପୀ ଅକାଳ ମୃତ୍ୟୁର ଏକ ପ୍ରମୁଖ କାରଣ ହୃଦରୋଗ (ସିଭିଡି) ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା, ପ୍ରତିରୋଧକ ପରାମର୍ଶ ଏବଂ ଜୀବନ ରକ୍ଷାକାରୀ ଜରୁରୀକାଳୀନ ପ୍ରତିକ୍ରିୟା କିଟ୍ ବଂଟନ ମାଧ୍ୟମରେ ପ୍ରସ୍ତୁତିକୁ ସୁଦୃଢ଼ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। କମ୍ପାନିର ଆଲୁମିନା ରିଫାଇନାରୀ ଲାଞ୍ଜିଗଡ଼ରେ, ବୃତିଗତ ସ୍ୱାସ୍ଥ୍ୟ କେନ୍ଦ୍ର ହୃଦରୋଗ ବ୍ୟାଧି ଉପରେ ଏକ ବିସ୍ତୃତ ସଚେତନତା ଅଧିବେଶନ ଆୟୋଜନ କରିଥିଲା, ଯେଉଁଥିରେ ହୃଦରୋଗର ପ୍ରାରମ୍ଭିକ ଲକ୍ଷଣ, ସମ୍ବନ୍ଧିତ ବିପଦ ଏବଂ ପ୍ରତିରୋଧକ ରଣନୀତି ଅନ୍ତର୍ଭୁକ୍ତ କରାଯାଇଥିଲା। ସନ୍ଦେହଜନକ ହୃଦରୋଗ ପାଇଁ ଏକ ଜରୁରୀକାଳୀନ ପ୍ରାଥମିକ ଚିକିତ୍ସା ପ୍ରତିକ୍ରିୟା କିଟ୍, ଲୋଡିଂ ଡୋଜ୍ କିଟ୍ ର ଶୁଭାରମ୍ଭ ଥିଲା ମୁଖ୍ୟ ଆକର୍ଷଣ। ଅଧିବେଶନ ସମୟରେ ୧୦୦ ରୁ ଅଧିକ କିଟ୍ ବଂଟନ କରାଯାଇଥିଲା, ଝାରସୁଗୁଡାରେ, ପଂଚଟି ଗ୍ରାମରେ ସଚେତନତା ଅଧିବେଶନ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା - ବଞ୍ଜାରୀ, ଚିଥିଆପଡ଼ା, ଡାଲକି, ଶିବରାମପୁର ଏବଂ ସୁନାରିମୁଣ୍ଡା। ଚିକିତ୍ସା ବିଶେଷଜ୍ଞଙ୍କ ନେତୃତ୍ୱରେ,




ଆଗାମୀ ମାସଗୁଡ଼ିକରେ ସଚେତନତା ଅଭିଯାନ ସହିତ ଅତିରିକ୍ତ ୯୦୦ କିଟ୍ ପ୍ରସାରଣ କରିବାର ଯୋଜନା ରହିଛି ଯାହା କାର୍ଯ୍ୟଶକ୍ତିରେ ପ୍ରସ୍ତୁତିକୁ ବିସ୍ତାର କରିବ। ଅଧିବେଶନରେ କର୍ମଚାରୀ ଏବଂ ବରିଷ୍ଠ ନେତୃତ୍ୱ ଦଳର ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ବେଦାନ୍ତ ଆଲୁମିନିୟମର ମେଗା ଆଲୁମିନିୟମ ସ୍ମେଲଟର ଏହି ଅଭିଯାନରେ ସିଭିଡି ନିବାରଣ, ନିୟମିତ ଯାଂଚର ଗୁରୁତ୍ୱ ଏବଂ ଜୀବନଶୈଳୀ ପରିବର୍ତନ ଉପରେ ପାରସ୍ପରିକ ଆଲୋଚନା କରାଯାଇଥିଲା, ତା'ପରେ ସ୍ଥାନରେ ସ୍କ୍ରିନିଂ କରାଯାଇଥିଲା। ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ସାମଗ୍ରୀ ମଧ ବଂଟନ କରାଯାଇଥିଲା, ଯାହା ଦ୍ୱାରା ୩୦୦ ରୁ ଅଧିକ ଗ୍ରାମବାସୀ ଉପକୃତ ହୋଇଥିଲେ। ଏହା ଉପରେ ମତାମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ଏକ ସମୃଦ୍ଧ କର୍ମଶକ୍ତି ଏବଂ ସୁସ୍ଥ ପଡ଼ୋଶୀକୁ ସ୍ଥାୟୀ ଅଭିବୃଦ୍ଧିର ମୂଳଦୁଆ ଭାବରେ ଦେଖୁ। ପ୍ରତିରୋଧକ ସ୍କ୍ରିନିଂ ଏବଂ ସଚେତନତା ଅଭିଯାନ ଠାରୁ ଆରମ୍ଭ କରି ଜୀବନ ରକ୍ଷାକାରୀ ଜରୁରୀକାଳୀନ ପ୍ରସ୍ତୁତି ପର୍ଯ୍ୟନ୍ତ ବର୍ଷସାରା ସ୍ୱାସ୍ଥ୍ୟସେବା ପଦକ୍ଷେପ ମାଧ୍ୟମରେ, ଆମେ ଏକ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖୁଛୁ। ଆମର ବିଶ୍ୱ ହୃଦୟ ଦିବସ ପାଳନ ହେଉଛି ଏପରି ଏକ ଉଦାହରଣ ଯେ ଆମେ କିପରି ଯତ୍ନକୁ କାର୍ଯ୍ୟ ସହିତ ମିଶ୍ରଣ କରୁ, ଏହା ନିଶ୍ଚିତ କରେ ଯେ ଆମର କର୍ମଶକ୍ତି ଏବଂ ଆମ ଚାରିପାଖର ସମ୍ପ୍ରଦାୟ ଉଭୟ ସୂଚିତ, ସୁରକ୍ଷିତ ଏବଂ ସୁସ୍ଥ ଜୀବନଯାପନ ପାଇଁ ସଶକ୍ତ।

ବିଶ୍ୱ ହୃଦୟ ଦିବସ ପଦକ୍ଷେପଗୁଡ଼ିକ ବେଦାନ୍ତ ଆଲୁମିନିୟମର ବୃହତ ସ୍ୱାସ୍ଥ୍ୟସେବା ଇକୋସିଷ୍ଟମ ଉପରେ ନିର୍ମାଣ କରେ, ଯାହା ଭାରତର କିଛି ଅବହେଳିତ ସମ୍ପ୍ରଦାୟକୁ ସୁଲଭ, ଗୁଣାତ୍ମକ ସେବା ପ୍ରଦାନ କରେ। କମ୍ପାନୀ କଳାହାଣ୍ଡିରେ ହସ୍ପିଟାଲ, ଝାରସୁଗୁଡା ଏବଂ ଲାଇକେରାରେ ଉନ୍ନତ ଡାଇଗ୍ନୋଷ୍ଟିକ୍ ସେଂଟର ଏବଂ ନୟା ରାୟପୁରରେ ୧୭୦ ଶଯ୍ୟା ବିଶିଷ୍ଟ କର୍କଟ ହସ୍ପିଟାଲ, ବାଲ୍କୋ ମେଡିକାଲ୍ ସେଂଟର ପରିଚାଳନା କରେ। ଏହା ସହିତ, ମୋବାଇଲ୍ ହେଲ୍ଥ ୟୁନିଟ୍‌ଗୁଡ଼ିକର ସିଧାସଳଖ ଲୋକଙ୍କ ଦ୍ୱାରଦେଶରେ ପରାମର୍ଶ, ରୋଗ ନିର୍ଣ୍ଣୟ ଏବଂ ଔଷଧ ପହଂଚାଇଥାଏ, ଯେତେବେଳେ କମ୍ୟୁନିଟି ଆଉଟରିଚ୍ କାର୍ଯ୍ୟକ୍ରମଗୁଡ଼ିକ ମେଗା ହେଲ୍ଥ କ୍ୟାମ୍ପ ଏବଂ ମୋତିଆବିନ୍ଦୁ ଅସ୍ତ୍ରୋପଚାରଠାରୁ ଆରମ୍ଭ କରି ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ, ଏଚଆଇଭି/ଏଡ୍ସ,ଟିବି, କର୍କଟ ଏବଂ ଦୀର୍ଘକାଳୀନ ରୋଗ ଉପରେ ସଚେତନତା ଅଭିଯାନ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ। ଏକତ୍ର, ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କର୍ମଶକ୍ତି ସହିତ ସୁସ୍ଥ ସମ୍ପ୍ରଦାୟ ଗଠନ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ଫୁଲନଖରା-ନିଆଳି ୬୦ ନମ୍ବର ରାଜ ରାଜପଥ ଅବସ୍ଥା ଶୋଚନୀୟ

କଣ୍ଟାପଡ଼ା, (ସବ୍ୟୁ):ଫୁଲନଖରା-ନିଆଳି ୬୦ ନମ୍ବର ରାଜ ରାଜ୍ୟପଥ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଶୋଚନୀୟ ଅବସ୍ଥାରେ ରହିଛି । ରାସ୍ତା ସାରା ଖାଲଖମା ସୃଷ୍ଟି ହୋଇ ସେଥିରେ ବର୍ଷା ପାଣି ଜମି ରହିବାଦ୍ୱାରା ଦୈନିକ ଦୁର୍ଘଟଣା ଘଟୁଛି । କଟକ ପୂର୍ତ୍ତ ବିଭାଗ ଅଧିନରେ ଥିବା ଏହି ୩୨ କିଲୋମିଟର ଦୈର୍ଘ୍ୟ ରାସ୍ତାରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଯାତ୍ରୀବାହୀ ବସ ଓ ଅନାନ ଯାନ ଚଳାଚଳ କରିଥାଏ । ମାତ୍ର ରାସ୍ତା ଭାଙ୍ଗିରୁଜି ଖାଲଖମାରେ ପରିଣତ ହେବା ସହିତ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଏତଦ ବତୀତ ବୁଲା ଗୋରୁଙ୍କ ଅବାଧ ବିଚରଣ ମଧ ଉଦବେଗର କାରଣ ପାଲଟିଛି । ରାତି ସମୟରେ ବୁଲା ଗୋରୁ ଓ ଷଣ୍ଢ ରାସ୍ତାରେ ଶୋଇ ରହିବାରୁ ବାଇକ ଆରୋହୀ ଜାଣିନପାରି ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ଗତ ୨୨ତାରିଖରେ ଓଲଟପୁର ଥାନା ଅନ୍ତ"ର୍ଗତ ପିଙ୍ଗାପଡ଼ା ଅଞ୍ଚଳର ଦୁଇ ଜଣ ବାଇକ ଆରୋହୀ ଆମ୍ରପଲ୍ଲୀ ଛକରେ ଶୋଇଥିବା ଷଣ୍ଢ ସହ ଧକ୍କା ହୋଇ ଗୁରୁତର ଆହତ ହୋଇଥିଲେ ।

## ଆସିବେ ମୁଖ୍ୟମନ୍ତ୍ରୀ : ମହୋତ୍ସବ ପଡିଆରେ ତଦାରଖ କଲେ କଟକ ଜିଲ୍ଲାପାଳ

ବାଙ୍କୀ ,(ସବ୍ୟୁ): କୁମାର୍ ପୂର୍ଣ୍ଣିମା ତିଥିରେ ମଙ୍ଗଳ ବାର ସନ୍ଧ୍ୟାରେ ଆରମ୍ଭ ହେବ ବାଙ୍କୀ ରଗଣ ପର୍ବ ବାଙ୍କୀ ମହୋତ୍ସବ ୨୦୨୫ । ଚଳିତ ବର୍ଷ ବାଙ୍କୀ ମହୋତ୍ସବ ରୌପ୍ୟ ଜୟନ୍ତୀ ପାଳନ କରିବାକୁ ଯାଉଛି । ଏହି ଅବସର ରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପ୍ରଥମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ର ଶତ ବାର୍ଷିକ ଉତ୍ସବ ରେ ଯୋଗ ଦେଇ ପରେ ବାଙ୍କୀ ର ଅଧିଷ୍ଠାତ୍ରୀ ଦେବୀ ମା ଚର୍ଚ୍ଚିକାଙ୍କୁ ଦର୍ଶନ କରିବା ପରେ ମହୋତ୍ସବ ମଣ୍ଡପରେ ସାଧାରଣ ସଭାରେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ତେଣୁ ମୁଖ୍ୟମନ୍ତ୍ରୀଙ୍କ ଗ୍ରସ୍ତକୁ ନେଇ କଟକ ଜିଲ୍ଲାପାଳ ଦତ୍ତା ତ୍ରୟ ଭାଉ ସାହେବ ସିନ୍ଦେ ବାଙ୍କୀରେ ପହଞ୍ଚି ବାଙ୍କୀ ଉପ ଜିଲ୍ଲାପାଳ ପ୍ରଣବ କୁମାର ବେହେରା,ତହସିଲଦାର ଅଶେଷ କୁମାର୍ ନାୟକ ଓ ମହୋତ୍ସବ କମିଟି କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଛନ୍ତି । ସେଠାରୁ ମାଆ ଚର୍ଚ୍ଚିକାଙ୍କ ମନ୍ଦିର ପରିସର ନିକଟକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । କିଭଳି ଭାବେ ସୁରୁଖୁରୁରେ ମୁଖ୍ୟମନ୍ତ୍ରୀ ମାଆ ଚର୍ଚ୍ଚିକାଙ୍କୁ ଦର୍ଶନ କରିବେ ସେ ନେଇ ପ୍ରଶାସନିକ ସ୍ତର ରେ ପ୍ରତି ମୁହୂର୍ତ୍ତରେ ତଦାରଖ ଚାଲିଛି ।

ଶୁଭେଚ୍ଛା ବାର୍ତ୍ତା
ପବିତ୍ର ଗଜଲକ୍ଷ୍ମୀ ପୂଜା ଏବଂ 'ସମୟ'ର ୨୯ତମ ସ୍ୱନକ୍ଷତ୍ର ଅବସରରେ ପୁରୁଣା କଟକ ପଞ୍ଚାୟତର ସମସ୍ତ ଜନସାଧାରଣ ଓ ବୌଦ୍ଧ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଅଶୋକ କୁମାର ସେଠୀ
ସରପଞ୍ଚ,
ପୁରୁଣା କଟକ ଗ୍ରାମପଞ୍ଚାୟତ,
ଜିଲ୍ଲା– ବୌଦ୍ଧ

# ନଭେମ୍ବରରେ ୨ ଟି ପର୍ଯ୍ୟାୟରେ ବିହାର ବିଧାନସଭା ଭୋଟ୍

ନୂଆଦିଲ୍ଲୀ : ବିହାର ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା ହୋଇଛି। ଦୁଇଟି ପର୍ଯ୍ୟାୟରେ ବିହାରର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ନଭେମ୍ବର ୬ ହେବାକୁ ଥିବା ବେଳେ ନଭେମ୍ବର ୧୧ ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ। ୧୪ ତାରିଖରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ।


ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ନିର୍ବାଚନ କମିଶନର ସୁଖବିର ସିଂ ସାନ୍ଧୁ ଓ ବିବେକ ଯୋଶୀ ଆଜି ଏହି ସୂଚନା ଗଣମାଧ୍ୟମକୁ ଦେଇଛନ୍ତି। ସେମାନେ କହିଛନ୍ତି ଯେ ବିହାରରେ ସୁରକ୍ଷା ବ୍ୟବସ୍ଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଓ ମୁକ୍ତ ଓ ଅବାଧ ନିର୍ବାଚନ ନେଇ ପାଟଣା ଠାରେ ସପ୍ତାହ ବ୍ୟାପି ସମିକ୍ଷା କରାଯାଇଛି। ବିହାରରେ ସମୁଦାୟ ୨୪୩ ଟି ଆସନ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୨୧ ଟି ଆସନ ଓ ଦ୍ୱିତୀୟ ପର୍ଯ୍ୟାୟ ୧୧୨ ଆସନ ଲାଗି ଭୋଟ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟ ପାଇଁ ଅକ୍ଟୋବର ୧୭ ସୁଦ୍ଧା




ନାମାଙ୍କନ ଦାଖଲ କରାଯିବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଅକ୍ଟୋବର ୨୦ ସୁଦ୍ଧା ନାମାଙ୍କନ ଦାଖଲ ଶେଷ ହେବ। ପ୍ରଥମ ଥର ପାଇଁ ବିହାରର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ଲାଗି ଜଣେ ଲେଖାଏଁ ମୋଟ ୨୪୩ ଜଣ ସାଧାରଣ ପର୍ଯ୍ୟବେକ୍ଷକ ନିର୍ବାଚନ ପ୍ରକ୍ରିୟା ତଦାରଖ କରିବେ। ବିହାରର ୮.୫୩ ଲକ୍ଷ ମତଦାନ କର୍ମଚାରୀ ରହିବେ। ଯେଉଁଥିରେ ମତଦାନ ପାଇଁ ୧୭୮୦୦ କ୍ଷୁଦ୍ର ପର୍ଯ୍ୟବେକ୍ଷକ ଓ ଗଣନା ପାଇଁ ୪୮୦୦ କ୍ଷୁଦ୍ର ପର୍ଯ୍ୟବେକ୍ଷକଙ୍କୁ ସାମିଲ କରାଯାଇଛି। ୨୯ ରୁ ଅଧିକ ଗଣନା ଅଧିକାରୀ ଓ ୨.୫ ଲକ୍ଷ ପୋଲିସ ଅଧିକାରୀ ମୁତୟନ ହେବେ। ଆଜିଠାରୁ ଆଚରଣ ବିଧି ଲାଗୁ କରାଯାଇଛି। ବିଧାନସଭା କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ନିର୍ବାଚନ ଅନୁଷ୍ଠିତ ହେବ। ରାଜନୈତିକ ଦଳଗୁଡିକୁ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ସେମାନଙ୍କ ନିର୍ବାଚନ ଏଜେଣ୍ଟ ନିଯୁକ୍ତ କରିବାକୁ ଏବଂ ଫର୍ମ ୧୭ ସି ସମେତ ଭୋଟ ପ୍ରକ୍ରିୟା ସମରେ ସେମାନେ ଉପସ୍ଥିତ ରହିବାକୁ କୁହାଯାଇଛି। ଭୋଟରଙ୍କ ସୁବିଧାକୁ ଦୃଷ୍ଟି ଦିଆଯାଇ ପ୍ରତି ବୁଥ୍‌ରେ ସର୍ବାଧିକ ଭୋଟର ସଂଖ୍ୟା ୧୨୦୦ କୁ ହ୍ରାସ କରାଯାଇଛି। ଭୋଟରଙ୍କୁ ମୋବାଇଲ ଫୋନ ନେବା ଲାଗି ଅନୁମତି ଦିଆଯିବ। ଇଭିଏମ୍‌ରେ ପାର୍ଥିଙ୍କ ନାମ ବଡ ଅକ୍ଷରରେ ସେମାନଙ୍କ ଫଟୋ ଗ୍ରାଫ ପ୍ରଦର୍ଶନ ହେବ। ବିହାରରେ ନିର୍ବାଚନ ଲାଗି ପ୍ରଥମ ଥର ଲାଗି ସ୍ପେସାଲ ଇଣ୍ଟେସିଭ ଡିଭିଜନ କରାଯାଇଛି। ୧୫ ଦିନ ମଧ୍ୟରେ ନୂଆ ଭୋଟର କାର୍ଡ ଉସ୍ତୁ ପ୍ରଦାନ କରାଯିବ। ବିହାରରେ ଭୋଟରଙ୍କ ସଂଖ୍ୟା ଏସ୍‌ଆଇଆର ପରେ ୭.୯ କୋଟି ରହିଛି। ସୂଚନା ଯୋଗ୍ୟ ବିହାରରେ ମୁଖ୍ୟତଃ ବିଜେପି ନେତୃତ୍ୱାଧିନ ଏନ୍‌ଡିଏ ଓ ମହାଗଠବନ୍ଧନ ମଧ୍ୟରେ ଲଢେଇ ହେବ। ମହାଗଠବନ୍ଧନରେ ଆରଜେଡି, କଂଗ୍ରେସ ସମେତ ବାମପନ୍ଥୀମାନେ ରହିଛନ୍ତି। ୨୦୨୦ ନିର୍ବାଚନରେ ବିଜେପି ନେତୃତ୍ୱାଧିନ ମେଣ୍ଟ ୧୨୫ ଆସନରେ ଜିତିଥିଲା। ବିଜେପି ୭୪ ଆସନରେ ଜିତିଥିବା ବେଳେ ଜେଡୟୁ ୪୩ ଓ ଅନ୍ୟମାନେ ୮ ଆସନରେ ବିଜୟୀ ହୋଇଥିଲେ। ସେହିଭଳି ମହାଗଠବନ୍ଧନକୁ ମିଳିଥିବା ୧୧୦ ଆସନ ମଧ୍ୟରୁ ଆରଜେଡି ୭୫, କଂଗ୍ରେସ ୧୯ ଓ ଅନ୍ୟମାନେ ୧୬ ଆସନରେ ଜିତିଥିଲେ।

# ଇସ୍ତଫା ଦେଲେ ଫ୍ରାନ୍ସ ପ୍ରଧାନମନ୍ତ୍ରୀ

ପ୍ୟାରିସ୍ : ଫ୍ରାନ୍ସରେ ରାଜନୈତିକ ସଙ୍କଟ କମିବାର କୌଣସି ଲକ୍ଷଣ ଦେଖାଯାଉନାହିଁ। ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସମସ୍ୟା କମିବା ପରି ବି ଲାଗୁନାହିଁ। କାହିଁକି ନା, ନିଯୁକ୍ତ ହେବାର ମାତ୍ର ମାସକ ମଧ୍ୟରେ ପ୍ରଧାନମନ୍ତ୍ରୀ ସେବାଷ୍ଟିଏନ ଲେକୋର୍ନୁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ନବନିଯୁକ୍ତ ପ୍ରଧାନମନ୍ତ୍ରୀ ସେବାଷ୍ଟିଏନ ଲେକୋର୍ନୁଙ୍କ ଇସ୍ତଫା।



ମାକ୍ରନଙ୍କ ପାଇଁ ଏକ ନୂଆ ଚିନ୍ତା ପାଲଟିଛି। ନୂତନ କ୍ୟାବିନେଟ ଘୋଷଣା ହେବାର କିଛି ଘଣ୍ଟା ପରେ ଏହି ଇସ୍ତଫା ୟୁରୋପୀୟ ଦେଶକୁ ଆହୁରି ରାଜନୈତିକ ଅଚଳାବସ୍ଥାରେ ପକାଇ ଦେଇଛି। ଏହା ଉଲ୍ଲେଖନୀୟ ଯେ, ମାକ୍ରନ ଗତ ମାସରେ ହିଁ ଲେକୋର୍ନୁଙ୍କୁ ପ୍ରଧାନମନ୍ତ୍ରୀ ପଦ ପାଇଁ ମନୋନୀତ କରିଥିଲେ। ତେବେ ରବିବାର ବିଳମ୍ବିତ ରାତିରେ ପ୍ରାୟତଃ କୌଣସି ପରିବର୍ତ୍ତନ ବିନା ମାକ୍ରନଙ୍କ ନୂତନ କ୍ୟାବିନେଟ ତାଲିକା ଘୋଷଣା ସମାଲୋଚନାକୁ ଖୋରାକ ଯୋଗାଇଛି। ଏହି ଘୋଷଣାର ମାତ୍ର କିଛି ଘଣ୍ଟା ପରେ ହିଁ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଖବର ପ୍ରକାଶ ପାଇଛି। ଯାହାକି ସଭିଙ୍କୁ ଚକିତ କରିଛି। ସେବାଷ୍ଟିନ୍ ଲେକୋର୍ନୁ ସପ୍ତମ ପ୍ରଧାନମନ୍ତ୍ରୀ ହୋଇଥିଲେ। ରାଷ୍ଟ୍ରପତି ମାକ୍ରୋନ୍ ରବିବାର ରାତିରେ ଏକ ନୂତନ ସରକାର ଘୋଷଣା କରିଥିଲେ। କିନ୍ତୁ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନିଜେ ଇସ୍ତଫା ଦେଇଛନ୍ତି।

# ହୋଟେଲ ରୁମରେ ଡାକ୍ତରୀ ଛାତ୍ରୀଙ୍କୁ ନିଶା ଦେଇ ଦୁଷ୍କର୍ମ!

ନୂଆଦିଲ୍ଲୀ : ରାଜଧାନୀ ଦିଲ୍ଲୀରୁ ଆସିଛି ସାଂଘାତିକ ଅଭିଯୋଗ। ଜଣେ ୧୮ ବର୍ଷୀୟ ଏମବିବିଏସ୍ ଛାତ୍ରୀ ତାଙ୍କ ୨୦ ବର୍ଷୀୟ ବନ୍ଧୁଙ୍କ ବିରୋଧରେ ଆଣିଛନ୍ତି ଦୁଷ୍କର୍ମ ଅଭିଯୋଗ। ବନ୍ଧୁତା ସ୍ଥାପନ କରିବାକୁ ୨୦ ବର୍ଷୀୟ ଯୁବକ ଜଣଙ୍କ ତାଙ୍କୁ ହୋଟେଲକୁ ନେଇଥିଲେ। ଏହାପରେ ଆଦର୍ଶ ନଗର ସ୍ଥିତ ହୋଟେଲରେ ଦୁଷ୍କର୍ମ କରିଥିବା ଛାତ୍ରୀ ଜଣଙ୍କ କହିଛନ୍ତି।

ପୂରା ଘଟଣା ସେପେଟମ୍ବର ୯ରେ ଘଟିଥିଲାଛ ଘଟଣା ପରେ ଛାତ୍ରୀ ଜଣଙ୍କ ଅଭିଯୋଗ କରିବାକୁ ଚାହୁଁଥିଲେ। କିନ୍ତୁ ଅଭିଯୁକ୍ତ ଜଣଙ୍କ ତାଙ୍କୁ ଘଟଣା ବେଳରେ ରେକର୍ଡ କରିଥିବା ଭିଡିଓକୁ ଭାଇରାଲ କରିବାର ଧମକ ଦେଇଥିଲେ। ତେଣୁ ସେ ଏଯାଏ ଚୁପ ରହିଥିବା ମଧ୍ୟ ପୁଲିସ୍କୁ ଜଣାଇଛନ୍ତି।ପୀଡ଼ିତା ଜଣଙ୍କ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଅଭିଯୁକ୍ତ ଜଣଙ୍କ ତାଙ୍କ କଲେଜର ଡାକ୍ତରୀ ଛାତ୍ର। ଘଟଣା ଦିନ ସେ ତାଙ୍କୁ ବନ୍ଧୁତା ସ୍ଥାପନ କରିବା ଆଳରେ ହୋଟେଲ ଆପଲକୁ ନେଇ ଯାଇଥିଲେ। ଉଭୟ ଗୋଟିଏ କଲେଜରେ ପୁଥିବାରୁ ଛାତ୍ରୀ ଜଣଙ୍କ ଅଭିଯୁକ୍ତଙ୍କ କଥାରେ ହୋଟେଲ ଯିବାକୁ ରାଜି ହୋଇ ଯାଇଥିଲେ।

କିନ୍ତୁ ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତ ଜଣଙ୍କ ତାଙ୍କ ଅସଲ ରୂପ ଦେଖାଇଥିଲେ। ସେ ପିଡ଼ୀତାଙ୍କୁ ଗୋଟିଏ ରୁମକୁ ନେଇ ଥଣ୍ଡା ପାନୀୟ ଦେଇଥିଲେ। ବାସ୍ତବରେ ଏଥିରେ ନିଶା ବଟିକା ମିଶା ଯାଇଥିଲା। ଏହାକୁ ପିଇବା ପରେ ଛାତ୍ରୀ ଜଣଙ୍କ ନିଜର ହୋସ ହରାଇ ବସିଥିଲେ। ଏହାପରେ ଅଭିଯୁକ୍ତ ଜଣଙ୍କ ତାଙ୍କୁ ଦୁଷ୍କର୍ମ କରିଥିଲେ। ଖାଲି ସେତିକି ନୁହେଁ, ଘଟଣାର ବେଳର ଭିଡିଓ ଓ ଅଶ୍ଳୀଳ ଫଟୋକୁ ଭାଇରାଲ କରିବାର ଧମକ ଦେଇ ଅଭିଯୁକ୍ତ ଜଣଙ୍କ ତାଙ୍କୁ ଭୟଭୀତ କରି ଚାଲିଥିବା ପୀଡ଼ିତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ସିଜେଆଇଙ୍କୁ ଜୋତା ଫିଙ୍ଗିବା ଉଦ୍ୟମ : ଓକିଲ ସସ୍‌ପେଣ୍ଡ

ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ମଧ୍ୟରେ ପ୍ରଧାନବିଚାରପତି ବିଆର ଗଭାଇନଙ୍କ ଉପରେ ଜୋତା ଫୋପାଡିବାକୁ ଉଦ୍ୟମ କରିଥିବା ଆଇନଜୀବିଙ୍କୁ ବାର କାଉନ୍‌ସିଲ୍ ନିଲମ୍ବିତ କରିଛି। ୭୧ ବର୍ଷୀୟ ଆଇନଜୀବି ରାକେଶ କିଶୋର ଏହି ଉଦ୍ୟମ କରିଥିଲେ। ଭାରତୀୟ ବାର କାଉନସିଲ ତୁରନ୍ତ ତାଙ୍କୁ ନିଲମ୍ବିତ କରିବା ସହ ତାଙ୍କ ଲାଇସେନ୍ସକୁ ରଦ୍ଧ କରିଛନ୍ତି। ସୁପ୍ରିମକୋର୍ଟ ନିର୍ଦ୍ଦିଷ୍ଟ ଜେନେରାଲ ମଧ୍ୟ ଦିଲ୍ଲୀ ପୋଲିସକୁ ସମ୍ପୃକ୍ତ ଆଇନଜୀବି ତାଙ୍କ ଜୋତା ଓ କାଗଜପତ୍ର ହସ୍ତାନ୍ତର କରିବାକୁ କହିଥିଲେ। ରେଜିଷ୍ଟର ଜେନେରାଲଙ୍କ ଠାରୁ ଅନୁମତି ପାଇବା ପରେ ଦିଲ୍ଲୀ ପୋଲିସ ସୁରକ୍ଷା ୟୁନିଟ୍ ଓ ନୂଆଦିଲ୍ଲୀ ଜିଲ୍ଲା ପୋଲିସ ଅଧିକାରୀମାନେ ତାଙ୍କୁ ପଚରାଉଚରା କରିଥିଲେ। ପ୍ରଧାନବଚାରପତିଙ୍କୁ ଏକ ଶୁଣାଣି ସମୟରେ ଆଇନଜୀବି ରାଜେଶ କିଶୋର




ସନାତନ ଧର୍ମର ଅପମାନକୁ ଭାରତ ସହିବ ନାହିଁ ବୋଲି ଏଭଳି କହି ଏହି ପଦକ୍ଷେପ ନେଇଥିଲେ। ରାଜେଶ କିଶୋରଙ୍କ ନିକଟରୁ ଏକ ଧଳା କାଗଜ ନୋଟ୍ ଉଦ୍ଧାର କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ ମୋର ବାର୍ତ୍ତା ପ୍ରତ୍ୟେକ ସନାତନଙ୍କ ପାଇଁ। କୋର୍ଟ ରୁମରେ ଏପରି କାର୍ଯ୍ୟ ପରେ ପ୍ରଧାନବିଚାରପତିଙ୍କ ସମେତ ଜଷ୍ଟିସ୍ ବିନୋଦ ଚନ୍ଦ୍ରମ୍ ସ୍ଥିର ହୋଇ ବସିଥିଲେ ଓ ପୁଣି ଶୁଣାଣି ଜାରି କରିଥିଲେ। ଏପରି କାର୍ଯ୍ୟ ତାଙ୍କୁ ବିଚ୍ୟୁତ କରିପାରିବ ନାହିଁ ବୋଲି କହିଥିଲେ। କୋର୍ଟ ନମ୍ବର ୧ ରେ କାର୍ଯ୍ୟ ଚାଲୁଥିବା ସମୟରେ ଏପରି ଘଟଣା ଘଟିଥିଲା।

# ଲିଙ୍ଗାୟତଙ୍କୁ ନେଇ ସିଦ୍ଧରମୈୟାଙ୍କ ମନ୍ତବ୍ୟରୁ ବିବାଦ

ବେଙ୍ଗାଲୁରୁ : ଲିଙ୍ଗାୟତଙ୍କ ଉପରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ମନ୍ତବ୍ୟ ପରେ ରାଜ୍ୟରେ ଲିଙ୍ଗାୟତବାଦ ପ୍ରସଙ୍ଗ ପୁଣି ଥରେ ଉଷ୍ମ ହୋଇଛି। ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ଏକ ପ୍ରମୁଖ ବିବୃତିରେ ଲିଙ୍ଗାୟତବାଦକୁ ହିନ୍ଦୁ ଧର୍ମଠାରୁ ପୃଥକ ଏକ ସ୍ୱାଧୀନ ଧର୍ମ ଭାବରେ ବର୍ଣ୍ଣନା କରିଛନ୍ତି।

ତାଙ୍କର ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ରାଜ୍ୟରେ ଏକ ସାମାଜିକ-ଶିକ୍ଷା ସର୍ଭେ ଚାଲିଛି ଏବଂ ଲିଙ୍ଗାୟତ ସମ୍ପ୍ରଦାୟ ସେମାନଙ୍କର ପରିଚୟକୁ ଏକ ପୃଥକ ଧର୍ମ ଭାବରେ ପଞ୍ଜିକୃତ କରିବା ଉଚି କି ହିନ୍ଦୁ ଧର୍ମ ମଧ୍ୟରେ ଏକ ଜାତି ଭାବରେ ପଞ୍ଜିକୃତ କରିବା ଉଚି ସେ ବିଷୟରେ ଦ୍ୱନ୍ଦରେ ଅଛନ୍ତି। ଏହି ବିବୃତି କର୍ଣ୍ଣାଟକ ରାଜନୀତିରେ ଏକ ନୂତନ ବିତର୍କ ସୃଷ୍ଟି କରିଛି।

ଲିଙ୍ଗାୟତ ଆସୋସିଏସନ ଦ୍ୱାରା ଆୟୋଜିତ ବାସବ ସାଂସ୍କୃତିକ



ଅଭିଯାନ ୨୦୨୫ର ସମାପନୀ ସମାରୋହ ସମୟରେ ଏହି ବିବାଦ ଉପୁଜିଛି। ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା କହିଛନ୍ତି ଯେ, ଜାତି ପ୍ରଥା ସମାଜରେ ରହିଛି। ସମାଜ ସଂସ୍କାରକ ବାସଭନ୍ନ ଏହାକୁ ମୂଳୋତ୍ପାଟନ କରିବା ପାଇଁ ଏକ ପୃଥକ ଧର୍ମ ପ୍ରତିଷ୍ଠା କରିଥିଲେ। କଂଗ୍ରେସ ଦଳ ଲିଙ୍ଗାୟତମାନଙ୍କୁ ଏକ ପୃଥକ ଧର୍ମ ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରୁଥିବା ବେଳେ, ବିରୋଧୀ ବିଜେପି ହିନ୍ଦୁତ୍ୱକୁ ସୁଦୃଢ଼ କରିବା ପାଇଁ ହିନ୍ଦୁ ଧର୍ମ ମଧ୍ୟରେ ନିଜକୁ ଏକ ଜାତି ଭାବରେ ଚିହ୍ନଟ କରିବାକୁ ସମ୍ପ୍ରଦାୟକୁ ଅନୁରୋଧ କରୁଛି।

ସିଦ୍ଦରମୈୟା ତାଙ୍କ ଭାଷଣରେ ଜାତି ବ୍ୟବସ୍ଥାକୁ କଡ଼ା ସମାଲାଚନା କରିଛନ୍ତି। ସେ କହିଛନ୍ତି, ଚାତୁଃବର୍ଣ୍ଣ ବ୍ୟବସ୍ଥା ଅନୁସାରେ ମୁଁ ଜଣେ ଶୁଦ୍ର। କେବଳ ମୁଁ ଜଣେ ଶୁଦ୍ର ହୋଇଥିବାରୁ ମୋତେ ଶିକ୍ଷା ଏବଂ ସମାନତା ଭଳି ସୁଯୋଗରୁ ବଞ୍ଚିତ କରାଯାଇପାରିବ ନାହିଁ। ସେ ସ୍ପଷ୍ଟ କରିଛନ୍ତି ଯେ, କେହି ତାଙ୍କ ଜାତି ଆଧାରରେ ମହାନ କିମ୍ବା ପ୍ରସିଦ୍ଧ ହୋଇପାରନ୍ତି ନାହିଁ। ଜ୍ଞାନ କୌଣସି ଗୋଟିଏ ବ୍ୟକ୍ତିଙ୍କ ସମ୍ପତ୍ତି ନୁହେଁ ଏବଂ ଏହାକୁ କାହାକୁ ମନା କରାଯାଇପାରିବ ନାହିଁ। ସମାଜ ସଂସ୍କାରକ ରାମ ମନୋହର ଲୋହିଆଙ୍କୁ ମନେ ପକାଇ ସିଦ୍ଦରମୈୟା କହିଛନ୍ତି, ଏକ ମାନବିକ ସମାଜ ଗଠନର ଲକ୍ଷ୍ୟ ହାସଲ କରିବା ପାଇଁ ଆମ ସମସ୍ତଙ୍କୁ ଏକତ୍ରିତ ହେବାକୁ ପଡିବ।

# ରାଜସ୍ଥାନ ସରକାରୀ ହସ୍ପିଟାଲରେ ନିଆଁ : ୭ ରୋଗୀଙ୍କ ମୃତ୍ୟୁ

ଜୟପୁର : ରାଜସ୍ଥାନର ଜୟପୁରରେ ଥିବା ସଓ୍ୱାଇ ମାନ ସିଂହ ହସ୍ପିଟାଲରେ ଭୟଙ୍କର ଅଗ୍ନିକାଣ୍ଡ। ହସ୍ପିଟାଲର ଟ୍ରମା ସେଣ୍ଟରର ଆଇସିୟୁରେ ନିଆଁ ଲାଗି ୭ ଜଣଙ୍କ ମୃତ୍ୟୁ ହୋଇଛି। ଆଇସିୟୁରେ ନିଆଁ ଲାଗିବା କ୍ଷଣି ରୋଗୀଙ୍କୁ ସହାୟତା କରିବା ବଦଳରେ ହସ୍ପିଟାଲର କର୍ମଚାରୀମାନେ ସେଠାରୁ ଚାଲି ଯାଇଥିବା ଅଭିଯୋଗ ହୋଇଛି। ହସ୍ପିଟାଲ ବିଲଡିଂର ଦ୍ୱିତୀୟ ମହଲାରେ ଶର୍ଟ ସର୍କିଟରୁ ଏତେ ବଡ଼ ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ଅଗ୍ନିକାଣ୍ଡ ପୂରା ଫ୍ଲୋରରେ ଧୂଆଁ ଭର୍ତ୍ତି ହୋଇଯାଇଥିଲା। ଏଥିରେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଆତଙ୍କିତ ହୋଇପଡ଼ିଥିଲେ। ଅଣନିଃଶ୍ୱାସୀ ହୋଇ ୭ ଜଣ ରୋଗୀଙ୍କ ମୃତ୍ୟୁ ହୋଇଛି। ଅନେକ କାଗଜପତ୍ର, ଆଇସିୟୁ ସରଞ୍ଜାମ, ରକ୍ତ ନମୁନା ଟ୍ୟୁବ୍ସ ଓ ଅନ୍ୟାନ୍ୟ ଜିନିଷପତ୍ର ନିଆଁରେ ପୋଡ଼ି ହୋଇ ପାଉଁଶ ହୋଇଯାଇଛି।

ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଉଦ୍ଧାର କରିବା ସହ ନିଆଁକୁ ଆୟତ୍ତ କରିଥିଲେ। ନିଆଁକୁ ଆୟତ୍ତ କରିବା ପାଇଁ ପ୍ରାୟ ୨ ଘଣ୍ଟା ସମୟ ଲାଗିଥିଲା।

ଟ୍ରମା ସେଣ୍ଟର ଇନ ଚାର୍ଜ ଅନୁରାଗ ଧାକଡ କହିଛନ୍ତି ଯେ ଦ୍ୱିତୀୟ ମହଲାରେ ମୋଟ ଦୁଇଟି ଆଇସିୟୁ ରହିଛି। ଗୋଟିଏ ଟ୍ରମା ଆଇସିୟୁ ଓ ଆଉ ଗୋଟିଏ ହେଉଛି ସେମି ଆଇସିୟୁ। ଟ୍ରମା ଆଇସିୟୁରେ ୧୧ ଜଣ ଓ ସେମି ଆଇସିୟୁରେ ୧୩ ଜଣ ରୋଗୀ ରହିଥିଲେ। ଟ୍ରମା ଆଇସିୟୁରେ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ଏହାପରେ ଏହା ଦ୍ରୁତଗତିରେ ବ୍ୟାପିବା ସହ ବିଷାକ୍ତ ଗ୍ୟାସ ପୂରା ଫ୍ଲୋରକୁ କବଜା କରି ନେଇଥିଲା।

ଟ୍ରମା ସେଣ୍ଟରରେ ଥିବା ଅଧିକାଂଶ



ରୋଗୀ ଏହାର ସଂସ୍ପର୍ଶରେ ଆସି ଗୁରୁତର ହୋଇଯାଇଥିଲେ। ଏମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଥିଲା। ଶତ ଚେଷ୍ଟା ସେ‰ ସେମାନଙ୍କ ଜୀବନ ବଞ୍ଚା ଯାଇପାରିନି। ମୃତକଙ୍କ ମଧ୍ୟରେ ୪ ଜଣ ପୁରୁଷ ଓ ୨ ଜଣ ମହିଳା ରହିଛନ୍ତି। ଏବେ ଆଉ ୫ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ସେ ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକଙ୍କ ପରିବାର ଲୋକଙ୍କ ପ୍ରତି ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମେଡିକାଲ ଶିକ୍ଷା ବିଭାଗର କମିଶନର ଇକବାଲ ଖାନଙ୍କ ନେତୃତ୍ୱାଧୀନ କମିଟି ପୂରା ଘଟଣାର ତଦନ୍ତ କରିବ।

ଅଗ୍ନିକାଣ୍ଡର କାରଣ, ନିଆଁ ଲାଗିବା ପରେ ହସ୍ପିଟାଲ ମ୍ୟାନେଜମେଣ୍ଟ କ'ଣ ସବୁ ପଦକ୍ଷେପ ନେଇଥିଲେ, ଟ୍ରମା ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା, ଅଗ୍ନିକାଣ୍ଡ ପରେ ରୋଗୀଙ୍କ ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟକୁ କେମିତି ତ୍ୱରାନ୍ୱିତ, ସେସବୁର ତଦନ୍ତ କମିଟି ପକ୍ଷରୁ କରାଯିବ। ଅଗ୍ନିକାଣ୍ଡ ପରେ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ନିଜର ଦିଲ୍ଲୀ ଗସ୍ତକୁ ବାତିଲ କରିଛନ୍ତି। ରୋଗୀଙ୍କ ପରିବାର ଲୋକ କହିଛନ୍ତି ଯେ ଆମେ ଧୂଆଁକୁ ଦେଖିବା ମାତ୍ରେ ହସ୍ପିଟାଲ କର୍ମଚାରୀଙ୍କୁ ସୂଚିତ କରିଥିଲୁ। କିନ୍ତୁ ସେମାନେ ଏହାକୁ ଧ୍ୟାନ ଦେଇ ନଥିଲେ। ନିଆଁ ଲାଗିବା ପରେ ସେମାନେ ପ୍ରଥମେ ବିଲଡିଂରୁ ଚାଲି ଯାଇଥିଲେ। ଏବେ ଆମ ରୋଗୀଙ୍କ ଅବସ୍ଥା ସମ୍ପର୍କରେ ଆମକୁ କେହି କିଛି କହୁ ନାହାନ୍ତି।

ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି, ଆଇସିୟୁରେ ନିଆଁ ଲାଗିଥିଲା। କିନ୍ତୁ ଏହାକୁ ଲିଭାଇବା ପାଇଁ କୌଣସି ପ୍ରକାରର ଇକ୍ୟୁପମେଣ୍ଟ ସେଠାରେ ନଥିଲା। ମୋ ମା' ସେଥିରେ ପ୍ରାଣ ହରାଇଛନ୍ତି। ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆଦୌ ନାହିଁ।

# ନୋବେଲ ପୁରସ୍କାର ବିଜେତାଙ୍କୁ ମିଳେ ଏସବୁ ସୁବିଧା

ନୂଆଦିଲ୍ଲୀ: ବାସ୍ତବରେ ନୋବେଲ ପୁରସ୍କାରକୁ ବିଶ୍ୱର ସବୁଠାରୁ ମର୍ଯ୍ୟାଦାଜନକ ସମ୍ମାନ ଭାବରେ ବିବେଚନା କରାଯାଏ। ଏହା ପାଉଥିବା ବ୍ୟକ୍ତି କେବଳ ସେମାନଙ୍କ କ୍ଷେତ୍ରରେ ନୁହେଁ ବରଂ ବିଶ୍ୱବ୍ୟାପୀ ଏକ ପରିଚୟ ପାଇଥାନ୍ତି। ଏହି ପୁରସ୍କାର ଡାଇନାମାଇଟ୍ ଉଦ୍‌ଭାବନକାରୀ ସ୍ୱିଡିସ୍ ବୈଜ୍ଞାନିକ ଆଲଫ୍ରେଡ୍ ନୋବେଲଙ୍କ ଇଚ୍ଛାପତ୍ର ଅନୁଯାୟୀ ଆରମ୍ଭ କରାଯାଇଥିଲା। ସେ ସର୍ତ୍ତ ରଖିଥିଲେ ଯେ ମାନବତା ପାଇଁ ଅସାଧାରଣ ଅବଦାନ ଦେଇଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରିବା ପାଇଁ ତାଙ୍କର ସମ୍ପତ୍ତି ପ୍ରତିବର୍ଷ ବ୍ୟବହାର କରାଯିବ। ନୋବେଲ ଫାଉଣ୍ଡେସନ୍ ଅନୁଯାୟୀ, ପ୍ରତ୍ୟେକ ବିଜେତା ୧୧ ନିୟୁତ ସ୍ୱିଡିସ୍ କ୍ରୋନର କିମ୍ବା ଭାରତୀୟ ମୁଦ୍ରାରେ ପ୍ରାୟ ୮.୫ କୋଟି ଟଙ୍କା ପାଆନ୍ତି। ଯଦି ଏକ ନିର୍ଦ୍ଦିଷ୍ଟ ବର୍ଗରେ ଜଣେରୁ ଅଧିକ ବ୍ୟକ୍ତି ଜିତିଥାନ୍ତି, ତେବେ ପୁରସ୍କାର ସମାନ ଭାବରେ ବଣ୍ଟନ କରାଯାଏ। ଏହା ସହିତ, ବିଜେତାମାନେ ଶୁଦ୍ଧ ସୁନାରେ ତିଆରି ଏକ ନୋବେଲ ପଦକ ପାଆନ୍ତି। ଏହି ପଦକରେ ଆଲଫ୍ରେଡ ନୋବେଲଙ୍କ ଏକ ଖୋଦିତ ପ୍ରତିକୃତି ରହିଛି ଏବଂ ପ୍ରତ୍ୟେକ ବର୍ଗ ପାଇଁ ଡିଜାଇନ୍ ଟିକିଏ ଭିନ୍ନ। ଏକ ଡିପ୍ଲୋମା (ସାର୍ଟିଫିକେଟ୍) ମଧ୍ୟ ପ୍ରଦାନ କରାଯାଏ, ଯେଉଁଥିରେ ବିଜେତାଙ୍କ ନାମ ଏବଂ ସଫଳତା ଲେଖାଯାଇଥାଏ।

# ତେଜସ୍ୱୀଙ୍କୁ ଓ୍ୱେସିଙ୍କ ଖୋଲା ଚ୍ୟାଲେଞ୍ଜ

ନୂଆଦିଲ୍ଲୀ: ବିହାର ବିଧାନସଭା ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା ହୋଇଛି ନିର୍ବାଚନ କମିଶନ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବିଧାନସଭା ନିର୍ବାଚନର ତାରିଖ ଘୋଷଣା କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ ବିହାର ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ପାଇଁ ଭୋଟଗ୍ରହଣ ନଭେମ୍ବର ୬ ତାରିଖରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଭୋଟଗ୍ରହଣ ନଭେମ୍ବର ୧୧ ତାରିଖରେ ହେବ। ୧୪ ତାରିଖରେ ଭୋଟଗଣନା କରାଯିବଛ ତେବେ ବିହାରରେ ଏବେ ରାଜନୈତିକ ବୟାନବାଜି ଜୋର ଧରିଛି।

ଅସଦୁଦ୍ଦିନ ଓ୍ୱେସିଙ୍କ ଦଳ (ଏଆଇଏମଆଇଏମ) କହିଛି ଯେ ମହାଗଠବନ୍ଧନ ସହିତ ମେଣ୍ଟ କରି ୨୦୨୫ ବିହାର ବିଧାନସଭା ନିର୍ବାଚନରେ ଲଢ଼ିବାକୁ ଚାହୁଁଥିଲୁ, କିନ୍ତୁ ଆରଜେଡିଠାରୁ ସବୁଜ ସଙ୍କେତ ପାଇନାହୁଁ। ଏହି ପରିପ୍ରେକ୍ଷୀରେ, ଅସଦୁଦ୍ଦିନ ଓ୍ୱେସି



ଆଜି ଦରଭଙ୍ଗାରେ ଆୟୋଜିତ ଏକ ରାଲିରେ ତେଜସ୍ୱୀ ଯାଦବ ଏବଂ ଆରଜେଡି ଉପରେ କଠୋର ଆକ୍ରମଣ କରିଥିଲେ।

ସାଂସଦ ଅସଦୁଦ୍ଦିନ ଓ୍ୱେସି କହିଛନ୍ତି, ତେଜସ୍‌ଓ୍ୱୀ ଯାଦବ କହିଥିଲେ ଯେ ତାଙ୍କ ବାପା ଚିଠି ପାଇଥିବେ, ସେ ଚିଠି ପାଇଁନାହାନ୍ତି ତେଣୁ ଆମେ ତାଙ୍କୁ ମଧ୍ୟ ଚିଠି ଲେଖିବାକୁ କହିଥିଲୁ। ଅଖତାରୁଲ ଇମାନ ଚିଠି ଲେଖିଥିଲେ ଏବଂ ଡ୍ରମ୍ ବଜାଇ ତାଙ୍କ ଘରକୁ ଯାଇ ଏହାକୁ ପହଞ୍ଚାଇ କହିଲେ, 'କାନ ଖୋଲି ଶୁଣ, ଆମେ ଦେଉଛୁ।

ଅସଦୁଦ୍ଦିନ ଓ୍ୱେସି ଆହୁରି କହିଛନ୍ତି, ଅଖତାରୁଲ ଇମାନ (ଏଆଇଏମଆଇଏମର ବିହାର ରାଜ୍ୟ ସଭାପତି) ଚିଠିରେ ଯାହା ଲେଖିଥିଲେ ଯେ ଆମକୁ ଛଅଟି ଆସନ ଦିଅ। ସେ ଏହା ମଧ୍ୟ ଲେଖିଥିଲେ ଯେ ଯଦି ଆପଣ (ତେଜସ୍‌ଓ୍ୱୀ ଯାଦବ) ମୁଖ୍ୟମନ୍ତ୍ରୀ ହୁଅନ୍ତି ତେବେ ଆମେ ମନ୍ତ୍ରୀ ପଦ ଚାହୁଁନାହୁଁ। ଆପଣ ନିଜେ ନିଷ୍ପତ୍ତି ନିଅନ୍ତୁ ଯେ ମୁଁ ଏଥିରୁ କ'ଣ ଲାଭ ପାଇବି... ଏଥିରୁ କ'ଣ ଲାଭ ପାଇବି। ଆରଜେଡି ଉପରେ ଆକ୍ରମଣ କରି ଏଆଇଏମଆଇଏମର ରାଷ୍ଟ୍ରୀୟ ଅଧ୍ୟକ୍ଷ କହିଛନ୍ତି, ଆମ ଏବଂ ସେମାନଙ୍କ ମଧ୍ୟରେ କେବଳ ଗୋଟିଏ ପାର୍ଥକ୍ୟ ଅଛି, ଆମେ କହୁଛୁ ଯେ ଆମେ ଏହା ଚାହୁଁଛୁ କିନ୍ତୁ ଏହା ପରେ ମଧ୍ୟ ସେମାନେ କଥା ହେବାକୁ ପ୍ରସ୍ତୁତ ନୁହଁନ୍ତି ତେଣୁ ବିହାରର ଲୋକମାନେ ଜାଣିସାରିଛନ୍ତି ଯେ କିଏ ପୁଣି ମୋଦୀ-ନୀତୀଶ ସରକାର ଗଠନକୁ ରୋକିବାକୁ ଚାହୁଁଛି ଏବଂ କିଏ ଆଣିବାକୁ ଚାହୁଁଛି। ତେଜସ୍ୱୀ ଶୁଣନ୍ତୁ... ଆରଜେଡି ନେତାଗଣ ଶୁଣନ୍ତୁ, ଆମେ ଆପଣଙ୍କୁ କହୁଛୁ ଯେ ଆପଣଙ୍କର ମୂର୍ଖତା ଆପଣଙ୍କୁ କ୍ଷତି କରିବ। ଆପଣଙ୍କର ଗର୍ବ ଆପଣଙ୍କୁ ଦୁର୍ବଳ କରିବ। ଆପଣ ଭାବନ୍ତି ଯେ ଆପଣ ସବୁକିଛି କରିପାରିବେ... ଆପଣ କରିପାରିବେ ନାହିଁ। ଯଦି ଆପଣ ବିହାରରେ ବିଜେପିକୁ ରୋକିବାକୁ ଚାହାଁନ୍ତି, ଯଦି ଆପଣ ବିହାରରେ ବିଜେପି ଏବଂ ନୀତିଶ କୁମାରଙ୍କ ସରକାରକୁ ପୁଣି ଥରେ ଗଠନ କରିବାରୁ ରୋକିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଓ୍ୱେସି ଏବଂ ଅଖତାରୁଲ ଇମାନଙ୍କ ହାତ ଧରିବାକୁ ପଡିବ।

# ୱାଙ୍ଗଚୁକ ଗିରଫ ଘଟଣା : କେନ୍ଦ୍ରକୁ ପ୍ରଶ୍ନ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ଗିରଫଦାରୀ ପରେ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଧାରା ୩୨ ଅନୁସାରେ ଆବେଦନ କରି ସ୍ୱାମୀଙ୍କ ଖଲାସ ଦାବି କରିଛନ୍ତି। ଏବେ ୱାଙ୍ଗଚୁକ ରାଜସ୍ଥାନର ଯୋଧପୁର ଜେଲରେ ରହିଛନ୍ତି। ଗୀତାଞ୍ଜଳି ସ୍ୱାମୀଙ୍କ ଗିରଫଦାରୀକୁ ଧାରା ୨୨ ଅଧୀନରେ ବେଆଇନ ବୋଲି କହିଛନ୍ତି।

ଲଦାଖ ହିଂସାକାଣ୍ଡ ଘଟଣାରେ ଗିରଫ ବିଶିଷ୍ଟ ପରିବେଶବିତ ସୋନମ ୱାଙ୍ଗଚୁକଙ୍କ ମାମଲାରେ କେନ୍ଦ୍ରକୁ ନୋଟିସ କରିଛନ୍ତି ସୁପ୍ରିମକୋର୍ଟ। ୱାଙ୍ଗଚୁକଙ୍କୁ ଜାତୀୟ ସୁରକ୍ଷା ଆଇନ ବା ଏନଏସ୍ଏ ବଳରେ ଲଦାଖ ପୁଲିସ୍ ଗିରଫ କରିଥିଲାଛ ଏହା ବିରୋଧରେ ୱାଙ୍ଗଚୁକଙ୍କ ପନୀ ଗୀତାଞ୍ଜଳି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେଛ ଓ୍ୱାଙ୍ଗଚୁକଙ୍କୁ ଏନଏସ୍ଏ ବଳରେ ଗିରଫ କରାଯାଇଥିବା ବେଳେ ଏହା ପଛର କାରଣ ସମ୍ପର୍କରେ କାହିଁକି ପତ୍ନୀ ଗୀତାଞ୍ଜଳିଙ୍କୁ ନୋଟିସ ଦିଆଯାଇ ନଥିଲା ବୋଲି କେନ୍ଦ୍ରକୁ ପ୍ରଶ୍ନ କରିଛନ୍ତି ସର୍ବୋଚ୍ଚ ଅଦାଲତ।

ଗୀତାଞ୍ଜଳି କରିଥିବା ଆବେଦନର ଶୁଣାଣି ଅକେଟାବର ୧୪ରେ ହେବ ବୋଲି ଜଷ୍ଟିସ ଅରବିନ୍ଦ କୁମାର ଓ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଦିନ ଧାର୍ଯ୍ୟ କରିଛି। ଆଜି ଅଳ୍ପ ସମୟର ଶୁଣାଣି ବେଳେ ଖଣ୍ଡପୀଠ ପକ୍ଷରୁ କେନ୍ଦ୍ର, ଜମ୍ମୁ-କଶ୍ମୀର ଓ ରାଜସ୍ଥାନ ସରକାରଙ୍କୁ ନୋଟିସ କରିଛନ୍ତି। ସେପେଟମ୍ବର ୨୬ରୁ ୱାଙ୍ଗଚୁକଙ୍କୁ ଗିରଫ କରାଯାଇଥିବେ ବେଳେ ପନୀ ଗୀତାଞ୍ଜଳି ତାଙ୍କୁ ଦେଖା କରିବାକୁ ଅନୁମତି ପାଇ ନାହାନ୍ତି। ଏହା ବିରୋଧରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଗିରଫଦାରୀର ଦୁଇ ଦିନ ପୂର୍ବରୁ ଲଦାଖରେ ରାଜ୍ୟ ମାନ୍ୟତା ଦାବିରେ ଭୟଙ୍କର ହିଂସାକାଣ୍ଡ ଦେଖିବାକୁ ମିଳିଥିଲା। ଏଥିରେ ୪ ଜଣ ମୃତ୍ୟୁ ଓ ୯୦ ଜଣ ଆହତ ହୋଇଥିଲେ। ରାଜ୍ୟ ମାନ୍ୟତା ଦାବିର ଚର୍ଚ୍ଚିତ ଚେହେରା ୱାଙ୍ଗଚୁକ ହୋଇଥିବାରୁ ସେ ହିଂସାକୁ ଉସକାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଆଧାର କରି ପୁଲିସ୍ ତାଙ୍କୁ ଏନଏସ୍ଏ ବଳରେ ଗିରଫ କରିଛି।

ଗିରଫଦାରୀ ପରେ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଧାରା ୩୨ ଅନୁସାରେ ଆବେଦନ କରି ସ୍ୱାମୀଙ୍କ ଖଲାସ ଦାବି କରିଛନ୍ତି। ଏବେ ୱାଙ୍ଗଚୁକ ରାଜସ୍ଥାନର ଯୋଧପୁର ଜେଲରେ ରହିଛନ୍ତି। ଗୀତାଞ୍ଜଳି ସ୍ୱାମୀଙ୍କ ଗିରଫଦାରୀକୁ ଧାରା ୨୨ ଅଧୀନରେ ବେଆଇନ ବୋଲି କହିଛନ୍ତି। ତାଙ୍କ କହିବା କଥା ଯେ ତାଙ୍କୁ କିମ୍ବା ତାଙ୍କ ସ୍ୱାମୀଙ୍କୁ ଗିରଫଦାରୀର କାରଣ ସମ୍ପର୍କରେ ଏଯାଏ ଅବଗତ କରାଯାଇ ନାହିଁ।

ଶୁଣାଣି ବେଳେ ଗୀତାଞ୍ଜଳିଙ୍କ ଓକିଲ କପିଲ ଶିବଲ କହିଛନ୍ତି ଯେ ଗିରଫଦାରୀର କାରଣ ସମ୍ପର୍କିତ ନୋଟିସ ବିନା ସେମାନେ ଏହାକୁ ଚ୍ୟାଲେଞ୍ଜ କରିପାରିବେ ନାହିଁ। ତେବେ ଭାରତର ସିଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ଗିରଫଦାରୀ କାରଣ ସମ୍ପର୍କିତ ନୋଟିସ ୱାଙ୍ଗଚୁକଙ୍କୁ ଦିଆଯାଇ ସାରିଛି ଓ ତାଙ୍କୁ ହେପାଜତକୁ ନିଆଯିବା ପରେ ତାଙ୍କ ଭାଇ ଏକଦା ତାଙ୍କୁ ଭେଟିଥିଲେ।

## ପଡିଆରେ ଅଶୋଭନୀୟ ଆଚରଣ

# ଦଣ୍ଡିତ ହେଲେ ପାକିସ୍ତାନ ଖେଳାଳି

ନୂଆଦିଲ୍ଲୀ : ଆଇସିସି ଆଚରଣ ସଂହିତା ଉଲ୍ଲଂଘନ କରିଥିବାରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ପାକିସ୍ତାନୀ କ୍ରିକେଟର ସିଦ୍ରା ଅମିନଙ୍କୁ ଦଣ୍ଡିତ କରିଛି । ଗତ ରବିବାର, ଭାରତ ବନାମ ପାକିସ୍ତାନ ମହିଳା ବିଶ୍ୱକପ୍ ମ୍ୟାଚ୍ ସମୟରେ, ଭାରତ ୮୮ ରନରେ ବିଜୟୀ ହୋଇଥିଲା । ସିଦ୍ରା ଅମିନ ମ୍ୟାଚ୍‌ରେ ୮୧ ରନ କରିଥିଲେ, କିନ୍ତୁ ଆଉଟ୍ ହେବା ପରେ ସେ ତାଙ୍କ ବ୍ୟାଟକୁ ପଡିଆରେ ପିଟି ଦେଇଥିଲେ ଏହି ଆଚରଣ ପାଇଁ ଆଇସିସି ତାଙ୍କୁ ଦଣ୍ଡିତ କରିଛି ।



ସିଦ୍ରା ଅମିନଙ୍କୁ ଆଇସିସି ଆଚରଣ ସଂହିତାର ଧାରା ୨.୨ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା, ଯେଉଁଥିରେ କୁହାଯାଇଛି ଯେ ଜଣେ ଖେଳାଳି ଏକ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ସମୟରେ କ୍ରିକେଟ ଉପକରଣ କିମ୍ବା ପୋଷାକ କିମ୍ବା ଭୂମିରେ ଥିବା କୌଣସି ସମ୍ପତ୍ତିକୁ କ୍ଷତି ପହଞ୍ଚାଇ ପାରିବେ ନାହିଁ। ଏହି ଘଟଣା ପାକିସ୍ତାନୀ ଇନିଂସର ୪୦ତମ ଓଭରରେ ଘଟିଥିଲା, ଯେତେବେଳେ ହରମନପ୍ରୀତ କୌରଙ୍କ ହାତରେ କ୍ୟାଚଆଉଟ ହେବା ପରେ ଅମିନ ରାଗିଯାଇଥିଲେ ।

ଏହି ଆଚରଣ ପାଇଁ ସିଦ୍ରା ଅମିନଙ୍କୁ ଗୋଟିଏ ଡିମେରିଟ୍ ପଏଣ୍ଟ ମଧ୍ୟ ଦିଆଯାଇଛି, ଏହା ୨୪ ମାସ ମଧ୍ୟରେ ତାଙ୍କର ପ୍ରଥମ ଅପରାଧ । ଲେବଲ୍ ୧ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବା ଖେଳାଳିଙ୍କୁ ସେମାନଙ୍କ ମ୍ୟାଚ୍ ଫିର ୫୦ ପ୍ରତିଶତ ଜରିମାନା କିମ୍ବା ଗୋଟିଏ କିମ୍ବା ଦୁଇଟି ଡିମେରିଟ୍ ପଏଣ୍ଟ ପ୍ରଦାନ କରାଯାଇପାରିବ । ଉଭୟ ଫିଲ୍ଡ ଅମ୍ପାୟାର, ତୃତୀୟ ଏବଂ ଚତୁର୍ଥ ଅମ୍ପାୟାର ମଧ୍ୟ ଅମିନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ।

ଭାରତ ବିପକ୍ଷ ବିଶ୍ୱକପ୍ ମ୍ୟାଚରେ ସିଦ୍ରା ଅମିନ୍ ପାକିସ୍ତାନର ସର୍ବାଧିକ ରନ୍ ସ୍କୋରର୍ ଥିଲେ । ସେ ୧୦୬ ବଲରୁ ୮୧ ରନର ଅର୍ଦ୍ଧଶତକ ହାସଲ କରିଥିଲେ ।

ପାକିସ୍ତାନର ପରବର୍ତ୍ତୀ ବିଶ୍ୱକପ୍ ମ୍ୟାଚ୍ ଅକ୍ଟୋବର ୮ ତାରିଖରେ ଅଷ୍ଟ୍ରେଲିଆ ବିପକ୍ଷରେ ହେବ । ପାକିସ୍ତାନ ଏହାର ଦୁଇଟି ମ୍ୟାଚରେ ହାରିବା ପରେ ପଏଣ୍ଟ ଟେବୁଲରେ ଷଷ୍ଠ ସ୍ଥାନରେ ଅଛି । ଏହି ସମୟରେ, ଭାରତୀୟ ଦଳ ଦୁଇଟି ମ୍ୟାଚରୁ ଦୁଇଟି ବିଜୟ ସହିତ ପ୍ରଥମ ସ୍ଥାନରେ ରହିଛି ।

## ମହିଳା ବିଶ୍ୱ କପ୍ କ୍ରିକେଟ୍

# ପାକକୁ ୮୮ ରନରେ ହରାଇ ଭାରତ ବିଜୟୀ

କଲମ୍ବୋ : କ୍ରିକେଟ୍ ପଡ଼ିଆରେ ଭାରତର ଅପରେସନ୍ ସିନ୍ଦୂର ଜାରି ରହିଛି । ଆଉ ଏକ ରବିବାର ଏବଂ ପାକିସ୍ତାନ ଆଉ ଥରେ ଧୂଳି ଚାଟିଛି । ପୁରୁଷ ଦଳ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ହ୍ୟାଟ୍ରିକ୍ ବିଜୟ ସହ ଏସିଆ କପ୍ ଜିତିବାର ମାତ୍ର ଗୋଟିଏ ସପ୍ତାହ ପରେ ଭାରତୀୟ ମହିଳା ଦଳ ମଧ୍ୟ ପାକିସ୍ତାନକୁ ପଡ଼ିଆ ଭିତରେ ଚି କରିଛି । ଚଳିତ ଏକଦିବସୀୟ ବିଶ୍ୱକପ୍ର ଷଷ୍ଠ ମ୍ୟାଚରେ ଏହି ଦଳକୁ ଏକତରଫା ଭାବେ ୮୮ ରନରେ ହରାଇ ଦେଇ ନିଜ ଅପରାଜୟ ଧାରାକୁ ଆହୁରି ଲମ୍ବିତ କରିଛି । ପାକିସ୍ତାନ ବିପକ୍ଷରେ ଟିମ୍ ଇଣ୍ଡିଆ ଏବେ ୧୨ଟି ଦିନିକିଆ ଖେଳି ସବୁତକ ଜିତିବାର ଅନନ୍ୟ ତଥା ଐତିହାସିକ ସଫଳତା ହାସଲ କରିଛି ।

ଏହି ବହୁ ପ୍ରତୀକ୍ଷିତ ଲଢେଇରେ ହରମନପ୍ରିତ କୌରଙ୍କ ଲେଡି ବାହିନୀ ପାକିସ୍ତାନ ବିପକ୍ଷରେ ୨୪୮ ରନର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଏହା ପରେ ଭାରତୀୟ ବୋଲର ନିଜ ଦମ୍ ଦେଖାଇ ପାକିସ୍ତାନକୁ ମାତ୍ର ୧୫୯ ରନ୍‌ରେ ଅଲଆଉଟ୍ କରି ଦେଇଥିଲେ । ଭାରତୀୟ ବୋଲର ଏମିତି ମାପଚୁପ ଓ ଶାଣିତ ବୋଲିଂ କରିଥିଲେ ଯେ ପାକିସ୍ତାନ ପାଳି ୭ ଓଭର ପୂର୍ବରୁ ହିଁ ସମାପ୍ତ ହୋଇଯାଇଥିଲା । ଅସହାୟ ପାକିସ୍ତାନର କେବଳ ତିନି ଜଣ ବ୍ୟାଟର୍ ଏକ ଅଙ୍କ ଆଗକୁ ବି ପାରିଥିଲେ । ଭାଗ୍ୟ ବଳରେ ଏକାଧିକ ଜୀବନଦାନ ପାଇ ୮୧ ରନର ପାଳି ଖେଳିଥିବା ସିଦ୍ରା ଅମିନ ଆଉଟ୍ ହେବା ପରେ ପାକିସ୍ତାନ ପାଳି ତାସ୍ ଘର ଭଳି ଭୁଶୁଡ଼ି ଯାଇଥିଲା ।



କ୍ରାନ୍ତି ଗେଡ଼ (୩/୨୦) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିଥିଲେ । ଏହି ପରାଜୟ ପରେ ପାକିସ୍ତାନ କ୍ରିକେଟ୍ ପ୍ରଶଂସକମାନେ ପୁଣି ଥରେ ନିଜ ଜାତୀୟ ଦଳର ଖେଳାଳିଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ନିଜ ଦଳକୁ ଭୀଷଣ ଟ୍ରୋଲ୍ କରିଛନ୍ତି । ଅନ୍ୟପକ୍ଷରେ ଭାରତୀୟ ପ୍ରଶଂସକ ବେଶ୍ ଉଲ୍ଲସିତ ଥିଲା ବେଳେ ସାରା ଦେଶରେ ଖୁସିର ଲହରି ଖେଳି ଯାଇଛି ।

କୋହଲା ପାଗ, ଫ୍ଲଡ୍ ଲାଇଟ୍ ତଥା ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ଭାରତୀୟ ଶୀର୍ଷକ୍ରମ ବ୍ୟାଟର୍ସମାନେ ପ୍ରତିଟି ରନ୍ ପାଇଁ ସଂଘର୍ଷ କରିଥିଲେ । ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତର ୮ଜଣ ବ୍ୟାଟର୍ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର୍‌ରେ ରୂପାନ୍ତର କରିପାରି ନଥିଲେ । ତାରକା ବ୍ୟାଟର୍ ସ୍ମୃତି ମନ୍ଧାନା ଓ ପ୍ରତୀକା ରାୱଲ ପ୍ରଥମ ୱିକେଟରେ ୪୮ ରନ୍ ଯୋଡ଼ିଥିଲେ । ମନ୍ଧାନା କିନ୍ତୁ ପୁଣି ଥରେ ବିଫଳ ହୋଇ ୨୩ ରନରେ ଅଟକି ଯାଇଥିଲେ । ପ୍ରତୀକା ୩୧, ଅଧିନାୟିକା ହରମନପ୍ରୀତ କୌର ୧୯ ଓ ଜେମିମା ରଡ୍ରିଗ୍ସ ୩୨ ରନ୍ ଆଗକୁ ବି ପାରି ନଥିଲେ । ହର୍ଲିନ ଦେଓଲ ୪୬ ରନର ଉପଯୋଗୀ ପାଳି ଖେଳିଥିଲେ । ଶେଷରେ ରିଚା ଘୋଷଙ୍କ (୩୫, ୨୦ ବଲ୍, ୩ ଛକା, ୨ ଛକା) ବିସ୍ଫୋରକ ପାଳି ବଳରେ ଭାରତ ୨୪୭ ରନ୍ କରିଥିଲା । ଶେଷ ବଲରେ ଶେଷ ୱିକେଟ୍ ହରାଇ ପ୍ରଥମ ଥର ପାଇଁ ପାକିସ୍ତାନ ବିପକ୍ଷରେ ଅଲ୍‌ଆଉଟ୍ ହେବାର ଆଲୋଡ଼ା ରେକର୍ଡ କରିଥିଲା ।

ସଂକ୍ଷିପ୍ତ ସ୍କୋର୍ : ଭାରତ ୫୦ ଓଭରରେ ୨୪୭ (ହର୍ଲିନ ଦେଓଲ ୪୬, ରିଚା ଘୋଷ ୩୫, ଜେମିମା ରଡ୍ରିଗ୍ସ ୩୨, ଦୀପ୍ତି ଶର୍ମା ୨୫, ଡାଏଗା ବେଗ୍ ୪/୬୯, ଫତିମା ସାନା ୨/୩୮, ସାଦିଆ ଇକ୍ବାଲ୍ ୨/୪୭) । ପାକିସ୍ତାନ ୪୩ ଓଭରରେ ୧୫୯ (ସିଦ୍ରା ଅମିନ ୮୨, ନତାଲିଆ ପର୍ଭେଜ ୩୩, କ୍ରାନ୍ତି ଗେଡ଼ ୩/୨୦, ଦୀପ୍ତି ଶର୍ମା ୩/୪୫, ସ୍ନେହ ରାଣା ୨/୩୮) ।

# ତୃତୀୟ ପତ୍ନୀଙ୍କୁ ଛାଡପତ୍ର ଦେବେ ସୋଏବ ମାଲିକ

ନୂଆଦିଲ୍ଲୀ: ପୂର୍ବତନ ପାକିସ୍ତାନୀ କ୍ରିକେଟର ସୋଏବ ମାଲିକ ପୁଣିଥରେ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଚର୍ଚ୍ଚାରେ ଅଛନ୍ତି। ରିପୋର୍ଟ ଅନୁସାରେ ସେ ତାଙ୍କ ତୃତୀୟ ପନୀ ସାନା ଜାଭେଦଙ୍କୁ ଛାଡପତ୍ର ଦେଉଛନ୍ତି। ସୋଏବ ଏବଂ ସାନା ଗତ ବର୍ଷର ପ୍ରଥମ ମାସରେ



ବିବାହ କରିଥିଲେ ଏବଂ ସୋସିଆଲ ମିଡିଆରେ ବିବାହ ଫଟୋ ସେୟାର କରିଥିଲେ। ଏବେ କୁହାଯାଉଛି ଯେ ଏହି ଦମ୍ପତି ଅଲଗା ହୋଇ ଛାଡପତ୍ର ନେଉଛନ୍ତି। ସୋଏବ ପୂର୍ବରୁ ତାଙ୍କର ଦ୍ୱିତୀୟ ପନୀ ତଥା ପୂର୍ବତନ ଭାରତୀୟ ଟେନିସ୍ ଷ୍ଟାର ସାନିଆ ମିର୍ଜାଙ୍କୁ ଛାଡପତ୍ର ଦେଇସାରିଛନ୍ତି। ଜାନୁଆରୀ ୨୦୨୪ରେ, ସୋଏବ ଓ ସାନା କରାଚୀରେ ଏକ ବ୍ୟକ୍ତିଗତ ଉତ୍ସବରେ ବିବାହ କରିଥିଲେ। ସୋଏବଙ୍କ ବିବାହ ସେତେବେଳେ ବହୁଳ ଭାବରେ ଆଲୋଚନା ହୋଇଥିଲା। ବିବାହ ପୂର୍ବରୁ, ସୋଏବ ଏବଂ ସାନା ଡେଟ କରୁଥିଲେ। ନିକଟରେ ଏକ କାର୍ଯ୍ୟକ୍ରମରେ ସେମାନଙ୍କୁ ଅଲଗା ଅଲଗା ଆସିଥିବାର ଦେଖାଯିବାରୁ ସେମାନଙ୍କ ଛାଡପତ୍ରର ଗୁଜବ ଜୋର ଧରିଥିଲା। ସେମାନେ ପୁରା କାର୍ଯ୍ୟକ୍ରମରେ ପାଖକୁ ଆସିନଥିଲେ କିମ୍ବା ପରସ୍ପର ସହିତ କଥାବାର୍ତ୍ତା ମଧ୍ୟ କରିନଥିଲେ। ଶୋଏବ ମଲିକ ୨୦୦୨ ମସିହାରେ ଆୟେଶା ସିଦ୍ଦିକିଙ୍କୁ ପ୍ରଥମ ବିବାହ କରିଥିଲେ ଏବଂ ୨୦୧୦ ମସିହାରେ ସେମାନଙ୍କର ବିବାହ ଶେଷ ହୋଇଥିଲା। ପ୍ରଥମ ଛାଡପତ୍ର ପରେ, ସୋଏବ ୨୦୧୦ ମସିହାରେ ସାନିଆ ମିର୍ଜାଙ୍କୁ ବିବାହ କରିଥିଲେ, ଯାହାକୁ ଭାରତରେ ବହୁତ ବିରୋଧ କରାଯାଇଥିଲା। ସୋଏବ ଏବଂ ସାନିଆଙ୍କ ସମ୍ପର୍କ ୧୩ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା ଏବଂ ୨୦୨୩ ମସିହାରେ ସେମାନଙ୍କର ଛାଡପତ୍ର ହୋଇଥିଲା। ସାନିଆଙ୍କଠାରୁ ଛାଡପତ୍ର ପରେ ୨୦୨୪ ମସିହାରେ, ସାନା ଜାଭେଦ ସୋଏବଙ୍କ ଜୀବନରେ ପ୍ରବେଶ କରିଥିଲେ ଏବଂ ସେମାନେ ଜାନୁଆରୀ ୨୦୨୪ ମସିହାରେ ବିବାହ କରିଥିଲେ।

# ବାଲୁକା କଳାରେ ଟିଟି


ଭୁବନେଶ୍ୱର: ଭୁବନେଶ୍ୱରରେ ଚଳିତ ମାସ ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି ୨୮ତମ ଏସିଆନ୍ ଟେବୁଲ ଟେନିସର ଦଳଗତ ପ୍ରତିଯୋଗିତା । ଏହି ୫ଦିନିଆ ପ୍ରତିଯୋଗିତାରେ ୨୨ଟି ଦେଶରୁ ପ୍ରାୟ ୫୦୦ ପାଖାପାଖି ଖେଳାଳି ଏବଂ ମ୍ୟାଚ୍ ଅଧିକାରୀ ଭାଗ ନେବାର ସମ୍ଭାବନା ରହିଛି । ଭାରତରେ ୧୬ ବର୍ଷ ପରେ ଏହି ପ୍ରତିଯୋଗିତା ଆୟୋଜନ ହେଉଥିବା ବେଳେ ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଆନ୍ତଃମହାଦେଶୀୟ ଦୁଇ ବାର୍ଷିକୀ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଚୀନ, ଜାପାନ, ଦକ୍ଷିଣ କୋରିଆ ଆଦି ବିଶ୍ୱର ଶ୍ରେଷ୍ଠ ଦଳ ଏବଂ ତାରକା ଟିଟି ଖେଳାଳିମାନେ ନିଜ ନିଜର ପରାକ୍ରମ ଦେଖାଇବେ । ଏହି ପ୍ରତିଯୋଗିତାର ପ୍ରଚାର ଏବଂ ଓଡ଼ିଶାରେ ଟେବୁଲ ଟେନିସର ପ୍ରସାର ବୃଦ୍ଧି କରିବା ନିମନ୍ତେ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ସଂଘ ଏବଂ ଓଡ଼ିଶା ସରକାରଙ୍କ ତରଫରୁ ଏକାଧିକ ପଦକ୍ଷେପ ନିଆଯାଇଛି ।






ଏହି କ୍ରମରେ ରବିବାର ପୁରୀର ଲାଇଟ୍ ହାଉସଠାରେ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ଉଦ୍ୟମରେ ଟେବୁଲ ଟେନିସକୁ ନେଇ ଏକ ବାଲୁକା କଳାକୃତିର ପ୍ରଦର୍ଶନ ହୋଇଥିଲା । ୧୮ ଫୁଟ ଲମ୍ବା ଏବଂ ୭ ଫୁଟ ଉଚ୍ଚ ଏହି କଳାକୃତି ପ୍ରସ୍ତୁତ କରିବା ପାଇଁ ଘଣ୍ଟାଧିକ ସମୟ ଲାଗିଥିଲା । ଏଥିରେ ଏସିଆର ଶ୍ରେଷ୍ଠ ଟିଟି ଖେଳାଳ ଭୁବନେଶ୍ୱର ଆସୁଛନ୍ତି ଏବଂ ଏହି କଳାକୃତି ସହିତ ଓଲି ମାସ୍କଟ୍ ଠିଆ ହୋଇ ଏହି ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ପ୍ରସ୍ତୁତ ବୋଲି ବାର୍ତ୍ତା ଦେଇଥିଲା । ଏହି କଳାକୃତି ଦେଖିବା ଏବଂ ଏହା ସହ ଫଟୋ ଉଠାଇବା ପାଇଁ ଅନେକ ଲୋକ ଆଗ୍ରହ ଦେଖାଇଥିଲେ ।


## ରାଜ୍ୟସ୍ତରୀୟ ଅସୀ ଚାଳନାରେ ଭାଗ ନେବେ ସମ୍ବଲପୁରର ୫୦ଖେଳାଳୀ


ସମ୍ବଲପୁର, (ସବ୍ୟୁ): କଟକ ଜବାହାରଲାଲ ନେହେରୁ ଷ୍ଟାଡିୟମ ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଅସୀ ଚାଳନା ପ୍ରତିଯୋଗିତାରେ ସମ୍ବଲପୁରର ୫୦ଜଣ ଖେଳାଳୀ ଭାଗ ନେବେ । ଏହାପୂର୍ବରୁ ସ୍ଥାନୀୟ କୋଶଳ ମଣ୍ଡପ ଧନୁପାଲି ଠାରେ ଚୟନ ଶିବିର ହୋଇଥିଲା । ଯୋଗ୍ୟ ଖେଳାଳୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି । ଜିଲ୍ଲା କ୍ରୀଡା ଅଧିକାରୀ ଡ. ସତ୍ୟନାରାୟଣ ତାଣ୍ଡି କୃତି ଖେଳାଳୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଖେଳାଳୀଙ୍କୁ କୋଚ ରଶ୍ମିତା ପୁରୋହିତ ଓ ସୂର୍ଯ୍ୟକାନ୍ତ ବେହେରା ତାଲିମ ପ୍ରଦାନ କରିଛନ୍ତି।




Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି